ସର୍ବାଧିକ ଆସନ ଜିତି ବି ଅସହାୟ

ପୃଷ୍ଠା ୫

ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 218 ଭାଗ ୩୪ | ସଂଖ୍ୟା ୨୧୮ | Sunday 01 November 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୧ ନଭେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଆଜି ଇଣ୍ଡିଆ ବ୍ଲକ୍‌ର ମହାର୍‍ୟାଲି

ନୂଆଦିଲ୍ଲୀ,୩୧।୧୦: ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)ରେ ଅନିୟମିତତା ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଇସ୍ତଫା ଦାବିରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ଆସନ୍ତାକାଲି ଏକ ମହାରାଲିର ଆହ୍ୱାନ ଦେଇଛି। ରାମଲୀଳା ମୈଦାନରେ ଏହି ରାଲି କରିବା ପାଇଁ ଦିଲ୍ଲୀ ପୁଲିସ ଅନୁମତି ପ୍ରଦାନ କରିଛି। ମଧ୍ୟାହ୍ନରେ 'ଜ୍ଞାନୁ ମସ୍ତ ଗୋ' ନାରା ସହ ମହାରାଲି ଆରମ୍ଭ ହେବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ମିଣ୍ଟୋରୋଡ-କନ୍ନଟ ପ୍ଲେସ ଜଙ୍କସନରୁ ମହାଶୋଭାଯାତ୍ରା ଆରମ୍ଭ ହୋଇ ଏହା ରାମଲୀଳା ମୈଦାନରେ ପହଞ୍ଚିବ। ଏହି ରାଲିକୁ ସମର୍ଥନ କରିବାକୁ କଲ୍ୟାଣ ଜନତା ପାର୍ଟି (ସିଜେପି) ସହମତ ପ୍ରକାଶ କରିଥିବାବେଳେ ଅଲଇଣ୍ଡିଆ ଛାତ୍ର ସଂଗଠନର ନେତ୍ରୀ ନେହା ବୋରା ମଧ୍ୟ ରାଲିରେ ଯୋଗଦେବେ ବୋଲି ଜଣାଇଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏକ୍ସରେ 'ଜ୍ଞାନୁ ମସ୍ତ ଗୋ' ବୋଲି ଲେଖିଛନ୍ତି।

ଭୂସ୍ଖଳନ ଓ ଆଗାମୀ ବାତ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମାଟି ତଳେ ନିଖୋଜଙ୍କୁ ଖୋଜିବ ସେନ୍ସର

- ଭୂସ୍ଖଳନ ସ୍ଥଳରେ ଲାଗିବ 'ସିସ୍ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍'
- ଉଦ୍ଧାର କାର୍ଯ୍ୟ ପାଇଁ ଆସୁଛି ରେଳବାଇର 'ଚେନ୍ ପୁଲିଂ ସିଷ୍ଟମ୍'
- ସମ୍ଭାବ୍ୟ ବାତ୍ୟା ପାଇଁ ଆଶ୍ରୟସ୍ଥଳୀ ସହ ମହଜୁଦ ରହିବ ରିଲିଫ୍
- ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ
- ଗଣମାଧ୍ୟମକୁ ଦିଆଯାଉ ସଠିକ୍ ତଥ୍ୟ, ରୋକାଯାଉ ଭ୍ରମାତ୍ମକ ଖବର

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଓ ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଓ ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟସୂଚୀ ସମ୍ପର୍କରେ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନିଆଯାଉ ଓ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ସେ କହିଛନ୍ତି। ବାତ୍ୟା କ୍ଷୟକ୍ଷତିର ସଠିକ୍ ➪ପୃଷ୍ଠା-୬

'ଅର୍ଣ୍ଣବ' ପ୍ରଭାବରେ ୪ ମୃତ, ୧୨ ନିଖୋଜ

ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଭୂସ୍ଖଳନ ଓ ବନ୍ୟାରେ ପ୍ରାୟ ୪ ଜଣଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା ଗଞ୍ଜାମ ଜିଲ୍ଲାରେ ଏକ ଭୂସ୍ଖଳନ ଘଟଣାରେ ୧୨ ଜଣ ବ୍ୟକ୍ତି ନିଖୋଜ ଅଛନ୍ତି। କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ୍‌ରୁ ୩ ଜଣଙ୍କ ମୃତ୍ୟୁ ଖବର ମିଳିଥିବା ବେଳେ ଗଜପତି ଜିଲ୍ଲାରୁ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ପ୍ରଭାକର ପାଟିଲଙ୍କ ସୂଚନାନୁଯାୟୀ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗ୍ରାମରେ ଭୂସ୍ଖଳନ ଘଟିବା ପରେ ୧୨ ଜଣ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜି ବାହାର କରିବା ପାଇଁ ଗତ ରାତିରୁ ଏକ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଅଭିଯାନରେ ଅଗ୍ନିଶମ ସେବା, ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ (ଏସଓଜି) ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ)ର ପ୍ରାୟ ୧୬୦ରୁ ୧୭୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଗଞ୍ଜାମ ଓ ଗଜପତି ➪ପୃଷ୍ଠା-୬

ନଭେମ୍ବର ୪ରୁ ବଦଳିବ ପାଗ

ମାଡ଼ି ଆସୁଛି ଆଉ ଏକ ବାତ୍ୟା

୫ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ-ନିକୋବର ଦୀପପୁଞ୍ଜ ତଥା ଆଣ୍ଡାମାନ ସାଗର ଉପରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆଗାମୀ ୬ ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତା' ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ନଭେମ୍ବର ୩ ତାରିଖ ସକାଳେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳର ନେଲୋର ଓ ନର୍ସାପୁର ମଧ୍ୟରେ ଦେଇ ଭୀଷଣ ବାତ୍ୟା ଭାବେ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ଓ ଝଟକା ପବନର ବେଗ ୧୨୦ କିମି ଛୁଇଁବ ବୋଲି ଆକଳନ କରାଯାଉଛି।

ଆସନ୍ତାକାଲି ରାଜ୍ୟରେ ବଡ଼ ଧରଣର ବର୍ଷାର ବିଶେଷ ସମ୍ଭାବନା ନାହିଁ। ତେବେ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ନଭେମ୍ବର ୨ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ଓ ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସେହିଭଳି ନଭେମ୍ବର ୪ ଓ ୫ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ➪ପୃଷ୍ଠା-୬

ଓଡ଼ିଶାର ଜୀବନଶୈଳୀକୁ ଡିଜିଟାଲ ପ୍ଲାଟଫର୍ମରେ ଲୋକଲୋଚନକୁ ଆଣିବା

ନୂଆପିଢ଼ିର 'ଚିନ୍ତାଧାରାର ସ୍ୱଚ୍ଛତା' ଓ ମାଟି ସହ ଜଡ଼ିତ ରହିବା ପ୍ରେରଣାଦାୟୀ

ନୂଆଦିଲ୍ଲୀ,୩୧।୧୦: ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ପିଠାପଣାଠାରୁ ଆରମ୍ଭ କରି ପ୍ରତ୍ୟେକଟି ସାମାଜିକ ବିଷୟବସ୍ତୁ ହେଉଛି ସ୍ୱତନ୍ତ୍ର । ଏହି ବିଶେଷତାକୁ ଏକବିଂଶ ଶତାବ୍ଦୀରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଲୋକଲୋଚନକୁ ଆଣିବା ହିଁ ଯୁବପିଢ଼ି ପାଇଁ ବଡ଼ ଆହ୍ୱାନ ବୋଲି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

ଆଜି ଏଠାରେ ଯୁବ ଲେଖକ ହୃଦାନନ୍ଦ ପୃଷ୍ଟିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବ୍ୟାକ୍ ଟୁ ଭିଲେଜ୍'ର ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିକାଲି ଟେକ୍ନୋଲୋଜିକାଲ୍ ଇନୋଭେସନ୍, ତାହାର ବିଧ୍ୱଂସୀ ପ୍ରଭାବ ଓ ମାନବୀୟ କ୍ଷମତା ମଧ୍ୟରେ ଏକ ବ୍ୟବଧାନ ଦେଖାଯାଉଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ମାନବୀୟ ବୁଦ୍ଧିମତ୍ତା ମଧ୍ୟରେ ଚାଲିଥିବା ବିତର୍କରେ ଶେଷରେ ମାନବୀୟ ମୂଲ୍ୟବୋଧର ହିଁ ବିଜୟ ହେବ। ଆଜି ଏଆଇ ପଦାର୍ଥ ବିଜ୍ଞାନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, କ୍ଲିନିକାଲ୍ ରିସର୍ଚ୍ଚ ଓ ସମସ୍ତ କ୍ଷେତ୍ରକୁ ଛୁଇଁଛି, କିନ୍ତୁ ଏହାର ନିର୍ମାତା ଏକ କ୍ଷୁଦ୍ର ଗୋଷ୍ଠୀ ହୋଇଥିବା ବେଳେ ଏହାର ପ୍ରୟୋଗ ସମଗ୍ର ସମାଜ ଉପରେ ହେଉଛି ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଆମେରିକା ଭଳି ବିକଶିତ ଦେଶରେ ପ୍ରାୟ ନବେ ପ୍ରତିଶତ ଲୋକଙ୍କ ପାଖରେ ବ୍ୟକ୍ତିଗତ କମ୍ପ୍ୟୁଟର ଥିବା ବେଳେ ଭାରତର ସ୍ୱଳ୍ପ ଲୋକଙ୍କ ପାଖରେ କମ୍ପ୍ୟୁଟର ରହିଛି। ଏତେ ବଡ଼ ବ୍ୟବଧାନ ଥାଇ ମଧ୍ୟ ସମଗ୍ର ବିଶ୍ୱର ପ୍ରାୟ ୫୦ ପ୍ରତିଶତ ଡିଜିଟାଲ୍ ➪ପୃଷ୍ଠା-୬

ଏକତରଫା ପ୍ରେମର କରୁଣ ପରିଣତି

ଘରୁ ଟାଣିନେଇ ଛାତ୍ରୀଙ୍କ ଗଳା କାଟିଦେଲେ!

- ଘର ପାଖ ଯୋରରୁ ମିଳିଲା ମୃତଦେହ
- ରକ୍ତଭିଜା ଛୁରୀ ଜବତ

ମହାକାଳପଡ଼ା/ମାର୍ଶାଘାଇ,୩୧।୧୦ (ସଂଚାର ବ୍ୟୁରୋ): ଏକତରଫା ପ୍ରେମର ଭୟଙ୍କର ପରିଣତି! ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିବାରୁ ଘରୁ ଜଣେ ଯୁବତୀଙ୍କୁ ଟାଣିନେଇ ଗଳା କାଟି ହତ୍ୟା କରିବା ଭଳି ବୀଭତ୍ସ ଘଟଣା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବତୀ ହେଉଛନ୍ତି ଗ୍ରାମର ସୁଶାନ୍ତ ବେହେରାଙ୍କ ଝିଅ ସସ୍ମିତା ବେହେରା। ସେ ମାର୍ଶାଘାଇ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଥିଲେ। ଗତ ଗୁରୁବାର ସକାଳେ ଘର ପଛପଟ ଏକ ଜୋରରୁ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ମିଳିବା ପରେ ସମଗ୍ର ଅଞ୍ଚଳରେ ଶୋକ ଓ ଉତ୍ତେଜନାର ମାହୋଲ ସୃଷ୍ଟି ହୋଇଛି।
ମୃତ ଛାତ୍ରୀଙ୍କ ବାପା ସୁଶାନ୍ତ ମାର୍ଶାଘାଇ ଥାନାରେ ଦେଇଥିବା ଲିଖିତ ଏତଲା ଅନୁଯାୟୀ, କୁରୁତୁଙ୍ଗା (ବାଲିସାହି) ଗ୍ରାମର ବିଜୟ ମହାନ୍ତିଙ୍କ ପୁଅ ଅରଜିତ ସସ୍ମିତାଙ୍କୁ ଏକତରଫା ପ୍ରେମ ନିବେଦନ କରିବା ସହ ବାରମ୍ବାର ହଇରାଣ ହରକତ କରିଆସୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ସୁଶାନ୍ତ ଅରଜିତଙ୍କୁ ନିଜ ଘରକୁ ଡାକି ବୁଝାସୁଝା କରିଥିଲେ। ଏଥିସହ ସସ୍ମିତା ମଧ୍ୟ ଅରଜିତ୍‌ଙ୍କୁ ବିବାହ କରିବାକୁ ଆଦୌ ରାଜି ନ ଥିଲେ। ତେବେ ଗତ ୩୦ ତାରିଖ ରାତି ପ୍ରାୟ ୧୦ଟା ସମୟରେ ସୁଶାନ୍ତ ଝିଅକୁ ଘରେ ନପାଇ ଖୋଜାଖୋଜି କରିଥିଲେ। ➪ପୃଷ୍ଠା-୬

ବାଣଫୁଟା ଉପରେ କଟକଣା

- ସବୁଜ ବାଣ ବ୍ୟବହାର ଉପରେ ଗୁରୁତ୍ୱ
- ରାତି ୯ଟା ପରେ ବାଣଫୁଟା ବନ୍ଦ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଦୀପାବଳିରେ ବାଣ ଫୁଟାଇବାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗାଇଡଲାଇନ୍ ଜାରି କରିଛି। ସବୁଜ ବାଣ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଦୀପାବଳିକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିବା ସହ ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛି ବୋର୍ଡ। ଏଥିପାଇଁ ବାଣ ଫୁଟାଇବାକୁ ନେଇ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି ହୋଇଛି। ଏହି ନିୟମରେ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ରୋକିବା ସହ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ବାଣ ଫୁଟାଇବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ କେବଳ ଦୁଇ ଘଣ୍ଟା ପାଇଁ ଅନୁମତି ରହିଛି। ଏହି ସମୟରେ ମଧ୍ୟ କେବଳ ପରିବେଶ ଅନୁକୂଳ ଗ୍ରୀନ୍ କ୍ରାକର୍ସ ଫୁଟାଇପାରିବେ।

ଗାଇଡଲାଇନ୍ ଅନୁଯାୟୀ, ଦୀପାବଳିରେ କେବଳ ଅନୁମୋଦିତ ସବୁଜ ବାଣ ବ୍ୟବହାର କରିବାକୁ କୁହାଯାଇଛି। ବାଣ କିଣିବା ପୂର୍ବରୁ ତାହା ଅସଲି ଓ ଅନୁମୋଦିତ ➪ପୃଷ୍ଠା-୬

ରାଜ୍ୟକୁ କେନ୍ଦ୍ରର ଅତିରିକ୍ତ କର ହସ୍ତାନ୍ତର

ପାର୍ବଣରେ ପୁଞ୍ଜି ବ୍ୟୟ ଓ ବିକାଶକୁ ମିଳିବ ଗତି

ୟୁପିକୁ ସର୍ବାଧିକ ୧୧୨୦୮, ଓଡ଼ିଶାକୁ ୪୮୧୯ କୋଟି

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ରାଜ୍ୟଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ପାର୍ବଣ ଋତୁରେ ପୁଞ୍ଜିଗତ ବ୍ୟୟ ପାଇଁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅଗ୍ରୀମ କିସ୍ତିର କର ହସ୍ତାନ୍ତର କରିଛନ୍ତି। ଏହି କ୍ରମରେ ଓଡ଼ିଶାକୁ ୪,୮୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୩୧ ଅକ୍ଟୋବର ୨୦୨୬ରେ ସମସ୍ତ ରାଜ୍ୟକୁ ମୋଟ ୧,୦୯,୦୧୯ କୋଟି ଟଙ୍କାର କର ହସ୍ତାନ୍ତର କରାଯାଇଛି। ଏହି ରାଶି ନିୟମିତ ମାସିକ କର ହସ୍ତାନ୍ତର ବ୍ୟତୀତ ଅତିରିକ୍ତ କିସ୍ତି ଭାବେ ପ୍ରଦାନ କରାଯାଇଛି। ପାର୍ବଣ ଋତୁକୁ ଦୃଷ୍ଟିରେ ➪ପୃଷ୍ଠା-୬

ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଅତିରିକ୍ତ ୨୫ ଏମ୍‌ବିବିଏସ୍ ସିଟ୍

କୋରାପୁଟ,୧।୧୧ (ସଂଚାର ବ୍ୟୁରୋ) : କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୫ଟି ଏମ୍‌ବିବିଏସ୍ ସିଟ୍ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ କଲେଜରେ ବାର୍ଷିକ ଏମ୍‌ବିବିଏସ୍ ନାମଲେଖା ସଂଖ୍ୟା ୧୨୫ରୁ ବୃଦ୍ଧି ପାଇ ୧୫୦ରେ ପହଞ୍ଚିବ। ୨୦୨୭-୨୮ ଶିକ୍ଷାବର୍ଷରୁ ଏହି ନୂତନ ସିଟ୍ ବ୍ୟବସ୍ଥା ଲାଗୁ ହେବ। ଏନେଇ ୨୯ ଅକ୍ଟୋବର ୨୦୨୬ରେ ଜାରି ହୋଇଥିବା ସରକାରୀ ଆଦେଶରେ ଏନ୍‌ଏମ୍‌ସିକୁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ସିଟ୍ ବୃଦ୍ଧି ସମସ୍ତ ପ୍ରଚଳିତ ନିୟମ ଓ ନିୟାମକ ସର୍ତ୍ତ ପାଳନ ଉପରେ ନିର୍ଭର କରିବ। ମେଡିକାଲ କଲେଜ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ, ଦସ୍ତାବିଜ୍ ଓ ଅନ୍ୟାନ୍ୟ ତଥ୍ୟକୁ ବିଚାର କରିବା ପରେ ➪ପୃଷ୍ଠା-୬

୨୦୨୭-୨୮ ଶିକ୍ଷାବର୍ଷରୁ ୧୫୦ ସିଟ୍‌ରେ ହେବ ନାମଲେଖା

ଦୋ'ଛକିରେ ନବୀନ ପଟ୍ଟନାୟକ

ଇଣ୍ଡି ମେଣ୍ଟକୁ ସମର୍ଥନ ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆସନ୍ତାକାଲି ଇଣ୍ଡିଆ ମେଣ୍ଟ ତରଫରୁ ଏସଆଇଆର ଓ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀ ରାମଲୀଳା ମଇଦାନଠାରେ ବଡ଼ ଆନ୍ଦୋଳନ ହେବାକୁ ଯାଉଛି। ହେଲେ ଇଣ୍ଡି ମେଣ୍ଟର ଅକ୍ଟୋବର ୬ ପ୍ରଥମ ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ତା'ର ଆଭିମୁଖ୍ୟ ଏ ଯାଏଁ ସ୍ପଷ୍ଟ କରିନାହିଁ । ଦଳ ଆସନ୍ତାକାଲି ଦିଲ୍ଲୀ ଆନ୍ଦୋଳନରେ ସାମିଲ ହେବ ନା ଏହାଠାରୁ ଦୂରେଇ ରହିବ, ସେନେଇ କୌଣସି ସ୍ପଷ୍ଟ ମତ ରଖିନି। ଦଳର ନେତାମାନେ କହିଛନ୍ତି ଯେ ଏ ପ୍ରସଙ୍ଗରେ ବିଜେଡି ନିଜସ୍ୱ ତରିକାରେ ପ୍ରତିବାଦ କରୁଛି। ଦଳ ସଭାପତି ଠିକ୍ ସମୟରେ ଏହା ଉପରେ ନିଷ୍ପତ୍ତି ନେବେ।ଗତ ଅକ୍ଟୋବର ୬ ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ଏଯାଏଁ କାହିଁକି ଖୋଲୁନି କାର୍ଡ। ଭୋଟ୍ ଚୋରି ଅଭିଯୋଗରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏସଆଇଆର ପ୍ରତ୍ୟାହାର ଦାବିରେ ➪ପୃଷ୍ଠା-୬

ଦୀପାବଳୀ ପୂର୍ବରୁ ନୟାନ୍ତ କଲାଣି ଦରବୃଦ୍ଧି

- ଡାଲି, ଅଟା, ସୁଜି, ତେଲ, ଚିନି ସବୁ ମହଙ୍ଗା
- ଅଭିବୃଦ୍ଧି ପରିସଂଖ୍ୟାନକୁ ଅବିଶ୍ୱାସ
- ଗରିବ ରାଜ୍ୟର ଲୋକେ ଛଟପଟ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଦୀପାବଳୀ ପୂର୍ବରୁ ପୂର୍ଣ୍ଣାଥରେ ଖାଦ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କୁ ନୟାନ୍ତ କଲାଣି। ଅଟାଠାରୁ ଚିନି ପର୍ଯ୍ୟନ୍ତ ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦରବୃଦ୍ଧି ଏଭଳି ଉଚ୍ଚତ ହେଉଛି ଯେ ସରକାର ଦେଖାଉଥିବା ଅଭିବୃଦ୍ଧିର ପରିସଂଖ୍ୟାନକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସମଗ୍ର ଦେଶରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ବଢ଼ି ଚାଲିଥିବା ବେଳେ ଓଡ଼ିଶା ଭଳି ଗରିବ ବିଶେଷକରି ଖାଉଟି ରାଜ୍ୟର ଲୋକେ ଛଟପଟ ହେବାରେ ଲାଗିଛନ୍ତି। ରାଜ୍ୟରେ ଏବେ ଚାଉଳ କିଲୋ ପ୍ରତି ୧୦ ରୁ ୨୦ ଟଙ୍କା ବଢ଼ିଥିବା ବେଳେ ଖାଇବା ତେଲ, ଡାଲି, ଅଟା, ସୁଜି, ଚିନି ଆଦିର ଦର ପ୍ରତିଶତ ବଢ଼ିବାରେ ଲାଗିଛି। ଧୀରେ ଧୀରେ ଏହା ନିମ୍ନ ମଧ୍ୟବିତ୍ତ ଏପରିକି ମଧ୍ୟବିତ୍ତଙ୍କ ପକେଟକୁ ଖାଲି କରିବାରେ ଲାଗିଛି। ସାଧାରଣ ଦିନମଜୁରିଆଙ୍କ ସ୍ଥିତି କହିଲେ ନ ସରେ। ଦରଦାମ ନିୟନ୍ତ୍ରଣ ପାଇଁ ଯେଉଁ ଉଦ୍ୟମ କଲେ ବି ସରକାର ଏଥିରେ ରୋକ୍ ଲଗାଇ ପାରୁନାହାନ୍ତି। ଦେଶରେ ଯେଉଁ କେତୋଟି ହାତଗଣତି ରାଜ୍ୟରେ ଦରଦାମ ଉଚ୍ଚତ ହେବାରେ ଲାଗିଛି ସେମିତିଧରେ ➪ପୃଷ୍ଠା-୬

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି

(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

ଡେରାବିଶ ବ୍ଲକ୍‌ରେ କୋଟିଏରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ହଡ଼ପ ଅଭିଯୋଗ

କେନ୍ଦ୍ରାପଡ଼ା,୩୧।୧୦(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ୍ ପ୍ରଶାସନରେ ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି। ସରକାରୀ ତହବିଲରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ଜିଲ୍ଲା ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ବ୍ଲକ୍‌ର ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ନମିତା ବାରିକଙ୍କ କାର୍ଯ୍ୟକାଳ ସମୟରେ ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ଉଠିଛି।

ବ୍ଲକ୍‌ର ବରିଷ୍ଠ କିରାଣି ଶଶିକାନ୍ତ ରଣା ଜାଲିଆତି ମାଧ୍ୟମରେ ସରକାରୀ ପାଣ୍ଠିରୁ ୧ କୋଟି ୬ ଲକ୍ଷ ୩ ହଜାର ୫୯୫ ଟଙ୍କା ଆତ୍ମସାତ୍ କରିଥିବା ନେଇ ବିଡିଓ ଶ୍ରୀମତୀ ବାରିକ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଜିଲ୍ଲା କୋଷାଗାର ଅଧିକାରୀ ସଚ୍ଚିଦାନନ୍ଦ ବେହେରା ନିୟମିତ ଆର୍ଥିକ କାରବାର ଯାଞ୍ଚ କରୁଥିବା ସମୟରେ ଏହି ବଡ଼ ଧରଣର ଜାଲିଆତି ଧରାପଡ଼ିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଭଳି ଅର୍ଥକୁ ସମନ୍ୱିତ ଆର୍ଥିକ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ପୁନର୍ବାର ଉଠାଣ ଦର୍ଶାଇ ହଡ଼ପ କରାଯାଇଥିଲା। ଏହି ଅର୍ଥ ପ୍ରମିଳା ବେହେରା ନାମକ ଜଣେ ମହିଳାଙ୍କ ନାମରେ ଥିବା ଇଣ୍ଡିଆନ୍ ବ୍ୟାଙ୍କର ଓପଡ଼ା ଶାଖା ଓ କେନ୍ଦ୍ରାପଡ଼ା ମୁଖ୍ୟ ଶାଖାର ଦୁଇଟି ଖାତାକୁ ସ୍ଥାନାନ୍ତର ହୋଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି।

ଏହି ଆର୍ଥିକ ଅନିୟମିତତା ସମ୍ପର୍କରେ ଜାଣିବା ପରେ କୋଷାଗାର ଅଧିକାରୀ ଗତ ଅକ୍ଟୋବର ୧୬ ତାରିଖରେ ବିଡିଓଙ୍କୁ ପ୍ରଥମ ଚିଠି ଲେଖି ସମସ୍ତ ତଥ୍ୟ ଅବଗତ କରାଇଥିଲେ। ମାତ୍ର ଏହାପରେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଫଳରେ ଗତ ୨୮ ତାରିଖରେ ସମସ୍ତ ତଥ୍ୟ ଉଲ୍ଲେଖ କରି ପୁନର୍ବାର ଦ୍ୱିତୀୟ ଚିଠି ପଠାଯାଇଥିଲା। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ସହ ଚାରିଆଡ଼େ ଚର୍ଚ୍ଚା ଜୋର ଧରିବା ପରେ ବିଡିଓ ଶ୍ରୀମତୀ ବାରିକ ଗତ ୨୯ ତାରିଖ ସନ୍ଧ୍ୟାରେ ସଦର ଥାନାରେ ଏତଲା ଦାଖଲ କରିଥିଲେ।

ଭିଜିଲାନ୍ସ ତଦନ୍ତରେ ଅସହଯୋଗ, ତଦନ୍ତକୁ ଚାପିଦେବାକୁ ଉଦ୍ୟମ

ତେବେ ଏହି ଘଟଣାରେ ବ୍ଲକ୍ ପ୍ରଶାସନର ଭୂମିକାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ଅକ୍ଟୋବର ୧୬ ତାରିଖରେ ଆର୍ଥିକ ଜାଲିଆତି ସମ୍ପର୍କରେ ସୂଚନା ପାଇବା ପରେ ମଧ୍ୟ ବିଡିଓ କାହିଁକି ଦୀର୍ଘଦିନ ଧରି ନିରବ ରହିଥିଲେ? ଏତେ ବଡ଼ ଅନିୟମିତତା ଜାଣିବା ପରେ ତୁରନ୍ତ ଆଇନଗତ ପଦକ୍ଷେପ ନନେଇ ଅଭିଯୁକ୍ତ ବରିଷ୍ଠ କିରାଣି ଶଶିକାନ୍ତ ରଣାଙ୍କୁ ଅକ୍ଟୋବର ୨୭ରୁ ୧୫ ଦିନିଆ ଛୁଟି ମଞ୍ଜୁର କରାଯିବା ପଛରେ କି ଉଦ୍ଦେଶ୍ୟ ରହିଥିଲା, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଛାନ୍‌ଭିନ୍ ଆରମ୍ଭ ହୋଇଛି। କିନ୍ତୁ ତଦନ୍ତକାରୀ ଅଧିକାରୀଙ୍କୁ ଡେରାବିଶ ବ୍ଲକ ବିଡିଓ, ଏବିଡିଓ ମୃତ୍ୟୁଞ୍ଜୟ କୁମାର ରାଉତ ଏବଂ ବ୍ଲକ୍ ଅର୍ଥ ଅଧିକାରୀ ପାପନ କାଣ୍ଡି ଆବଶ୍ୟକ ସହଯୋଗ କରୁନଥିବା ଅଭିଯୋଗ ଉଠିଛି। ଏପରିକି ଘଟଣା ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଓ ତଥ୍ୟ ହସ୍ତାନ୍ତରରେ ମଧ୍ୟ ଅସହଯୋଗ କରାଯାଉଥିବା କୁହାଯାଉଛି।

ଏହି ଅସହଯୋଗ ସମ୍ପର୍କରେ ଭିଜିଲାନ୍ସ ଏସ୍‌ପିଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଏବଂ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସହଯୋଗ ଲୋଡ଼ାଯାଇଥିବା ଜଣାପଡ଼ିଛି। ତଥାପି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନଥିବା ଅଭିଯୋଗ ଏହି ଘଟଣାକୁ ଆହୁରି ଜଟିଳ କରିଛି।

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସରକାରୀ ଅର୍ଥ ହଡ଼ପ ଭଳି ସଙ୍ଗୀନ ଅଭିଯୋଗରେ ତଦନ୍ତକୁ କାହିଁକି ସହଯୋଗ କରାଯାଉନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ଏହା କେବଳ ଜଣେ କର୍ମଚାରୀଙ୍କ ଜାଲିଆତି ନା ଏହା ପଛରେ ଆଉ କାହାର ସମ୍ପୃକ୍ତି ରହିଛି, ତାହାର ନିରପେକ୍ଷ ତଦନ୍ତ ହେବା ଜରୁରୀ। ସରକାରୀ ଅର୍ଥର ସୁରକ୍ଷା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମାହାଙ୍ଗା,୩୧।୧୦ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଭଡ଼ଗ୍ରାମ ହାଟ ପଡ଼ିଆ ଠାରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଆଡ଼ ସଭାପତି କିଶୋର କୁମାର ରାଉତ, ଅତିରିକ୍ତ ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାଃ ସୁଶାନ୍ତ ନାୟକ, ବିଡିଓ ମହନ୍ତ, ମଣ୍ଡଳ ଉନ୍ନୟନ ଅଧିକାରୀ ତିଲୋତ୍ତମା ପୃଷ୍ଟି, ମୀନକେତନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଭା ମଣ୍ଡନ କରିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ମତ୍ସ୍ୟ ଚାଷ ଓ ପ୍ରାଣିସମ୍ପଦର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଚାଷୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇବାକୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଚାଷ, ଗୋପାଳନ, କୁକୁଡ଼ା ଚାଷ ଓ ଛେଳି ପାଳନ ଭଳି ବିଭିନ୍ନ ଜୀବିକା ଭିତ୍ତିକ କାର୍ଯ୍ୟ ମାଧ୍ୟମରେ ଚାଷୀମାନେ କିପରି ନିଜର ଆୟ ବୃଦ୍ଧି କରିବା ସହ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବେ, ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି ମେଳାରେ ମୋଟ ୭୪୦ ଜଣ କୃଷକ ନାମ ପଞ୍ଜୀକରଣ କରିବା ସହ ୨ ହଜାରରୁ ଅଧିକ ଚାଷୀ ଯୋଗ ଦେଇଥିଲେ। ଏହି ମେଳାରେ ୧୨ଟି ବିଭାଗର ଷ୍ଟଲ୍ ପ୍ରଦର୍ଶନ କରାଯିବା ସହ ୧୦ ଜଣ ସଫଳ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଚାଷୀ ମାନଙ୍କୁ ସରକାରୀ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

ଜେଠି ଓ ବିଶ୍ରାମାଗାର ମରାମତି କାମରେ ଦୁର୍ନୀତି

ଫଳକ ନାହିଁ, ଅଧିକାରୀଙ୍କ ଅନୁପସ୍ଥିତିରେ ଚାଲୁଛି କାମ

ନିମ୍ନମାନର ସିମେଣ୍ଟ, ବାଲି ଓ ଲୁଣା ପାଣିରେ ହେଉଛି କାମ

ଉଦବେଗ ପ୍ରକାଶ କଲେ ଅଞ୍ଚଳବାସୀ

ରାଜନଗର,୩୧।୧୦ (ସଂଚାର ବ୍ୟୁରୋ): ବାଣିଜ୍ୟ ବିଭାଗ ପକ୍ଷରୁ ରାଜନଗର ବ୍ଲକ ଉପାନ୍ତ ଅଞ୍ଚଳ ତାଳଚୁଆ ଜେଠି ଓ ବିଶ୍ରାମାଗାର ର ମରାମତି କାମ ଚାଲିଛି, ଏହା କେତେ ଟଙ୍କାର କାମ କେହି ଜାଣି ନାହାଁନ୍ତି କାରଣ ଏହି କାମର କୌଣସି ଫଳକ ନଜର ଆସିନାହିଁ। ବିନା ବିଭାଗୀୟ ଅଧିକାରୀ ଙ୍କ ଅନୁପସ୍ଥିତିରେ ମରାମତି କାମ ଚାଲିଛି, କାମ ଦେଉଥିବା ଠିକାଦାର ଓ ସୁପର ଭାଇଜର ନିଜ ମନ ମୁତାବକ କାମ ଜାରି ରଖିଛନ୍ତି। ନିମ୍ନ ମାନର ସିମେଣ୍ଟ, ବାଲି ଓ ଗୋଡି ସାଙ୍ଗକୁ ଲୁଣା ପାଣିରେ ଏହି ରିପାରିଂ କାମ ଚାଲୁଥିବା ସତ୍ତ୍ୱେ କେହି ଦେଖିବାକୁ ନାହାଁ।

ଏମିତି ଲାଗୁଛି ବାଣିଜ୍ୟ ବିଭାଗର ସମସ୍ତ ସରକାରୀ ଟଙ୍କା ପାଣିରେ ପକାଇ ଦେବାକୁ ହୋଇଛି ଯୋଜନା। ମା ବାପା ନଥିବା ପରି ଠିକାଦାର ଯେମିତି ଇଛା ସେମିତି କାମ କରୁଛି, ଏହା ଦେଖି ସହି ନ ପାରିବାରୁ ସ୍ଥାନୀୟ ଅଞ୍ଚଳ ବାସୀ ଏହି ମରାମତି କାମକୁ ବନ୍ଦ କରିବା ପରେ ମଧ୍ୟ ସୁଧୁରିଲାନି ଠିକାଦାରଙ୍କ ମନମୁଖି କାମ। ଯାହା ଶୁଣିବାକୁ ମିଳୁଛି ବାଣିଜ୍ୟ ବିଭାଗର ବଡ଼ ବଡ଼ିଆ ଅଧିକାରୀ ବାବୁ ମାନେ ମୋଟା ଅଙ୍କର ମାଣିଆ ପକେଇ ଦେଇ ଘରେ ଶୋଇଛନ୍ତି, ଏପଟେ ଯେଉଁଠି ସେଉଁଠି ନିମ୍ନମାନର କାମ କରି ଦେଇ ନିଜ ଲାଭ ଉଠାଇ ଠିକାଦାର ଓ ସୁପର ଭାଇଜର ଚମ୍ପଟ ମାରିବାକୁ ଯୋଜନା କରିଛନ୍ତି।

ଅନ୍ୟ ପଟେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହୋଇଛି ବୋଲି ଲୋକେ କହୁଛନ୍ତି, ନଚେତ କାମ ଉପରକୁ ନ ଆସି ନାମ ମାନ ଯାଞ୍ଚ ନ କରି କେମିତି କାମର ଭାଗ୍ୟ ଠିକାଦାର ଉପରେ ବିଭାଗର ଯନ୍ତ୍ରୀ ଦେଇଛନ୍ତି ତାହା ଲୋକେ ପ୍ରଶ୍ନ କରିଛନ୍ତି।

ସବୁଠୁ ବଡ଼ କଥା ହେଲା ପ୍ରତ୍ୟେକ ଦିନ ଏହି ଜେଠିରେ ବୋଟ ଯୋଗେ ଶହ ଶହ ଲୋକ ତାଳଚୁଆରୁ ଭଦ୍ରକ ଏବଂ ଭଦ୍ରକକୁ ତାଳଚୁଆ ଯିବା ଆସିବା କରିବା ସହିତ ବାଣିଜ୍ୟ ପାଇଁ ଜିନିଷପତ୍ର ନେବା ଆଣିବା କରିଥାନ୍ତି, ଯଦି ବୋଟ ବିଳମ୍ବ ହୁଏ ତେବେ ଏହି ବିଶ୍ରାମାଗାରରେ ବିଶ୍ରାମ ନେଇଥାନ୍ତି। କିନ୍ତୁ ଏଭଳି ନିମ୍ନ ମାନର ରିପାରିଂ କାମ ଦୀର୍ଘ ଦିନ ଯିବ ନା ନାହିଁ ତାହାକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। କାରଣ ଯେଉଁଭଳି ଭାବରେ ନିମ୍ନ ମାନର ସିମେଣ୍ଟ ଓ ବାଲିରେ ଲୁଣା ପାଣି ଗୋଳା ପ୍ଲାଷ୍ଟର କରାଯାଉଛି ତାହା ସ୍ପଷ୍ଟ ଏହି ମରାମତି କାମ ବେଶି ଦିନ ଯିବ ନାହିଁ। ତେଣୁ ସରକାରୀ କା ମାଲ ଦରିଆ ମେ ଡାଲ ଭଳି କାମ ନ କରି ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତି ଓ ଅଧିକାରୀ ଙ୍କ ଭିଜିଟ ରେ ଏହି ମରାମତି କାମ ଚାଲୁ ବୋଲି ଲୋକେ ଅଭିଯୋଗ କରିଛନ୍ତି।

କଲେଜ ଛାତ୍ରୀଙ୍କଠାରୁ ଲୁଟ୍ ଘଟଣା

ଜଣେ ଦୁର୍ବୃତ୍ତଙ୍କୁ କାବୁ କରି ପୁଲିସ ଜିମା ଦେଲେ ଯୁବକ

ଡେରାବିଶ,୩୧।୧୦ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅଞ୍ଚଳରେ କଲେଜ ଛାତ୍ରୀଙ୍କୁ ଟାର୍ଗେଟ କରି ବାଇକ୍‌ରେ ଆସୁଥିବା ଲୁଟେରାଙ୍କ ଉତ୍ପାତ ବୃଦ୍ଧି ପାଇଛି। ଗତ କିଛିଦିନ ହେଲା ବିଭିନ୍ନ ରାସ୍ତାରେ ଛାତ୍ରଛାତ୍ରୀଙ୍କଠାରୁ ଟଙ୍କା, ମୋବାଇଲ ଓ ବ୍ୟାଗ୍ ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ତେବେ ଶୁକ୍ରବାର ଲୁଟ୍ କରି ଫେରାର ହେଉଥିବା ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଯୁବକମାନେ କାବୁ କରି ପୁଲିସ ଜିମା ଦେଇଥିବା ବେଳେ ଅନ୍ୟ ଜଣଙ୍କୁ ମଧ୍ୟ ପୁଲିସ ଧରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ୧ଟା ୨୦ ମିନିଟ୍ ସମୟରେ ଚାଷଖଣ୍ଡ ଗ୍ରାମର ଚିନ୍ମୟୀ ଦୁମୁକାହାଟସ୍ଥିତ ଡେରାବିଶ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଆସିଥିବା ଦୁଇ ଦୁର୍ବୃତ୍ତ ତାଙ୍କ ସାଇକେଲରେ ଥିବା ବାସ୍କେଟ୍‌ରୁ ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ବ୍ୟାଗ୍‌ରେ ପାଠ୍ୟପୁସ୍ତକ ଓ ଖାତା ସମେତ ୨ ହଜାର ଟଙ୍କା ଏବଂ ମୋବାଇଲ ଫୋନ୍ ଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ୧ଟା ୨୦ ମିନିଟ୍ ସମୟରେ ଚାଷଖଣ୍ଡ ଗ୍ରାମର ଚିନ୍ମୟୀ ଦୁମୁକାହାଟସ୍ଥିତ ଡେରାବିଶ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଆସିଥିବା ଦୁଇ ଦୁର୍ବୃତ୍ତ ତାଙ୍କ ସାଇକେଲରେ ଥିବା ବାସ୍କେଟ୍‌ରୁ ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ବ୍ୟାଗ୍‌ରେ ପାଠ୍ୟପୁସ୍ତକ ଓ ଖାତା ସମେତ ୨ ହଜାର ଟଙ୍କା ଏବଂ ମୋବାଇଲ ଫୋନ୍ ଥିବା ଜଣାପଡ଼ିଛି।

ଏହାର କିଛି ସମୟ ପରେ ଉକ୍ତ ଦୁର୍ବୃତ୍ତମାନେ ଛତା-ଗୋଲରାହାଟ ରାସ୍ତାରେ ଓଳଡ଼ି ଗ୍ରାମର ଅଶୋକ ଦାସଙ୍କ ଝିଅ ତଥା କଲେଜ ଛାତ୍ରୀ ଭାରତୀଙ୍କୁ ଅଟକାଇ ତାଙ୍କଠାରୁ ମୋବାଇଲ ଫୋନ୍ ଓ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ଦୁଇଟି ଘଟଣାକୁ ନେଇ ଉଭୟ ଛାତ୍ରୀ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ଚିନ୍ମୟୀଙ୍କଠାରୁ ବ୍ୟାଗ୍ ଲୁଟ୍ ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଦେଖି କେତେକ ସ୍ଥାନୀୟ ଯୁବକ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିଥିଲେ। ପରେ ଅପରାହ୍ନରେ ସେମାନେ ସେହି ରାସ୍ତାରେ ବୁଲୁଥିବା ଦେଖି ଯୁବକମାନେ ଗୋଡ଼ାଇ ଜଣଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ଡେରାବିଶ ପୁଲିସ ଜିମା ଦିଆଯାଇଥିଲା। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

ଉଭୟ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ୨୪୬/୨୬ ନମ୍ବରରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ାଇଛି।

ତାଲୁକ ଆଇନ ସେବା ସମିତି ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ପଟ୍ଟାମୁଣ୍ଡାଇ,୩୧।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି । ଲୌହ ମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି ଏହି ଉପଲକ୍ଷେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ କୋର୍ଟ ପରିସରରେ ଆୟୋଜିତ ସଭା ରେ ଜେ ଏମ ଏଫ ସି ବିଦ୍ୟୁତ ଲତା ପ୍ରଧାନ, ଅତିରିକ୍ତ ସି ଭିଲ ଜଜ ଡି. କେ. ବାଳକ୍ରିଷ୍ଣାନ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର ପ୍ରମୁଖ ଯୋଗ ଦେଇ ଭାରତ ଏକତା, ଅଖଣ୍ଡତା ବଜାୟ ରଖିବା ସହିତ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ନୀତି ଓ ଆଦର୍ଶରେ ପରିଚାଳିତ ହେଲେ ସୁଦୃଢ଼ ସୁନ୍ଦର ଭାରତବର୍ଷ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ ।

ସଭା ଶେଷରେ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ଦିଗରେ କାର୍ଯ୍ୟ କରିବା ପାଇଁ କୋର୍ଟର ସମସ୍ତ କର୍ମଚାରୀ ଓ ଓକିଲମାନଙ୍କୁ ଶପଥ ପାଠ କରାଇ ଥିଲେ। ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଟନର ମନୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

ଜନ୍ମକଲା ମା'ଙ୍କୁ ଦୁଷ୍କର୍ମ ମାମଲା

ଗିରଫ ହେଲା ଅଭିଯୁକ୍ତ ପୁଅ

କେନ୍ଦ୍ରାପଡ଼ା, ୩୧।୧୦ (ସଂଚାର ବ୍ୟୁରୋ): ଜନ୍ମକଲା ମା'ଙ୍କ ପ୍ରତି ଯୌନ ନିର୍ଯାତନା ଓ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛି ଅଭିଯୁକ୍ତ ପୁଅ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ ଘଟିଥିବା ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ପୁଲିସ ସୂତ୍ରରୁ ମିଳିଥିବା ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତଙ୍କ ପତ୍ନୀଙ୍କ କିଛି ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା। ଏହାପରେ ସେ ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିବାରୁ ଏହାକୁ ନେଇ ଘରେ ବୃଦ୍ଧ ବାପା ଓ ମା'ଙ୍କ ସହ ତାଙ୍କର ବିବାଦ ଲାଗି ରହୁଥିଲା। ଏପରିକି ସେ ବାପାମା'ଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ନିର୍ଯାତନା ଦେଉଥିବା ବୃଦ୍ଧା ଜଣକ ଅଭିଯୋଗ କରିଛନ୍ତି।

ଗତ ମଙ୍ଗଳବାର ଅଭିଯୁକ୍ତ ପୁଅ ତାଙ୍କ ମା'ଙ୍କୁ ଘର ଭିତରକୁ ଡାକି ନେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଦୁଷ୍କର୍ମ କରିଥିବା ନେଇ ବୃଦ୍ଧା ଜଣକ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗକୁ ଆଧାର କରି ପୁଲିସ ୨୪୩/୨୬ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ପୁଅକୁ ଗିରଫ କରିଥିବା ଜଣାପଡ଼ିଛି। ତେବେ ଜନ୍ମଦାତ୍ରୀ ମା'ଙ୍କ ସୁରକ୍ଷା ଓ ସମ୍ମାନକୁ ନେଇ ଏହି ଘଟଣା ଅନେକ ପ୍ରଶ୍ନ ଉଠାଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ପୀଡ଼ିତାଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଉପରେ ସାଧାରଣରେ ଗୁରୁତ୍ୱ ଦିଆଯାଉଛି।

ଲୁଣା ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

ପରିଚୟ ଅପହଞ୍ଚ, ପୁଲିସର ତଦନ୍ତ ଜାରି

କେନ୍ଦ୍ରାପଡ଼ା, ୩୧।୧୦ (ସଂଚାର ବ୍ୟୁରୋ): ଲୁଣା ନଦୀରୁ ଜଣେ ଅଜଣା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ମୃତଦେହ ଉଦ୍ଧାର ହେବାର ଦିନକ ପରେ ମଧ୍ୟ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କୁଦାନଗରୀ ଥାନା ଅନ୍ତର୍ଗତ ମାହାରାକୁଳ ନିକଟ ଲୁଣା ନଦୀରୁ ମୁଣ୍ଡବିହୀନ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୁଣ୍ଡ ନଥିବାରୁ ମହିଳାଙ୍କ ପରିଚୟ ଚିହ୍ନଟ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏପର୍ଯ୍ୟନ୍ତ ତାଙ୍କ ବୟସ କିମ୍ବା ଠିକଣା ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।ଇତିମଧ୍ୟରେ ମୃତଦେହର ଶବ ବ୍ୟବଚ୍ଛେଦ ଶେଷ ହୋଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାର ତଦନ୍ତ କରିଛି। ମହିଳାଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା, ମୃତଦେହ ନଦୀକୁ କିପରି ଆସିଲା ଏବଂ ତାଙ୍କ ପରିଚୟ କ'ଣ, ସେସବୁ ଦିଗକୁ ଗୁରୁତ୍ୱ ଦେଇ ପୁଲିସ ତଦନ୍ତ ଚଳାଇଛି।

ସ୍କ୍ରାପ୍ ଚୋରାଚାଲାଣ ଉପରେ ପୁଲିସ ଚଢ଼ାଉ, ୨ ଗିରଫ

ପାରାଦ୍ୱୀପ, ୩୧।୧୦ (ସଂଚାର ବ୍ୟୁରୋ): ବେଆଇନ ସ୍କ୍ରାପ୍ ଚୋରାଚାଲାଣ ବିରୋଧରେ ପାରାଦ୍ୱୀପ ଲକ୍ ଥାନା ପୋଲିସର ଚଢ଼ାଉରେ ୨୪୩ କେଜି ତମ୍ବା ଓ ପିତ୍ତଳ ସାମଗ୍ରୀ ସହ ଏକ ଅଟୋ ଜବତ ହୋଇଛି। ଏହି ଘଟଣାରେ ଯାଜପୁର ଜିଲ୍ଲାର ହରିହର ସାହୁ (୫୪) ଓ ଲକ୍ଷ୍ମଣ ସାହୁ (୩୦)ଙ୍କୁ ପୋଲିସ ଗିରଫ କରିଛି।

ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି କ୍ରାଇମ୍ ରବୀନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଅଟୋ ଯାଞ୍ଚ ବେଳେ ୨୧୯ କେଜି ତମ୍ବା ଓ ୨୪ କେଜି ପିତ୍ତଳ ମିଳିଥିଲା। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା। ଏନେଇ ଲକ୍ ଥାନାରେ ମାମଲା ରୁଜୁ ହୋଇଛି। ଏହି ଚୋରା କାରବାର ପଛରେ ଏକ ସଂଗଠିତ ଯୋଗାଣ ନେଟୱର୍କ ଥିବା ପୋଲିସ ସନ୍ଦେହ କରୁଥିବା ବେଳେ ମୁଖ୍ୟ ଯୋଗାଣକାରୀ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଜନ୍ମଦିବସରେ ଲୌହ ମାନବ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ଖୋରଧା, ୩୧।୧୦ (ସଂଚାର ବ୍ୟୁରୋ): ରାଷ୍ଟ୍ରର ଅଦ୍ୱିତୀୟ ନେତା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୨ ତମ ଜନ୍ମ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସ ରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସର୍ଦ୍ଦାର ପଟେଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

ଆଜି ସକାଳ ୭ ଘଟିକା ସମୟରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ଏକ ବିଶାଳ ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିତ୍ ପାରୁସୋତ୍ତମ ଦାସ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ରାଷ୍ଟ୍ରର ଏକତା ଅଖଣ୍ଡତା ଏବଂ ନିରାପତ୍ତା ସମସ୍ତ ନାଗରିକଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ଆହ୍ୱାନ ଦେଇ ମାରାଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶ୍ରୀନିବାସ ମହାନ୍ତି,ଶ୍ରୀ ଅନାଦି ଚରଣ ସେଠୀ, ସଦର ବି ଡି ଓ ସିଦ୍ଧାର୍ଥ ପଟ୍ଟନାୟକ, ରିଜର୍ଭ ଇନ୍ସପେକ୍ଟର ଅଫ ପୋଲିସ ଶ୍ରୀ ବିଜୟ କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧିକାରୀ , ଖୋରଧା, ଆଇ ଆଇ ସି, ଶିଳ୍ପାଞ୍ଚଳ, ସଦର ସମେତ ପୋଲିସ ବିଭାଗ ଅଧିକାରୀ ଏବଂ କର୍ମଚାରୀ, ଛାତ୍ର ଛାତ୍ରୀ, କ୍ରୀଡ଼ା ସଂସଦ କର୍ମକର୍ତ୍ତା, ବୁଦ୍ଧିଜୀବୀ, କ୍ରୀଡାବିତ୍ ଯୋଗ ଦେଇ ପଲା ଛକ ଯାଇ ପୁନଃର୍ବାର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ନିରାପତ୍ତା ବଜାୟ ରଖିବା ପାଇଁ ସଚେତନ କରାଇଥିଲେ।

ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଏକ ରାଷ୍ଟ୍ରୀୟ ଏକତା ଶପଥ ପାଠ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପୀନାଥ କୁଅଁର , ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିବା ବେଳେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଜନଗଣନା ପ୍ରଶିକ୍ଷଣ ତାଲିମାର୍ଥି ଯୋଗ ଦେଇ ରାଷ୍ଟ୍ରୀୟ ଏକତା ଶପଥ ପାଠ ଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ବୈଠକର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ରାଷ୍ଟ୍ରୀୟ ଏକତା ଶପଥ ପାଠ କରାଇଥିଲେ ।

ଗ୍ରାମବାସୀଙ୍କ ଗହଣରେ ଜନ୍ମଦିନ ପାଳିଲେ ଯୁବ ସାମ୍ବାଦିକ ମୁକ୍ତେଶ୍ୱର

ଗରଦପୁର,୩୧।୧୦(ସଂଚାର ବ୍ୟୁରୋ): ନିଜ ଜନ୍ମମାଟି ଓ ଗ୍ରାମବାସୀଙ୍କ ସହ ଆତ୍ମୀୟତାର ନିଆରା ଉଦାହରଣ ସୃଷ୍ଟି କରି ଗ୍ରାମବାସୀଙ୍କ ଗହଣରେ ନିଜ ଜନ୍ମଦିନ ପାଳନ କରିଛନ୍ତି ଯୁବ ସାମ୍ବାଦିକ ମୁକ୍ତେଶ୍ୱର ସ୍ୱାଇଁ। ଦୈନିକ ଖବରକାଗଜ 'ସଂଚାର'ର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ଶ୍ରୀ ସ୍ୱାଇଁ ନିଜ ଗ୍ରାମ କିଣିଲୋଠାରେ ଏହି ଜନ୍ମଦିନ ପାଳନ କରିଥିଲେ।

ଏହି ଅବସରରେ ଗ୍ରାମବାସୀ, କୋଯୁବ ସଂଗଠକ, ସମାଜସେବୀ ଓ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ରହି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁଖମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନିଜ ଜନ୍ମଦିନକୁ ଗ୍ରାମବାସୀଙ୍କ ସହ ଏକାଠି ପାଳନ କରିବାର ଏହି ଉଦ୍ୟମକୁ ଉପସ୍ଥିତ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ।

ଏହି ଜନ୍ମଦିନ ଉତ୍ସବରେ ଗ୍ରାମ ସଭାପତି ରାଜକିଶୋର ପରିଡ଼ା, ବାସୁଦେବ ଯୁବ ପରିଷଦର ସଭାପତି ଦୀପକ କୁମାର ପରିଡ଼ା, ସମ୍ପାଦକ ଦୁଷ୍ମନ୍ତ କୁମାର ସେନାପତି, ଯୁବ ସମାଜସେବୀ ପ୍ରଭାସ ଚନ୍ଦ୍ର ସାମଲ, ହିମାଂଶୁ ଶେଖର ବାରିକ, ଯୁବ ସାମ୍ବାଦିକ ରାକେଶ ମହାନ୍ତି, ମାନସ ପରିଡ଼ା, ଦିଲ୍ଲୀପ ସାହୁ, ହେମନ୍ତ କୁମାର ରାଉତ, ଗୋଲେଖ ଚନ୍ଦ୍ର ପରିଡ଼ା, ଅଜୟ ନାୟକ, ବାବୁ ସୁତାର ପ୍ରମୁଖ ସହ ଗ୍ରାମର କୁନି କୁନି ପିଲା ଯୋଗଦେଇଥିଲେ।

ବନ୍ୟାଞ୍ଚଳ ବୁଲି ଦେଖିଲେ ବିଧାୟକ, ବିଡିଓ ଓ ତହସିଲଦାର

ଗଂଜାମ,୩୧।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାର ଚାରି ଦିନ ପରେ ମଧ୍ୟ ଗଞ୍ଜାମ ବ୍ଲକର ପୋଇରାଶି ପଞ୍ଚାୟତ ଅନ୍ତର୍ଗତ ଭୁଆଁଭୂଇଁ ଓ ବରପଲ୍ଲୀ ଗାଁ ଜଳବନ୍ଦୀ ହୋଇ ରହିଛି। ଋଷିକୁଲ୍ୟା ନଦୀର ଜଳସ୍ତର କମିଥିଲେ ମଧ୍ୟ ଗାଁରୁ ବନ୍ୟାଜଳ ହଟିନାହିଁ। ଏହି ଦୁଇ ଗାଁରେ ଏଯାଏଁ ବିଦ୍ୟୁତ୍ ସେବା ମଧ୍ୟ ସ୍ୱାଭାବିକ ହୋଇପାରିନାହିଁ।

ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବିଡିଓ ଅଚ୍ୟୁତ ଜାନୀ ଓ ତହସିଲଦାର ସୁକାନ୍ତ ମିଶ୍ର ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କ ସମସ୍ୟା ବୁଝିଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀର ତିନୋଟି ଟିମ୍ ନିୟୋଜିତ ହୋଇଛନ୍ତି। ଏଥିସହ ଚାରୋଟି ବୋଟ୍ ମଧ୍ୟ ନିୟୋଜିତ କରାଯାଇଛି।

ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଗରମ ରନ୍ଧା ଖାଦ୍ୟ, ଆବଶ୍ୟକ ସାମଗ୍ରୀ ଓ ଔଷଧ ଯୋଗାଇ ଦିଆଯାଉଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମନ୍ୱୟ ପାଇଁ ନୋଡାଲ ଅଫିସର ନିଯୁକ୍ତ କରାଯାଇଛନ୍ତି। ଏଥିସହ ବନ୍ୟା ପରିଚାଳନା ଓ ରିଲିଫ୍ କାର୍ଯ୍ୟର ସମନ୍ୱୟ ପାଇଁ ପୂର୍ବତନ ବିଡିଓ ଜସ୍ମିନ୍ ପ୍ରଧାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଯୁଡ଼ିୟସପୁର ପଞ୍ଚାୟତର ଉମୁରୀ, ଧର୍ଷଣପୁର, ଖଟିଆ ଓ ବାଳସିଂହପଲ୍ଲୀ; କରପଡ଼ା ପଞ୍ଚାୟତର ଆଲିଆବାଦ, ବିରିପୁର ଓ କରପଡ଼ା ଏବଂ ରାଜପୁର ପଞ୍ଚାୟତର କାଚରା ଓ ରାଜପୁର ଗାଁରେ ବନ୍ୟାଜଳ କମିଥିଲେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇନାହିଁ। ଏହି ଗାଁଗୁଡ଼ିକରେ ମଧ୍ୟ ପ୍ରଶାସନ ଓ ବିଧାୟକ ପକ୍ଷରୁ ବିପନ୍ନଙ୍କୁ ଚାଉଳ, ଡାଲି, ପନିପରିବା, ମହମବତି ଓ ଅନ୍ୟାନ୍ୟ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି।

ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ମେଡିକାଲ ଅଫିସର ସୌମ୍ୟକାନ୍ତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ଓ ପଞ୍ଚାୟତ ଡେଭଲପମେଣ୍ଟ ଅଫିସର ଅର୍ପଣ ଅଭିଲିପ୍ସା ପ୍ରମୁଖ ସ୍ଥିତି ଉପରେ ନଜର ରଖିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି।

ଜିଲ୍ଲାକୁ ଶିଶୁଶ୍ରମିକ ମୁକ୍ତ କରିବା ପାଇଁ ୪୪ ଦିନିଆ ସଚେତନତା ଅଭିଯାନ

ଢେଙ୍କାନାଳ,୩୧।୧୦ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାକୁ ଶିଶୁଶ୍ରମିକ ମୁକ୍ତ କରିବା ଏବଂ ଶିଶୁଶ୍ରମ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଲକ୍ଷ୍ୟରେ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୪୪ ଦିନିଆ ସ୍ୱତନ୍ତ୍ର ସଚେତନତା ଅଭିଯାନ ଚାଲୁ ରହିଛି। ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ନଭେମ୍ବର ୧୪ ତାରିଖ ଶିଶୁ ଦିବସ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍ ଓ ଗ୍ରାମପଞ୍ଚାୟତରେ ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଶିଶୁଶ୍ରମ ପ୍ରଥାର ଉଚ୍ଛେଦ ଓ ଏହା ବିରୋଧରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ମୋନାଲିସା ନାୟକ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଶ୍ରୀ ଗୋଲେଖ ବିହାରୀ ପାଣିଗ୍ରାହୀଙ୍କ ସମେତ ଆରକ୍ଷୀ ଅଧୀକ୍ଷକ, ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ଜିଲ୍ଲା ନିୟୋଜନ ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଟ୍ରେଡ୍ ୟୁନିୟନ, ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଷ୍ଟୋନ୍ କ୍ରସର୍, ଚାଉଳ କଳ ମାଲିକ ସଂଘ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ।

ବୈଠକରେ ଜିଲ୍ଲାକୁ ଶିଶୁଶ୍ରମିକ ମୁକ୍ତ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନିୟମିତ ଯାଞ୍ଚ ଓ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ଉପରେ ଆଲୋଚନା ହୋଇଥିଲା। ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଦୋକାନ, ହୋଟେଲ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ ନକରିବା ସହ ୧୪ରୁ ୧୮ ବର୍ଷରୁ କମ୍ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନରୁ ଦୂରେଇ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ନିୟମର ଉଲ୍ଲଂଘନ କ୍ଷେତ୍ରରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆଲୋଚନା କରାଯାଇଥିଲା।

ଅଭିଯାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏକ ସଚେତନତା ରଥର ବ୍ୟବସ୍ଥା କରାଯାଇଛି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ୍, ବିଜ୍ଞାପିତ ଅଞ୍ଚଳ, ଢେଙ୍କାନାଳ ପୌରପାଳିକା ଓ ବିଭିନ୍ନ ଗ୍ରାମପଞ୍ଚାୟତ ପରିକ୍ରମା କରି ଶିଶୁଶ୍ରମିକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ପ୍ରଚାରପତ୍ର ବଣ୍ଟନ କରିବ। କୌଣସି ସ୍ଥାନରେ ଶିଶୁଶ୍ରମିକ ନିୟୋଜିତ ହେଉଥିବା ଦେଖିଲେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର ୧୦୯୮ କିମ୍ବା ନିକଟସ୍ଥ ଶ୍ରମ କାର୍ଯ୍ୟାଳୟରେ ସୂଚନା ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କୁ ନିବେଦନ କରାଯାଇଛି।

ଜାତୀୟ ବିଜ୍ଞାନ ସେମିନାରରେ ସୌମ୍ୟାଶ୍ରୀ ଥାନପତିଙ୍କ ସଫଳତା

■ ୧୩ ବର୍ଷ ପରେ ଜାତୀୟ ସ୍ତରରେ ଆଣିଲେ ଗୌରବ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି ବଲାଙ୍ଗୀର ଜିଲ୍ଲା ଲୋଇସିଂହାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡାର ଦଶମ ଶ୍ରେଣୀ ଛାତ୍ରୀ ସୌମ୍ୟାଶ୍ରୀ ଥାନପତି। ନୂଆଦିଲ୍ଲୀସ୍ଥିତ ଜାତୀୟ ବିଜ୍ଞାନ କେନ୍ଦ୍ରଠାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ପକ୍ଷରୁ ଆୟୋଜିତ ଜାତୀୟ ବିଜ୍ଞାନ ସେମିନାର ୨୦୨୬ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ସହ ପ୍ରତିଯୋଗିତା କରି ସୌମ୍ୟାଶ୍ରୀ 'ଭାରତୀୟ ଶକ୍ତି ବାସ୍କେଟ-୨୦୪୭' ବିଷୟବସ୍ତୁ ଉପରେ ଏକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ଉପସ୍ଥାପନା କରି ବିଚାରକମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ଓଡ଼ିଶା ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରି ଏହି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଏହି ସଫଳତା ପଛରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭି)ର ମାର୍ଗଦର୍ଶନ ଓ ସହଯୋଗ, ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିରନ୍ତର ପ୍ରୟାସ, ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଓଡ଼ିଶାର ସହଯୋଗ ରହିଛି। ଏଥିସହ ତାଙ୍କ ବିଜ୍ଞାନ ଶିକ୍ଷକ, ମାର୍ଗଦର୍ଶକ ଓ ଅଭିଭାବକଙ୍କ ନିଷ୍ଠାପର ଉଦ୍ୟମ ଓ ପ୍ରେରଣା ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣା ଯାଇଛି।

ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ରେ ମୁଖ୍ୟମନ୍ତ୍ରୀ

ନକ୍ସଲମୁକ୍ତ, ଶାନ୍ତି ଓ ସୁରକ୍ଷା ବଳରେ ଶିଳ୍ପାୟନର ନୂତନ ଅଧ୍ୟାୟ

- ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ବଲ୍ଲଭ ଭାଇଙ୍କ ଅବଦାନ ଅତୁଳନୀୟ
- ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଗଢ଼ିବୁ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନିଜର ଅସାଧାରଣ ରାଜନୈତିକ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଓ ବାସ୍ତବବାଦୀ ନେତୃତ୍ୱ ବଳରେ ୫୬୦ରୁ ଅଧିକ କ୍ଷୁଦ୍ର ଓ ବୃହତ୍ ରାଜ୍ୟକୁ ଏକତ୍ରିତ କରି ଏକ ବିଶାଳ, ଶକ୍ତିଶାଳୀ ଭାରତର ମୂଳଦୁଆ ପକାଇଥିଲେ। ତାଙ୍କ ଜନ୍ମ ଦିବସ କେବଳ ଜୟନ୍ତୀ ପାଳନର ଦିନ ନୁହେଁ, ବରଂ ଏହା ଆମର ସାମୂହିକ ସଂକଳ୍ପ, ଦେଶପ୍ରେମ ଓ ଜାତୀୟ ଅଖଣ୍ଡତା ପ୍ରତି ଆମର ଅଙ୍ଗୀକାରବଦ୍ଧତାର ପ୍ରତୀକ ବୋଲି ଆଜି 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ ଓଏସଏପି ସପ୍ତମ ବାଟାଲିୟନ ପରେଡ ପଡ଼ିଆଠାରେ ଆୟୋଜିତ 'ରାଷ୍ଟ୍ରୀୟ ଏକତା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଓ ପୁଲିସର ନିରନ୍ତର ଅଭିଯାନ ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି। ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳା ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ।

ରାଜ୍ୟର ଶିଳ୍ପାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିଳ୍ପାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୁଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି।

ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ସମନ୍ୱିତ ପ୍ରୟାସ

କନ୍ଧମାଳ ଅଭିମୁଖେ ନୌସେନା ଟିମ୍

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର କନ୍ଧମାଳ ସୀମାନ୍ତବର୍ତ୍ତୀ ବାଇବାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଡ଼ମା ରାଜସ୍ୱ ଗ୍ରାମର ଗିଡ଼ିପାବଲିଠାରେ ନିଖୋଜ ବ୍ୟକ୍ତିମାନଙ୍କୁ ଠାବ କରିବା ଉଦ୍ଦେଶ୍ୟରେ ଭାରତୀୟ ନୌସେନାର ଏକ ହେଲିକପ୍ଟର ଯୋଗେ ତିନୋଟି ଅତ୍ୟାଧୁନିକ ସନ୍ଧାନ ଉପକରଣ ଘୁ. ଉଦୟଗିରିକୁ ନିଆଯାଉଥିଲା। ଏହି ଉପକରଣଗୁଡ଼ିକ ମଧ୍ୟରେ ଲାଇଫ୍ ଡିଟେକ୍ସନ୍ ୟୁନିଟ୍, ଭାଇବ୍ରେସନ୍ ଡିଟେକ୍ସନ୍ ୟୁନିଟ୍ ଓ ଭିକ୍ଟିମ୍ ଲୋକେସନ୍ କ୍ୟାମେରା ରହିଛି। ତେବେ ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟରଟି ନିର୍ଦ୍ଧାରିତ ସ୍ଥାନରେ ଅବତରଣ କରିପାରି ନ ଥିଲା। ଏହି ଉପକରଣଗୁଡ଼ିକୁ ବର୍ତ୍ତମାନ ସଡ଼କ ପଥରେ ପଠାଯାଉଛି ଓ ଆସନ୍ତାକାଲି ସକାଳର ପ୍ରଥମ ପର୍ଯ୍ୟାୟରୁ ଏଗୁଡ଼ିକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ପରିଚାଳନାରେ ବିଭିନ୍ନ ଆହ୍ୱାନ ସୃଷ୍ଟି ହେଉଛି। ରାଜସ୍ୱ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଦ୍ଧାର ଅଭିଯାନରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଓଡ଼ିଶା ଅଗ୍ନିଶମ ସେବା ବିଭାଗର ଟିମ୍ ସହ ଭାରତୀୟ ରେଳବାଇର ଉଦ୍ଧାରକାରୀ ଦଳ ମଧ୍ୟ ସାମିଲ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ପହଞ୍ଚିବାରେ ରହିଥିବା ଅସୁବିଧା ଓ ପ୍ରତିକୂଳ ପାଣିପାଗ ସତ୍ତ୍ୱେ, ବିଶେଷଜ୍ଞମାନଙ୍କ ସହ ପରାମର୍ଶ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ନିଖୋଜ ବ୍ୟକ୍ତିମାନଙ୍କୁ ଠାବ କରି ଉଦ୍ଧାର କାର୍ଯ୍ୟକୁ ସମସ୍ତ ସମ୍ଭାବ୍ୟ ପ୍ରୟାସ ଜାରି ରହିଛି।

ବନ୍ୟା ବିପନ୍ନଙ୍କ ଦୁଃଖର ସାଥୀ ହେଲେ ଜିଲ୍ଲାପାଳ

■ ନିଜେ ପରଖିଲେ ରନ୍ଧା ଖାଦ୍ୟର ମାନ

ଛତ୍ରପୁର,୩୧।୧୦(ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ରନ୍ଧା ଖାଦ୍ୟ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଜାରି ରହିଛି। ଜିଲ୍ଲାରେ ୩୬୭ ଫ୍ରି କିଚେନ ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟର ତଦାରଖ ପାଇଁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଶନିବାର ଛତ୍ରପୁର ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜିଲ୍ଲାପାଳ ଛତ୍ରପୁର ବ୍ଲକର ବଉଳଗାଁ ପଞ୍ଚାୟତ ଅନ୍ତର୍ଗତ ନିମପଲ୍ଲୀ ଓ ବଉଳଗାଁ ଗ୍ରାମରେ ପହଞ୍ଚି ବନ୍ୟା ପୀଡ଼ିତଙ୍କୁ ଯୋଗାଇ ଦିଆଯାଉଥିବା ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥା ନିଜେ ତଦାରଖ କରିଥିଲେ । ସେ ଲୋକଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ରିଲିଫ୍ ସାମଗ୍ରୀ ଓ ଖାଦ୍ୟ ଠିକ୍ ଭାବେ ମିଳୁଛି କି ନାହିଁ, ସେନେଇ ଅବଗତ ହୋଇଥିଲେ । ରନ୍ଧା ଖାଦ୍ୟର ମାନ ଓ ପରିଚ୍ଛନ୍ନତା ପରଖିବା ପାଇଁ ଜିଲ୍ଲାପାଳ ନିଜେ ଲୋକଙ୍କୁ ଖାଦ୍ୟ ପରସିବା ସହ ସେମାନଙ୍କ ସହ ବସି ଖାଇଥିଲେ।

ଭଡ଼ା ଘରେ ଚଢ଼ାଉ, କିଙ୍ଗପିନ୍ ସମେତ ୫ ଗିରଫ

ବ୍ରହ୍ମପୁର,୩୧।୧୦(ସଂଚାର ବ୍ୟୁରୋ): ଶ୍ରୀମା ନଗରରେ ଏକ ଭଡ଼ା ଘରେ ଚାଲିଥିବା ସେକ୍ସ ର୍ୟାକେଟ ଉପରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଦୁଇ ଜଣ ଦେହଜୀବୀଙ୍କୁ ଉଦ୍ଧାର କରାଯିବା ସହ କିଙ୍ଗପିନ୍ ସମେତ ମୋଟ ୫ ଜଣଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କିଙ୍ଗପିନ୍ ପିଣ୍ଟୁ ଡାକୁଆ (୨୫) ଓ ଗ୍ରାହକ ଭାବେ ଆସିଥିବା ଅଚ୍ୟୁତାନନ୍ଦ ଖଟୁଆ (୩୧), ଅନ୍ତର୍ଯ୍ୟାମୀ ଖଟୁଆ (୩୭), ସନ୍ତୋଷ ନାହାକ (୩୯) ଓ ଇ. ସଞ୍ଜୟ କୁମାର (୨୯)। ଏଥିସହ ପୁଲିସ ସେଠାରୁ ୭ଟି ମୋବାଇଲ ଫୋନ୍, କିଛି ଟଙ୍କା, ସିଗାରେଟ୍ ପ୍ୟାକେଟ୍ ଓ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରିଥିବା ଏସ୍‌ପି ଅଭିନବ ସୋନକର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଶ୍ରୀମା ନଗରରେ ଏକ ଭଡ଼ା ଘରେ ପିଣ୍ଟୁ ୨ ମାସ ହେଲା ସେକ୍ସ ର୍ୟାକେଟ୍ ଚଳାଉଥିଲେ। ଗୁରୁବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ନିମଖଣ୍ଡି ଥାନାଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଦୁଇ ଦେହଜୀବୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ବାଲିଯାତ୍ରା ପ୍ଲଟ୍ ବୁକିଂ ଶେଷ

■ ନିରାଶ ୩ ପିଢ଼ିର ପୁରୁଖା ବ୍ୟବସାୟୀ

କଟକ,୩୧।୧୦(ସଂଚାର ବ୍ୟୁରୋ): କଟକ ଐତିହାସିକ ବାଲିଯାତ୍ରା ପାଇଁ ଆଜି ପ୍ଲଟ୍ ବୁକିଂର ଅବଧି ଶେଷ ହୋଇଛି। ହେଲେ ତାହା ବିବାଦମୁକ୍ତ ଭାବେ ସମ୍ପନ୍ନ ହୋଇପାରିଲା ନାହିଁ। ୭୪ ବର୍ଷୀୟ ପୁରୁଖା ବ୍ୟବସାୟୀ ହମିଦ ଖାନ ୩ ପିଢ଼ି ଧରି ବାଲିଯାତ୍ରାରେ ବେପାର କରିଆସୁଛନ୍ତି। ହେଲେ ଯାତ୍ରା ଆୟୋଜନ ଲାଗି ପ୍ରଶାସନ ଯେଉଁଭଳି ବ୍ୟବସ୍ଥା ଆପଣେଇଛି, ତାହା ସେମାନଙ୍କ ଭଳି କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ନିରାଶ କରିଛି। ହମିଦ ଖାନଙ୍କ ମତରେ ପ୍ରଶାସନ ଏବେ ମୁନାଫା କମାଇବାରେ ବ୍ୟସ୍ତ। ଆଜି ପ୍ଲଟ ବୁକିଂର ଶେଷ ଦିନ ଥିଲା। କିଛି ଆଶାୟୀ ବ୍ୟବସାୟୀ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସ୍ଥାନକୁ ଆସିଥିଲେ। ହେଲେ ଆବଶ୍ୟକ ମୁତାବକ ପ୍ଲଟ୍ ଏବେ ଆଉ ନ ଥିବା ସେମାନେ ଅନୁଭବ କରିଛନ୍ତି। ଇଣ୍ଟରନେଟ ଜରିଆରେ ସର୍ଚ୍ଚ କଲେ ପ୍ଲଟ ନ ଥିବା ଶୋ' କରୁଛି। ଶୁକ୍ରବାର ଏନେଇ ହୋହଲ୍ଲା ହେବା ପରେ କିଛି ପ୍ଲଟ ବୁକିଂ ପାଇଁ ରିଲିଜ କରାଗଲା। ପ୍ଲଟ ବୁକିଂକୁ ନେଇ ଏଭଳି ଲୁଚକାଳି ଖେଳ କାହିଁକି ଚାଲିଛି ବୋଲି କିଛି ଯୁବ ଉଦ୍ୟୋଗୀ ପ୍ରଶ୍ନ କରିଛନ୍ତି।

ଋଷିକୁଲ୍ୟା ନଦୀର ବନ୍ୟା ସ୍ଥିତି ସମୀକ୍ଷା କଲେ ପ୍ରମୁଖ ସଚିବ

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ନଦୀ ଜଳସ୍ଥିତି ଓ ବନ୍ୟା ସୁରକ୍ଷା ଭିତ୍ତିଭୂମିର ଅନୁଧ୍ୟାନ ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ଋଷିକୁଲ୍ୟା ନଦୀର ଗେଜ୍ କେନ୍ଦ୍ର ପରିଦର୍ଶନ କରି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଋଷିକୁଲ୍ୟା ନଦୀର ଜଳସ୍ତର ୧୫.୮୩୫ ମିଟର ଆର୍‌ଏଲ୍ ରେକର୍ଡ କରାଯାଇଥିଲା, ଯାହା ନିର୍ଦ୍ଧାରିତ ଚେତାବନୀ ସ୍ତରଠାରୁ ସାମାନ୍ୟ ନିମ୍ନରେ ରହିଥିଲା। ଏହାପରେ ଟିମ୍ ହନୁମାନପାଲି ନିକଟସ୍ଥ ହିରାଧରାବତୀ ଆନିକଟଠାରେ ଋଷିକୁଲ୍ୟା ବନ୍ୟା ସୁରକ୍ଷା ବନ୍ଧର ଧୋଇଯାଇଥିବା ଅଂଶ ଓ ମୁଖ୍ୟ କେନାଲର ଆଦ୍ୟଭାଗ ପରିଦର୍ଶନ କରି ବାତ୍ୟାଜନିତ ବନ୍ୟାରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଏଥିସହ ହିରାଧରାଭାଟି ଆନିକଟ୍, ଜାନହିବିଲି ଆନିକଟ୍, ମୁଖ୍ୟ କେନାଲ ଓ ପାନୀୟ ଜଳ ଉତ୍ତୋଳନ କେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିଲେ।

କ୍ଷେତ୍ର ପରିଦର୍ଶନ ସମୟରେ ପ୍ରମୁଖ ଶାସନ ସଚିବ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ବନ୍ୟା ସ୍ଥିତି ଓ ସ୍ଥାନୀୟ ଭିତ୍ତିଭୂମିର କ୍ଷୟକ୍ଷତି ସମ୍ପର୍କରେ ସେମାନଙ୍କ ମତାମତ ଓ ସମସ୍ୟା ଶୁଣିଥିଲେ। ବନ୍ଧର ଭାଙ୍ଗିଯାଇଥିବା ଅଂଶର ସଠିକ୍ ଆକଳନ ଓ ଜିଓ-ଟ୍ୟାଗ୍ ଫଟୋଗ୍ରାଫ୍ ସହ ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ବନ୍ଧର ସମୟୋଚିତ ପୁନରୁଦ୍ଧାର ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ତ୍ୱରାନ୍ୱିତ କରିବା ସହ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

କୁହୁଡ଼ିରେ ଢାଙ୍କି ହେଲା ଟ୍ୱିନ୍ ସିଟି

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): କୁହୁଡ଼ି ଚାଦରରେ ଢାଙ୍କି ହେଲା ଟ୍ୱିନ୍ ସିଟି। ଏଥିଯୋଗୁଁ କଟକ-ଭୁବନେଶ୍ୱରରେ ଯାତାୟାତ ବାଧାପ୍ରାପ୍ତ। ରାଜଧାନୀ ଭୁବନେଶ୍ୱର ଓ କଟକରେ ଆଜି ସକାଳୁ ଘନ କୁହୁଡ଼ିର ମୋଟା ଆସ୍ତରଣ ଦେଖିବାକୁ ମିଳିଛି। ସମଗ୍ର ଟ୍ୱିନ୍ ସିଟି କୁହୁଡ଼ିର ଧଳା ଚାଦର ତଳେ ଢାଙ୍କି ହୋଇ ରହିଥିଲା। ଦୃଶ୍ୟମାନତା ହ୍ରାସ ଯୋଗୁଁ ରାଜପଥରେ ଗାଡ଼ି ଚଳାଚଳ ମନ୍ଥର ଥିଲା। ସକାଳ ପ୍ରାୟ ୫ଟାରୁ ୭ଟା ମଧ୍ୟରେ କୁହୁଡ଼ିର ଘନତା ଏତେ ଅଧିକ ରହିଥିଲା ଯେ କିଛି ମିଟର ଦୂରରେ ଥିବା ବସ୍ତୁ ମଧ୍ୟ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିଲା। ବିଶେଷକରି ଜାତୀୟ ରାଜପଥ-୧୬, କଟକର ରିଂ ରୋଡ୍, ନନ୍ଦନକାନନ ରୋଡ୍, ଉତ୍ତରା ଛକ ଓ ଉପକଣ୍ଠ ଅଞ୍ଚଳରେ ଦୃଶ୍ୟମାନତା ଯଥେଷ୍ଟ କମିଯାଇଥିଲା। ଦୁର୍ଘଟଣା ଏଡ଼ାଇବା ପାଇଁ ଗାଡ଼ିଚାଳକମାନେ ଫଗ୍ ଲାଇଟ୍ ଓ ହାଜାର୍ଡ ଲାଇଟ୍ ଜଳାଇ ଧୀର ଗତିରେ ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ଗତ କିଛି ଦିନ ଧରି ବାୟୁମଣ୍ଡଳରେ ପ୍ରବଳ ଆର୍ଦ୍ରତା ରହିବା ସହ ରାତି ତାପମାତ୍ରା ହ୍ରାସ ପାଇବା ଫଳରେ ଏହି ଘନ କୁହୁଡ଼ି ସୃଷ୍ଟି ହୋଇଛି।

ଦେଶର ଏକତା ଓ ସଂହତିକୁ ବଜାୟ ରଖିବାକୁ କ୍ରୀଡ଼ାମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ପଦଯାତ୍ରାର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଗଠନର ଲକ୍ଷ୍ୟ ପୂରଣ ସହ 'ଏକ ଭାରତ ଶ୍ରେଷ୍ଠ ଭାରତ' ଗଠନରେ ନିଜର ଯୋଗଦାନ ଦେବା ପାଇଁ କ୍ରୀଡ଼ାମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସମସ୍ତଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ' କରାଇଥିଲେ।

■ ଏକାମ୍ର କ୍ଷେତ୍ର, ଚାନ୍ଦୁଆ ହବ୍ ଓ ଅର୍ଣ୍ଣପୂର୍ଣ୍ଣା ଥିଏଟରର ବିକାଶର ସମୀକ୍ଷା

ଐତିହ୍ୟ ସୁରକ୍ଷା ସହ ପର୍ଯ୍ୟଟକଙ୍କ ସୁବିଧାକୁ ଗୁରୁତ୍ୱ

ଏକାମ୍ର କ୍ଷେତ୍ରର ନିର୍ମାଣ ଜାନୁଆରୀ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଏକାମ୍ର କ୍ଷେତ୍ରର ସାମଗ୍ରିକ ବିକାଶ ତଥା ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଭିତ୍ତିଭୂମି ବିକାଶ ସହ ପିପିଲି ଚାନ୍ଦୁଆ ହବ୍ ନିର୍ମାଣ ଏବଂ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ପୁନରୁଦ୍ଧାର ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଏକାମ୍ର ପାର୍କିଂ, ପର୍ଯ୍ୟଟକ ସମ୍ମିଳନୀ କେନ୍ଦ୍ର, ଶୌଚାଳୟ ନିର୍ମାଣ, ଭଜନ ମଣ୍ଡପ ନିର୍ମାଣ ଓ ଅନନ୍ତ ବାସୁଦେବ ପ୍ଲାଜାର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ବିନ୍ଦୁସାଗରକୁ ପ୍ରଶସ୍ତ ପାଦଚଲା ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏକାମ୍ର କ୍ଷେତ୍ରକୁ ଏକ ସୁସଙ୍ଗଠିତ, ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ସମସ୍ତ ପ୍ରସ୍ତାବିତ କାର୍ଯ୍ୟର ଯୋଜନାବଦ୍ଧ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ପୂର୍ତ୍ତମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଏକାମ୍ର କ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ସାମଗ୍ରିକ ଉନ୍ନତିକରଣ କରିବା ସହ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବା ସହ ଆବଶ୍ୟକ ସମସ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୭ ଜାନୁଆରୀ ସୁଦ୍ଧା ଶେଷ କରିବା ଉପରେ ବୈଠକରେ ସେ ଗୁରୁତ୍ୱ ଦେଇଥିଲେ। ପିପିଲିଠାରେ ବହୁତଳ କୋଠା ନିର୍ମାଣ କରାଯାଇ ଚାନ୍ଦୁଆ ହବ୍ ପ୍ରତିଷ୍ଠା ସହ ସେଠାରେ ଦୋକାନ ଗୃହ, ଫୁଡ୍ ପ୍ଲାଜା, ଅଡିଓ ଭିଜୁଆଲ୍ ହଲ୍, ଶୌଚାଳୟ ଆଦିର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ଏହି ଚାନ୍ଦୁଆ ହବ୍‌ର ନିର୍ମାଣ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ପୂର୍ତ୍ତମନ୍ତ୍ରୀ ଓବିସିସି ତଥା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟର ସହ ଓଡ଼ିଶାର ସଂସ୍କୃତିକ ଭାବାବେଗ ଜଡ଼ିତ ଥିବାରୁ ଏହାର ପୁନରୁଦ୍ଧାର ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ବିଏମ୍‌ସି କମିଶନର ଚଞ୍ଚଳ ରଣା ଯୋଗଦେଇଥିଲେ।

ବନ୍ୟା ପ୍ରଭାବିତଙ୍କ ପାଖରେ ବିଜେଡି ପ୍ରତିନିଧି ଦଳ

ଗଞ୍ଜାମ,୩୧।୧୦(ସଂଚାର ବ୍ୟୁରୋ): ବାତ୍ୟା ଅର୍ଣ୍ଣବର ତାଣ୍ଡବ ପରେ ଦାଉ ସାଧୁଛି ବନ୍ୟାପାଣି। ଗଞ୍ଜାମର ବିଭିନ୍ନ ସ୍ଥାନରେ ଏବେବି ଜଳବନ୍ଦୀ ସ୍ଥିତି। ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ କ୍ଷୟକ୍ଷତିର ସମୀକ୍ଷା କରିବା ପରେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଦୁଇଦିନିଆ ଗସ୍ତ କରିଛନ୍ତି ବିଜେଡିର ପ୍ରତିନିଧି ଦଳ। ଏଥରର ବାତ୍ୟା ପରେ ବନ୍ୟା ଯୋଗୁ ଚାଷ ବେଶ୍ କ୍ଷତିଗ୍ରସ୍ତ ହୋଇଥିବା ବିଜେଡି ଅଭିଯୋଗ କରିଛି। ଗଞ୍ଜାମ ଚିକିଟି ଓ ପାତ୍ରପୁରରେ ଗ୍ରାଉଣ୍ଡ ଜିରୋରେ ବନ୍ୟା ପରର ସ୍ଥିତି ଅନୁଧ୍ୟାନ କରିଛି ବିଜେଡି ଟିମ୍। ଘରେ ପାଣି ପଶି ହଇରାଣ ହରକତ ହେଉଛନ୍ତି ଲୋକ। ପାଣି ଘେରରେ ଥିବା ଲୋକଙ୍କ ପାଖରେ ନା ଖାଦ୍ୟ ନା ପାଣି ରିଲିଫ୍ ପହଞ୍ଚି ନ ଥିବା କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଚାଷୀ ଚାଷ ହରାଇ ହତାଶ ଆଉ ବିପନ୍ନ ଖାଦ୍ୟ ପାନୀୟ ନ ପାଇ ଭୋକ ଉପାସରେ ଥିବା ସେ କହିଛନ୍ତି। ବାସ୍ତବରେ ଲୋକ ସବୁ ବ୍ୟବସ୍ଥାରୁ ବଞ୍ଚିତ ବୋଲି କହିଛି ବିଜେଡି। ଆଜି ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା ପରେ ସରକାରଙ୍କ ସହ ଚାଷୀଙ୍କ କ୍ଷତିପୂରଣ ନେଇ ଆଲୋଚନା କରିବୁ ବୋଲି କହିଛନ୍ତି ଶ୍ରୀମତୀ ମଲ୍ଲିକ।

ପୁରୀ ଶଙ୍କରପୁର ଜମି ବିବାଦରେ ବଡ଼ ରାୟ

ମହାପ୍ରଭୁଙ୍କ ନାଁରେ ରେକର୍ଡ ହେଲା ୨୯ ଏକର ଜମି

ପୁରୀ,୩୧।୧୦(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମି ବିବାଦରେ ଶ୍ରୀମନ୍ଦିର ସପକ୍ଷରେ ଆସିଲା ବଡ଼ ରାୟ। ପୁରୀ ଶଙ୍କରପୁର ମୌଜାର ପ୍ରାୟ ୨୮.୮୪ ଏକର ଜମି ବିବାଦରେ ଚକବନ୍ଦୀ କମିଶନର ଦେଲେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ। ମହାପ୍ରଭୁଙ୍କ ନାଁରେ ଜମି ରେକର୍ଡ କରିବାକୁ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ପରେ ଓମକାରେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଏହି ବିବାଦୀୟ ଜମି ଶ୍ରୀମନ୍ଦିରକୁ ଫେରିଛି। ପୁରୀ ତହସିଲଦାର, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ବାସେଳୀ ସାହି ଥାନା ପୁଲିସ ଉପସ୍ଥିତିରେ ସମ୍ପୃକ୍ତ ଜମିରେ ବୋର୍ଡ ଲଗାଯାଇଛି। ଏହା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନିଜସ୍ୱ ଭୂସମ୍ପତ୍ତି ଏବଂ ଅନଧିକାର ପ୍ରବେଶ ଆଇନ ଅନୁସାରେ ଦଣ୍ଡନୀୟ ବୋଲି ବୋର୍ଡରେ ଉଲ୍ଲେଖ ରହିଛି। ତେବେ ଦୀର୍ଘ ବର୍ଷ ଧରି ଶଙ୍କରପୁର ମୌଜା, ଖାତା ନମ୍ବର ୪୧୧ ର ଥିବା ପ୍ରାୟ ୨୮.୮୪ ଏକର ଜମିକୁ ନେଇ ବିବାଦ ଲାଗି ରହିଥିଲା। ୧୯୭୭ ସାବିକ୍ ରେକର୍ଡରେ ଏହି ଜମି ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାଁରେ ଥିଲା। ପୁରୁଣା ରେକର୍ଡ, ପଞ୍ଜିକୃତ ଦଲିଲ ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଜମି ସମର୍ପଣ ତଥ୍ୟ ମଧ୍ୟ ଥିଲା। କିନ୍ତୁ ଚକବନ୍ଦୀ ପ୍ରକ୍ରିୟା ବେଳେ ଏହାକୁ ବଦଳାଇ ପୁରୀ ଉତ୍ତର ପାର୍ଶ୍ୱ ମଠ ଏଣ୍ଡାଓମେଣ୍ଟ ଟ୍ରଷ୍ଟି ବୋର୍ଡର ମହନ୍ତ ରାମାନୁଜ ଦାସଙ୍କ ନାଁରେ କରାଯାଇଥିବା ଅଭିଯୋଗ କରିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ଏହି ରେକର୍ଡ ପରିବର୍ତ୍ତନ ବେଳେ ନିୟମ ପାଳନ ହୋଇ ନ ଥିବା ଏବଂ ଠିକ୍ ଭାବେ ନୋଟିସ୍ ଦିଆଯାଇ ଶୁଣାଣି କରାଯାଇ ନ ଥିବା ଦର୍ଶାଇ ଶ୍ରୀମନ୍ଦିର ପରିଚାଳନା କମିଟି ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ଆକ୍ଟ ୧୯୫୮ ର ଧାରା ୧୫(ବି) ଅନୁସାରେ ୨୦୧୬ର ସେଟଲମେଣ୍ଟ ରିଭିଜନ୍ ପିଟିସନ୍ ନଂ. ୩୦୩ ଦାଖଲ କରିଥିଲା। ମାମଲାର ଶୁଣାଣି କରି ଚକବନ୍ଦୀ କମିଶନର ପୁରୁଣା ରେକର୍ଡ ଓ ଦଲିଲକୁ ଗୁରୁତ୍ୱ ଦେଇଛନ୍ତି।

ବନ୍ୟା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି

ନିୟୋଜିତ ହେଲେ ୧୦ ଅଧିକାରୀ

ଜଳ ଯୋଗାଣ ତଦାରଖ ପାଇଁ ୱାଟ୍‌କୋ ଟିମ୍ ମୁତୟନ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): 'ଅର୍ଣ୍ଣବ' ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ମୁକାବିଲା ଓ ରିଲିଫ୍ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୦ ଜଣ ସହକାରୀ କମିଶନର, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଗଞ୍ଜାମ ଜିଲ୍ଲାରେ ନିୟୋଜିତ କରାଯାଇଛି। ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛତା ବ୍ୟବସ୍ଥାର ତଦାରଖ ପାଇଁ ୱାଟ୍‌କୋ ଓ ପିଏଚଇଓ ଟିମ୍‌କୁ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ନିୟୋଜିତ କରାଯାଇଛି। ବନ୍ୟା ପରେ ଜଳାଶୟ ଓ ସର୍ବସାଧାରଣ ଜଳାଶୟଗୁଡ଼ିକୁ ଭଲ ଭାବେ ସଫା ଓ ବିଶୋଧନ କରାଯିବ, ଯାହାଦ୍ୱାରା ଜଳବାହିତ ରୋଗର ଆଶଙ୍କାକୁ ରୋକାଯାଇପାରିବ। ପ୍ରଭାବିତ ଅଞ୍ଚଳରେ ସଫେଇ ଓ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ। ବନ୍ୟା ପରିସ୍ଥିତିର ମୁକାବିଲା ଓ ଅତ୍ୟାବଶ୍ୟକ ନାଗରିକ ସେବାର ପୁନରୁଦ୍ଧାର ପାଇଁ ସମସ୍ତ ନିୟୋଜିତ ଅଧିକାରୀ ଓ ଟିମ୍ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି।

ଭବିଷ୍ୟତ ପାଇଁ ମୁଁ ଚିନ୍ତିତ: ବାବା ବଳିଆ

ପ୍ରତି ଭାରତୀୟ ଦେଶ ପାଇଁ ୫ ମିନିଟ ଚିନ୍ତା କରନ୍ତୁ

ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ) : ଯେଉଁ ମାଟିର ପାଣି, ପବନ, ଫସଲରେ ଜୀବନ; ଯେଉଁ ବ୍ୟବସ୍ଥା ସୁରକ୍ଷା ଓ ନିରାପତ୍ତା ଯୋଗାଉଥିବା ଯୋଗୁ ଆମେ ନିରାପଦ-ଆମେ ଯଦି ସେଥିପ୍ରତି ଚିନ୍ତା ନକରୁ ତେବେ ଆମେ ସେ ମାଟିର ସନ୍ତାନ ବା ଦେଶର ନାଗରିକ କେମିତି ଦାବି କରିବା? ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଆଜି ମନୁଷ୍ୟକୃତ ବିପର୍ଯ୍ୟୟ କିଛି କମ୍ ନାହିଁ, ପରିବେଶ ପ୍ରଦୂଷଣଠୁ ମାନସିକ ପ୍ରଦୂଷଣ ମଧ୍ୟ ଆଜି ଯଥେଷ୍ଟ ବେଶୀ। ତେଣୁ ସମସ୍ତଙ୍କୁ ଦେଶ ପାଇଁ ଚିନ୍ତା କରିବାକୁ ଆହ୍ୱାନ ଦେଇଛନ୍ତି ସମାଜର ସୁଚିନ୍ତକ ଓ ସଂସ୍କାରକ ବାବା ବଳିଆ। ଜୀବନଯାପନର ଧାରା ଯଦି ବିଳାସତା ଓ ଅତ୍ୟଧିକ ପ୍ରାଚୁର୍ଯ୍ୟତାରେ ଭରିଯାଏ ତେବେ ପ୍ରାକୃତିକ ଭାରସାମ୍ୟତା ବିଗିଡ଼ିଯିବାଟା କିଛି ବିଚିତ୍ରତା ନୁହଁ। ସବୁ କଥାରେ ଏକୁ ଆରେକ ଦୋଷ ପିଙ୍ଗାଫିଙ୍ଗି ହୋଇ ବସିଗଲେ ଚଳିବନି, କେତେକ କଥାରେ ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ହେବାକୁ ହେବ। ପରିବାର ପାଇଁ, ପିଲାପିଲିଙ୍କ ପାଇଁ ଯେମିତି ଆମେ ଚିନ୍ତା କରୁଛେ, ଦେଶ ପାଇଁ ସେମିତି ଭାବିବାକୁ ହେବ। ନଚେତ ଏତେ ସୁନ୍ଦର ବିଶ୍ୱଟା ଆମରି ଆଖି ଆଗରେ ଅଚିରେ ଧ୍ୱଂସ ପାଇଯିବ ବୋଲି କହିଛନ୍ତି ବାବା ବଳିଆ।

ଜଣେ ସଂସ୍କାରବାଦୀ, ସର୍ବଧର୍ମ ସମନ୍ୱୟୀ ବାବା ବଳିଆ ଆଜି ଉତ୍ତର ପିଢ଼ିର ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ ଦେଶ ପାଇଁ ମାତ୍ର ପାଞ୍ଚ ମିନିଟ ଚିନ୍ତା କଲେ ଦେଶର ଭାଗ୍ୟ ଓ ଭବିଷ୍ୟତ ବଦଳିଯିବ ବୋଲି କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସ୍ୱାଧୀନତା ଦିବସକୁ 'ସ୍ୱାଧୀକାର ଦିବସ' ଭାବେ ପାଳନ କରାଯାଉ, ବିରୋଧୀ ଦଳକୁ 'ପ୍ରସ୍ତାବକ ଦଳ' ଭାବେ ଉପସ୍ଥାପନ କରାଯାଉ, ଗୋ-ମାତାଙ୍କୁ 'ଜାତୀୟ ପଶୁ'ର ମାନ୍ୟତା ପ୍ରଦାନ କରାଯାଉ, ଆଗକୁ ପୂର୍ଣ୍ଣ ପ୍ରଳୟ କଥାଟି ଅବାସ୍ତବ ମନେ ହେଉଥିଲେ ବି ଖଣ୍ଡପ୍ରଳୟ ହେବା ସୁନିଶ୍ଚିତ। ପ୍ରଳୟ ନାଁରେ ଭବିଷ୍ୟ ବକ୍ତାମାନଙ୍କ ହୋ-ହଲ୍ଲାକୁ ଗଣମାଧ୍ୟମରେ ଅତ୍ୟଧିକ ପ୍ରସାର କରି ସର୍ବସାଧାରଣରେ ଆତଙ୍କ ସୃଷ୍ଟି ନ କରନ୍ତୁ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ନେତାନ୍ୟାହୁଙ୍କ ପାଇଁ ଚ୍ୟାଲେଞ୍ଜ

ଇଜରାଏଲରେ ୨୦୨୬ ଅକ୍ଟୋବର ୨୭ରେ କ୍ନେସେଟ୍ ନିର୍ବାଚନ ହୋଇଯାଇଛି। ଏହା ୨୦୨୩ ଅକ୍ଟୋବର ୭ ଆକ୍ରମଣ ଓ ତା'ପରେ ଚାଲିଥିବା ଯୁଦ୍ଧପରେ ପ୍ରଥମ ଜାତୀୟ ନିର୍ବାଚନ। ଫଳାଫଳ ସ୍ପଷ୍ଟ ବିଜୟୀ ଦେଖାଇନାହିଁ। ବେଞ୍ଜାମିନ ନେତାନ୍ୟାହୁଙ୍କ ଲିକୁଡ୍ ଓ ତାଙ୍କ ଡାହାଣପନ୍ଥୀ- ଅତି ଡାହାଣ-ଅଲ୍ଟ୍ରା ଅର୍ଥୋଡକ୍ସ ମିତ୍ରମଣ୍ଡଳୀ ପ୍ରାୟ ୫୩ ଆସନ ପାଇଛନ୍ତି। ବିରୋଧୀ ବ୍ଲକ୍, ଯେଉଁଥିରେ ଗାଦି ଆଇଜେନକଟଙ୍କ ଯାଶାର୍ ଦଳ ମୁଖ୍ୟ, ପାଖାପାଖି ୪୮ ଆସନ ପାଇଛି। ଆରବ ଦଳଗୁଡ଼ିକ ରେକର୍ଡ ସ୍ତରର ୧୯ ଆସନ ପାଇଛନ୍ତି। ୧୨୦ ଆସନ ବିଶିଷ୍ଟ କ୍ନେସେଟ୍‌ରେ ସରକାର ଗଠନ ପାଇଁ ୬୧ ଆସନ ଆବଶ୍ୟକ। କୌଣସି ପକ୍ଷର ପାଖରେ ସେହି ସଂଖ୍ୟା ନାହିଁ।

ନେତାନ୍ୟାହୁ ଏବେ କେୟାରଟେକର ପ୍ରଧାନମନ୍ତ୍ରୀ ଭାବେ ରହିଛନ୍ତି। ରାଷ୍ଟ୍ରପତି ଇସାକ ହେର୍ଜୋଗ ଦଳଗୁଡ଼ିକ ସହ ଆଲୋଚନା କରି ସରକାର ଗଠନର ଦାୟିତ୍ୱ ଦେବେ। ଯଦି କେହି ସଫଳ ନ ହୁଅନ୍ତି, ତେବେ ନୂଆ ନିର୍ବାଚନ ହୋଇପାରେ, ସମ୍ଭବତଃ ୨୦୨୭ ପ୍ରାରମ୍ଭରେ। ନେତାନ୍ୟାହୁ ପୁଣି ଥରେ ରାଜନୈତିକ ବଞ୍ଚିବାର ପଥରେ ଅଛନ୍ତି, କିନ୍ତୁ ଏହା ସହଜ ବିଜୟ ନୁହେଁ। ନେତାନ୍ୟାହୁଙ୍କ ପାଇଁ ଏହି ନିର୍ବାଚନ କଠିନ କାହିଁକି ଥିଲା ଓ ଏବେ ମଧ୍ୟ କାହିଁକି ଚ୍ୟାଲେଞ୍ଜ? ପ୍ରଥମତଃ, ଅକ୍ଟୋବର ୭ ବିଫଳତାର ଦାୟିତ୍ୱ। ହାମାସଙ୍କ ଆକ୍ରମଣ ସମୟରେ ସେ ପ୍ରଧାନମନ୍ତ୍ରୀ ଥିଲେ। ଗାଜା ଯୁଦ୍ଧ, ଲେବାନନ ଓ ଇରାନ ସହ ସଂଘର୍ଷ ଲୋକଙ୍କୁ କ୍ଲାନ୍ତ କରିଦେଇଛି। ବହୁ ଇଜରାଏଲୀ ତାଙ୍କୁ ସୁରକ୍ଷା ବିଫଳତା ଓ ଯୁଦ୍ଧ ପରିଚାଳନା ପାଇଁ ଦୋଷ ଦିଅନ୍ତି। ଦ୍ୱିତୀୟତଃ, ତାଙ୍କ ବିରୁଦ୍ଧରେ ଚାଲିଥିବା ଦୁର୍ନୀତି ମାମଲା। ବ୍ରାଇବେରୀ, ଫ୍ରଡ୍ ଓ ବ୍ରିଚ୍ ଅଫ୍ ଟ୍ରଷ୍ଟ ଅଭିଯୋଗରେ ସେ ବର୍ଷ

ବର୍ଷ ଧରି ବିଚାରାଧୀନ। ଯଦି ସେ କ୍ଷମତା ହରାନ୍ତି, ମାମଲା ଆଗକୁ ବଢ଼ିପାରେ ଓ ଦଣ୍ଡ ହେବାର ଆଶଙ୍କା ରହେ। ଆନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ତାଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛି, ଯାହା ଗାଜାରେ କଥିତ ଯୁଦ୍ଧ ଅପରାଧ ସମ୍ପର୍କିତ। ଏହା ତାଙ୍କ ଆନ୍ତର୍ଜାତୀୟ ଚଳପ୍ରଚଳ ଓ ରାଜନୀତିକୁ ପ୍ରଭାବିତ କରେ। ତୃତୀୟତଃ, ସମାଜର ଗଭୀର ବିଭାଜନ। ତାଙ୍କ ସରକାର ଅତି ଡାହାଣପନ୍ଥୀ ଓ ଧାର୍ମିକ ଦଳଙ୍କ ଉପରେ ନିର୍ଭର କରୁଥିଲା। ଅଲ୍ଟ୍ରା ଅର୍ଥୋଡକ୍ସଙ୍କ ସେନା ନିଯୁକ୍ତି ଛାଡ଼ ଓ ବିଚାର ବିଭାଗ ସଂସ୍କାର ଭଳି ବିଷୟ ଲୋକଙ୍କୁ ବିଭକ୍ତ କରିଛି। ଆରବ ଇଜରାଏଲୀଙ୍କ ଭୋଟ୍ ବଢ଼ିଛି, କିନ୍ତୁ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ସହ ମିଳିତ ସରକାର ଗଠନରେ ସହଜ ନୁହନ୍ତି।

ଏହା ଆଇଜେନକଟଙ୍କ ପାଇଁ ମଧ୍ୟ ବଡ଼ ବାଧା। ନେତାନ୍ୟାହୁ ଏକ ରାଜନୈତିକ ସର୍ଭାଇଭର। ତାଙ୍କ କ୍ୟାରିୟରରେ ବାରମ୍ବାର ଲେଖାଯାଇଛି ଯେ ତାଙ୍କର ଶେଷ ହେବ। ତଥାପି ସେ ଫେରି ଆସିଛନ୍ତି। ଏବେ ମଧ୍ୟ ଲିକୁଡ୍ ସବୁଠାରୁ ବଡ଼ ଦଳ ରହିଛି ଓ ଇହୁଦୀ ଭୋଟରେ ତାଙ୍କ ବ୍ଲକ୍ ଆଗରେ। ସେ ଏକତା ସରକାର କିମ୍ବା ବିରୋଧୀଙ୍କ କିଛି ଅଂଶକୁ ଆକର୍ଷିତ କରିବାକୁ ଚେଷ୍ଟା କରିପାରନ୍ତି। ଯଦି ଆଲୋଚନା ବିଫଳ ହୁଏ, ତେବେ ସେ କେୟାରଟେକର ଭାବେ ରହି ନୂଆ ନିର୍ବାଚନରେ ସୁବିଧା ପାଇପାରନ୍ତି। ତଥାପି, ଚ୍ୟାଲେଞ୍ଜ ବହୁତ। ଯୁଦ୍ଧର କ୍ଲାନ୍ତି, ଅର୍ଥନୈତିକ ଚାପ, ଆନ୍ତର୍ଜାତିକ ଏକାକୀତା, ଆଇନଗତ ଚାପ ଓ ସମାଜର ମେରୁକରଣ - ଏସବୁ ତାଙ୍କ ପାଇଁ ବଡ଼ ପ୍ରତିବନ୍ଧକ। ଇଜରାଏଲ ଏକ ସ୍ଥିର ସରକାର ଚାହେଁ, ଯାହା ସୁରକ୍ଷା, ଅର୍ଥନୀତି ଓ ଆନ୍ତର୍ଜାତୀୟ ସମ୍ପର୍କ ପରିଚାଳନା କରିପାରିବ। ନେତାନ୍ୟାହୁ ଜିତିପାରନ୍ତି କି ନାହିଁ, ତାହା ଆସନ୍ତା କିଛି ସପ୍ତାହର ଆଲୋଚନା ଉପରେ ନିର୍ଭର କରେ। ସେ ଜିତିନାହାନ୍ତି କିନ୍ତୁ ହାରିନାହାନ୍ତି ମଧ୍ୟ। ଇଜରାଏଲର ରାଜନୀତି ପୁଣି ଥରେ ଅନିଶ୍ଚିତତାର ମୁହୂର୍ତ୍ତରେ ରହିଛି।

ଦୀପାବଳି, ବିଭିନ୍ନ ଦୀପ

ଡ଼ଃ. ଅରୁନ୍ଧତୀ ଦେବୀ

ଦୀପ ପ୍ରଜ୍ଜ୍ୱଳନର ଚେତନା ଆମ ସମସ୍ତଙ୍କ ଭିତରେ ଗୋଟିଏ ଶିକ୍ଷା ଦେଇଥାଏ ଏହା କେବଳ ଅନ୍ଧାରର ବିନାଶ କରିନଥାଏ ଏହା ଆମ ଆଧ୍ୟାତ୍ମିକ ଚେତନାର ପ୍ରଜ୍ଜ୍ୱଳନ ସହିତ ପରିବେଶ ପାଇଁ ମଧ୍ୟ ଏକ ଆନନ୍ଦଦାୟକ ସଂରଚନା ସୃଷ୍ଟି କରିଥାଏ। ପ୍ରତିଟି ହିନ୍ଦୁ ବିଶ୍ୱାସୀ ଓ ଓଡ଼ିଆ ଆଧ୍ୟାତ୍ମିକ ଭାବନାକୁ ଧରିଥିବା ଘର ହେଉ ବା ଠାକୁର ଘର ସବୁଠି ଦୀପ ଜଳାଯାଏ। ଆମ ପ୍ରତିଟି ଓଡ଼ିଆ ଘରଣୀ ସନ୍ଧ୍ୟାବେଳେ ସଞ୍ଜବତୀ ଦେବାର ପ୍ରଥା ରହିଛି। ଏହି ସଞ୍ଜଦୀପ ପ୍ରଦାନ ସମ୍ପର୍କରେ ଏକ ସଂସ୍କୃତ ମନ୍ତ୍ରର ଓଡ଼ିଆ ଭାବାର୍ଥ ହେଉଛି - 'ହେ ପ୍ରଦୀପର ଶିଖା ତୁମେ ଶୁଭମୟ, ତୁମେ କଲ୍ୟାଣକାରୀ ତୁମେ ଧନସମ୍ପଦ ଦାୟକ ଓ ତୁମେ ଆରୋଗ୍ୟକାରୀ ଆମ ଶତ୍ରୁ ମାନଙ୍କ ବୁଦ୍ଧି ବିନାଶ କରିଥାଅ। କୃତଜ୍ଞତା ପୂର୍ବକ ତୁମକୁ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ମଥାନତ ପ୍ରଣାମ ଜଣାଉଛୁ।' ଦୀପ ପ୍ରାୟତଃ ଘର ହେଉ ବା ଚଉରାମୂଳ, ଦେବାଳୟ ହେଉ ବା ପୂଜାସ୍ଥଳୀ ସବୁଠି ଏହା ପ୍ରଜ୍ଜ୍ୱଳନ ହୋଇଥାଏ। ତେବେ କାର୍ତ୍ତିକ ମାସରେ ଦୀପାବଳି ସମୟରେ ଏହା ସ୍ୱତନ୍ତ୍ର ଓ ଅନନ୍ୟ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦୀପଦାନ ଅର୍ପଣ ହୋଇଥାଏ। ଦୀପ ପ୍ରଜ୍ଜ୍ୱଳନ ସମୟରେ ଏହାର ଶିଖା ଅପୂର୍ବ ଓ ରମଣୀୟର ପରିବେଶ ସୃଷ୍ଟି କରିଥାଏ। ଯେଉଁଠି ଦୀପ ପ୍ରଜ୍ଜ୍ୱଳନ ହେଉଥାଏ ସେଠି ଦେବୀଙ୍କ ଆଶୀର୍ବାଦ ମିଳିଥାଏ ସର୍ବୋପରି ପ୍ରଜ୍ଜ୍ୱଳିତ ଦୀପ ଶିଖା ସମସ୍ତଙ୍କୁ ଏହି ଶିକ୍ଷା ଦେଇଥାଏ ଯେ - 'ଈଶ୍ୱର ହିଁ ଏକ ମାତ୍ର ସତ୍ୟ'। ଭାରତର ବିଭିନ୍ନ ଦେବାଳୟରେ ଯେଉଁ ଦୀପ ସବୁ ପ୍ରଜ୍ଜ୍ୱଳନ ହୋଇଥାଏ ଏହା ବିଭିନ୍ନ ପ୍ରକାରର। ସେହି ଦୀପ ସମ୍ପର୍କରେ ଆଲୋଚନାଟି ରଖୁଛୁ।

କାର୍ତ୍ତିକ ଦୀପ : ଆମ ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କେରଳ, କର୍ଣ୍ଣାଟକ ଏପରିକି ଶ୍ରୀଲଙ୍କାରେ ରହୁଥିବା ହିନ୍ଦୁ ମାନଙ୍କ ଘରେ କାର୍ତ୍ତିକ ପୂର୍ଣ୍ଣିମ ସମୟରେ 'କାର୍ତ୍ତିକ ଦୀପ ପ୍ରଜ୍ଜ୍ୱଳନ ହୋଇଥାଏ। ବିଧି ଅନୁଯାୟୀ ରଙ୍ଗୋଲୀ ବା ମୁରୁଜ ଝୁଟି ପକାଯାଇ ଏହା ଉପରେ ଦୀପ ଜଳାଯାଏ।'

କୁବେର ଦୀପ : ଅର୍ଥର ଦେବତା କୁବେରଙ୍କ କୃପା ପାଇବା ପାଇଁ ସମସ୍ତଙ୍କର ଏକ ଇପ୍ସିତ ପ୍ରାର୍ଥନା ରହିଥାଏ। ତେବେ କୁବେର ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା କେବଳ ଧନ ନୁହେଁ ସମୃଦ୍ଧି, ସୌଭାଗ୍ୟ ମିଳିଥାଏ। ଏହା ସହିତ ଅର୍ଥଗତ କ୍ଷେତ୍ର ପାଇଁ କୁବେରଙ୍କ କୃପା ପ୍ରାପ୍ତ ହୋଇ ଉନ୍ନତି ହେବା ସହ ଋଣମୁକ୍ତ ଜୀବନ ପାଇଁ ଏହି ଦୀପ ପ୍ରଜ୍ଜ୍ୱଳନ କରାଯାଏ। ଏହି ଦୀପଶିଖା ପରାକ୍ରମର ଅପୂର୍ବ ପ୍ରତୀକ ସାଜିଥାଏ। କୁବେର ଦୀପରେ ଘିଅ କିମ୍ବା ରାଶି ତେଲ ବ୍ୟବହାର ହୋଇଥାଏ।

କାମାକ୍ଷୀ ଦୀପ : ଆସାମର ପ୍ରତ୍ୟକ୍ଷ ଦେବୀ କାଉଁରୀ କାମାକ୍ଷୀଙ୍କ ଲୀଳା ସମ୍ପର୍କରେ ସମସ୍ତେ ଜାଣନ୍ତି। ମା' କାମାକ୍ଷୀଙ୍କ ପ୍ରତୀମା ଖୋଦିତ ହୋଇ ଧାତୁ ଦ୍ୱାରା ଏକ ସ୍ୱତନ୍ତ୍ର ଦୀପ ପ୍ରସ୍ତୁତ ହୋଇଥାଏ। ଏହାର ନାମ ହେଉଛି କାମାକ୍ଷୀ ଦୀପ। ଠାକୁରଘର, ଘରସଜ୍ଜା, କାର୍ଯ୍ୟାଳୟ ବା ପ୍ରତିଷ୍ଠାନ, ପୂଜାସ୍ଥଳୀରେ ଏହି ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ସମସ୍ତ ପାପର ବିନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଲକ୍ଷ୍ମୀ ଦୀପ : ଦେବୀ ଲକ୍ଷ୍ମୀଙ୍କ ବରପ୍ରାପ୍ତ ପାଇଁ ସମସ୍ତେ ପ୍ରାର୍ଥନା କରନ୍ତି। ତେବେ ମା'ଲକ୍ଷ୍ମୀଙ୍କ ପ୍ରତୀମା ଖୋଦିତ ହୋଇ ଏକ ଦୀପ ପ୍ରସ୍ତୁତ ହୋଇଥାଏ ଯାହାର ନାମ ହେଉଛି ଲକ୍ଷ୍ମୀ ଦୀପ। ଏହି ଦୀପ ସହିତ ଅଷ୍ଟଲକ୍ଷ୍ମୀ ଦୀପ ବି ପ୍ରଜ୍ଜ୍ୱଳନ କରାଯାଏ। ପୁରାଣରେ ଉଲ୍ଲେଖ ରହିଛି ଏହି ପ୍ରଦୀପ ପ୍ରଜ୍ଜ୍ୱଳନ ଯେଉଁ କୃପାଗୁଡ଼ିକ ପ୍ରଦାନ କରିଥାଏ ତାହା ହେଉଛି ଜ୍ଞାନ, ପ୍ରସିଦ୍ଧି, ସଫଳତା, ସନ୍ତାନ ସନ୍ତତି, ସାହାସ, ଧନଧାନ୍ୟ ଏବଂ ପାର୍ଥିବ ତଥା ଐଶ୍ୱରୀ ସମ୍ପଦ।

ଅଖଣ୍ଡ ଦୀପ : ଆମେ ଅନେକଙ୍କ ଘରେ ପୂଜା ପ୍ରତିଷ୍ଠାନ ବା ଦେବାଳୟରେ ଅଖଣ୍ଡ ଦୀପ ଦେଖିଥାଉ। ତେବେ ଭଗବାନ ଶ୍ରୀନିବାସ ବା ବିଷ୍ଣୁଙ୍କ ପ୍ରତୀକ ଅଖଣ୍ଡ ଦୀପ ଶୁଦ୍ଧପୂତ ଭାବେ ଅନେକଙ୍କ ବାସଗୃହରେ ପ୍ରଜ୍ଜ୍ୱଳନ ହୋଇଥାଏ। ଆମ ଅନେକ ଓଡ଼ିଆଙ୍କ ଘରେ ବା ମଠ ମନ୍ଦିରରେ ଏକ ଉଚ୍ଚ କାଠର ରୁଖା ଉପରେ ଅଖଣ୍ଡ ଦୀପ ଜଳାଯାଉଥିବା ଅନେକ ଦେଖିଥିବେ। ଏହି ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ଆନନ୍ଦ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଦୁର୍ଗାଦୀପ : ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କ ଆରାଧନା ନବରାତ୍ର ସମୟରେ ସବୁଆଡୁ ନକରାତ୍ମକ ଭାବନା ଓ ଚେତନା ତଥା ଦୁଷ୍ଟ ଦୁରାତ୍ମକ ବିତାଡ଼ନ ପାଇଁ ଏହି ଦୀପ ପ୍ରଜ୍ଜ୍ୱଳନ ହୋଇଥାଏ। ଏହି ଦୁର୍ଗାଦୀପ ପ୍ରଜ୍ଜ୍ୱଳନ ସମୟରେ କାଗଜି ଲେମ୍ବୁର ବ୍ୟବହାର ହୋଇଥାଏ। ଏହି ଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ପାଠ ଭଲ ହୋଇଥାଏ, ପରିବାର ଆନନ୍ଦମୟ ଓ ସମୃଦ୍ଧ, ବିବାହ, ମଙ୍ଗଳକାରକ ତଥା ସୁସ୍ଥ ଓ ନିରାମୟ ଜୀବନ ପାଇଁ କଲ୍ୟାଣ ପ୍ରଦାନ କରିଥାଏ।

ମହାଦୀପ : ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପୁଣ୍ୟ କାର୍ତ୍ତିକ ମାସର ପୂର୍ଣ୍ଣିମାରେ ମହାଦୀପ ପ୍ରଜ୍ଜ୍ୱଳନର ପରମ୍ପରା ରହିଛି। ଏହି ପ୍ରକାଣ୍ଡକାୟ ଦୀପର ଉଦଭାସିତ ଉଚ୍ଚ ଆଲୋକ ବହୁତ ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ। ଅରୁଣାଞ୍ଚଳ ପର୍ବତରେ ଏହାର ଶିଖରରେ ଥିବା ପୀଠ କ୍ଷେତ୍ରରେ ମହାଦୀପ ପ୍ରଜ୍ଜ୍ୱଳନ ହୋଇଥାଏ।

ବିଷ୍ଣୁ ଦୀପ : ଦକ୍ଷିଣ ଭାରତର କେତେକ ରାଜ୍ୟରେ ଭଗବାନ ବିଷ୍ଣୁ ବଳୀ ରାଜାଙ୍କୁ ପାତାଳପୁରୀକୁ ପେଷଣ କରିବା ଦିନଟିକୁ ଆଧ୍ୟାତ୍ମିକ ସ୍ମୃତିମୟ କରି ବାମନ ରୂପୀ ବିଷ୍ଣୁଙ୍କ ପୂଜାଅର୍ଚ୍ଚନା କରାଯାଇ ବିଷ୍ଣୁ ଦୀପ ପ୍ରଜ୍ଜ୍ୱଳନ ହେବା ସହ ଏକ ବିଧିବଦ୍ଧ ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ବିଷ୍ଣୁ ଦୀପ ମନ୍ଦିର ଓ ବାସଗୃହକୁ ସୁସଜ୍ଜିତ କରାଯାଇଥାଏ। ଦକ୍ଷିଣ ଭାରତର ଭାଷାରେ ଏହାର ପରିଚିତ ନାମ ହେଉଛି - 'କାର୍ତ୍ତିକାୟୀ ଦୀପମ୍'।

ଶିବ ଦୀପ : ଭୋଳାଶଙ୍କର ପଶୁପତିନାଥ ଭଗବାନ ଶିବଙ୍କ କୃପାପ୍ରାପ୍ତ ନିମିତ୍ତ ପବିତ୍ର କାର୍ତ୍ତିକ ମାସରେ ତାଙ୍କରି ଉଦ୍ଦେଶ୍ୟରେ ଦୀପ ପ୍ରଜ୍ଜ୍ୱଳନ ହୋଇଥାଏ। ଏଥିରେ ଘିଅ ଓ ରାଶିତେଲ ବ୍ୟବହାର ହୋଇଥାଏ। ଆଶୁତୋଷ କୃପା କଲେ ସବୁ ସଙ୍କଟ ଦୂରୀଭୂତ ହେବା ସହ ଆୟୁଷ ବୃଦ୍ଧି ହୋଇଥାଏ।

ଗଙ୍ଗାଦୀପ : କାର୍ତ୍ତିକ ମାସ ବ୍ୟତୀତ ବର୍ଷର ବିଭିନ୍ନ ପର୍ବପର୍ବାଣୀ ପବିତ୍ର ଗଙ୍ଗାନଦୀରେ ଦୀପ ପ୍ରଜ୍ଜ୍ୱଳିତ କରାଯାଇଥାଏ। ଏହାକୁ ସମସ୍ତେ 'ଗଙ୍ଗାଦୀପ' ନାମରେ ଜାଣନ୍ତି। ନିକଟତମ ଲୋକଙ୍କ ସ୍ୱାସ୍ଥ୍ୟ ଆରୋଗ୍ୟ, ଉତ୍ତମ ସୁସ୍ଥତା ଓ ମଙ୍ଗଳ ପ୍ରାର୍ଥନା କରାଯାଇ ଏହି ଦୀପ ପ୍ରଜ୍ଜ୍ୱଳନ କରାଯାଏ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ମୋବାଇଲ୍:୯୯୩୭୧୭୨୮୧୦

ଗତିରୁ ପ୍ରଗତି: ଓଡ଼ିଶାର ସହରୀ ଗମନାଗମନର ନୂଆ ଅଧ୍ୟାୟ

ଡଃ କୃଷ୍ଣଚନ୍ଦ୍ର ମହାପାତ୍ର

ପ୍ରତିଦିନ ସକାଳେ ଜଣେ ମାଆ ନିଜ ପିଲାକୁ ବିଦ୍ୟାଳୟ ପଠାଇବା ପାଇଁ ପ୍ରସ୍ତୁତ କରନ୍ତି। ଜଣେ ଯୁବକ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ବ୍ୟସ୍ତ ହୁଅନ୍ତି। ଜଣେ ବୟସ୍କ ନାଗରିକ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ଗାଡ଼ି ଅପେକ୍ଷା କରନ୍ତି। ଏହି ସାଧାରଣ ଦୈନନ୍ଦିନ ଦୃଶ୍ୟଗୁଡ଼ିକ ଆମକୁ ଏକ ଗଭୀର ସତ୍ୟର ସ୍ମରଣ କରାଇଦିଏ-କ୍ଷ ଯାତାୟାତ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚିବାର ମାଧ୍ୟମ ନୁହେଁ; ଏହା ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟସେବା ଓ ଜୀବନର ଅସଂଖ୍ୟ ସମ୍ଭାବନା ସହ ମଣିଷକୁ ଯୋଡ଼ିଥାଏ।

ଏକ ସୁବିଧାଜନକ, ସୁରକ୍ଷିତ, ସୁଲଭ ଓ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ବ୍ୟବସ୍ଥା ତେଣୁ କେବଳ ନଗର ଭିତ୍ତିଭୂମିର ଏକ ଅଂଶ ନୁହେଁ; ଏହା ଜନକଲ୍ୟାଣ, ସମାନ ସୁଯୋଗ ଓ ଅର୍ଥନୈତିକ ପ୍ରଗତିର ଏକ ମୌଳିକ ଆଧାର। ମଣିଷର ଏହି ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶାର ସହରୀ ଗମନାଗମନ ବ୍ୟବସ୍ଥା ଆଜି ଏକ ନୂଆ ପରିବର୍ତ୍ତନର ଦିଗରେ ଅଗ୍ରସର ହେଉଛି।

୨୦୨୪ରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆମର ଏକ ପ୍ରମୁଖ ପ୍ରାଥମିକତା ହେଉଛି ସହରାଞ୍ଚଳର ନାଗରିକମାନଙ୍କୁ ଆଧୁନିକ, ସୁଲଭ, ପରିବେଶ ଅନୁକୂଳ ଓ ଉନ୍ନତ ମାନର ପରିବହନ ସେବା ଯୋଗାଇଦେବା। ଏହି ଲକ୍ଷ୍ୟ ପୂରଣ ଦିଗରେ କ୍ରୁଟ୍ (ଉଜଟଞ୍ଚ) ପରିଚାଳିତ 'ଆମ ବସ୍' ସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସୀମିତ ସେବାରୁ ବ୍ୟାପକ ଜନସଂଯୋଗ

ଓଡ଼ିଶାର ସହରୀ ପରିବହନ ବ୍ୟବସ୍ଥାରେ କ୍ରୁଟ୍‌ର ଆରମ୍ଭ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିଥିଲା। ୨୦୧୮ରେ ପ୍ରାୟ ୨୦୦ଟି ବସ୍‌କୁ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ବ୍ୟାପକତା, ପ୍ରଯୁକ୍ତି, ନିଯୁକ୍ତି ଓ ଜନସେବାର ଏକ ନୂତନ ପରିଚୟ ସୃଷ୍ଟି କରିଛି।

ବର୍ତ୍ତମାନ ଏହି ସହରୀବସ୍‌ଚଳାଚଳରେବ୍ୟବସ୍ଥା ରେ ୭୯୫ଟି ବସ୍ ରହିଛି। ଏଥିମଧ୍ୟରେ ୩୮୦ଟି ଡିଜେଲ୍ ଚାଳିତ ଏବଂ ୪୧୫ଟି ବିଦ୍ୟୁତ୍‌ଚାଳିତ ବସ୍ ଅନ୍ତର୍ଭୁକ୍ତ। ସାତଟି ସହରକୁ ବସ ସେବା ସମ୍ପ୍ରସାରିତ ହୋଇଥିବାବେଳେ ଦୈନିକ ଯାତ୍ରୀ ସଂଖ୍ୟା ୩.୧୩ ଲକ୍ଷ ଅତିକ୍ରମ କରିଛି। ପୂର୍ବରୁ ପ୍ରାୟ ଏକ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଉଥିବା ବ୍ୟବସ୍ଥାର ଏହି ଅଭିବୃଦ୍ଧି ସାର୍ବଜନୀନ ପରିବହନ ପ୍ରତି ଲୋକଙ୍କ ବଢ଼ୁଥିବା ଆସ୍ଥା ଓ ନିର୍ଭରଶୀଳତାକୁ ପ୍ରତିଫଳିତ କରୁଛି।

ତେବେ ଆମର ଲକ୍ଷ୍ୟ କେବଳ ବସ୍ ସଂଖ୍ୟା ବଢ଼ାଇବା ନୁହେଁ। ଅଧିକରୁ ଅଧିକ ନାଗରିକ ଯେପରି ସୁବିଧାରେ, ସମୟାନୁସାରେ ଓ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ, ସେଥିପାଇଁ ସେବାର ଗୁଣବତ୍ତା ଓ ନିରନ୍ତରତାକୁ ସୁଦୃଢ଼ କରିବା ଆମର ପ୍ରକୃତ ଉଦ୍ଦେଶ୍ୟ।

ସବୁଜ ଗମନାଗମନ: ସ୍ୱଚ୍ଛ ଭବିଷ୍ୟତର ଆଧାର

ସହରୀ ବିକାଶର ସଫଳତା କେବଳ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାସ୍ତା କିମ୍ବା ଅଧିକ ଯାନବାହନରେ ମାପିହେବ ନାହିଁ। ଏକ ସୁସ୍ଥ ସହରର ପରିଚୟ ହେଉଛି ସ୍ୱଚ୍ଛ ବାୟୁ, କମ୍ ପ୍ରଦୂଷଣ, ଉନ୍ନତ ଜୀବନମାନ ଓ ପରିବେଶ ସହ ସମନ୍ୱୟ ରକ୍ଷା କରୁଥିବା ବିକାଶ। ଏହି ଦୃଷ୍ଟିକୋଣରୁ ବିଦ୍ୟୁତ୍‌ଚାଳିତ ବସ୍‌ର ସମ୍ପ୍ରସାରଣ ଓଡ଼ିଶାର ସବୁଜ ଗମନାଗମନ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ପୂର୍ବରୁ ୫୦ଟି ଇଲେକ୍ଟ୍ରିକ୍ ବସ୍ ଥିବାବେଳେ ଏବେ ଏହି ସଂଖ୍ୟା ୪୧୫ରେ ପହଞ୍ଚିଛି। ମୋଟ ବସ୍ ପରିବହନ ସଂଖ୍ୟା ୫୨ ପ୍ରତିଶତରୁ ଅଧିକ ବିଦ୍ୟୁତ୍‌ଚାଳିତ ହେବା ଆମର ସ୍ୱଚ୍ଛ ଓ ସ୍ଥାୟୀ ପରିବହନ ପ୍ରତି ପ୍ରତିବଦ୍ଧତାକୁ ସୂଚାଏ। ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ଅଧୀନରେ ଆଉ ୭୦୦ଟି ବିଦ୍ୟୁତ୍‌ଚାଳିତ ବସ୍ ସାମିଲ କରିବାର ଯୋଜନା ରହିଛି।

ଏହି ପଦକ୍ଷେପ କେବଳ ଇନ୍ଧନର ବିକଳ୍ପ ଖୋଜିବାରେ ସୀମିତ ନୁହେଁ। ଏହା ବାୟୁ ପ୍ରଦୂଷଣ ହ୍ରାସ, ସହରୀ ପରିବେଶର ସୁରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ଅଧିକ ସ୍ୱଚ୍ଛ, ସୁସ୍ଥ, ସ୍ୱାସ୍ଥ୍ୟକର ଓ ବାସଯୋଗ୍ୟ ସହର ଗଢ଼ିବାର ଏକ ଦୃଢ଼ ପଦକ୍ଷେପ। ସବୁଜ ପରିବହନକୁ ଜନଜୀବନର ଅବିଚ୍ଛେଦ୍ୟ ଅଂଶ କରିବା ଦିଗରେ ଆମେ ନିରନ୍ତର ଆଗକୁ ବଢ଼ୁଛୁ।

ଭିତ୍ତିଭୂମି ଓ ପ୍ରଯୁକ୍ତି: ଯାତ୍ରୀ ଅନୁଭୂତିରେ ପରିବର୍ତ୍ତନ

ଏକ ସଫଳ ସାର୍ବଜନୀନ ପରିବହନ ବ୍ୟବସ୍ଥା ପାଇଁ କେବଳ ବସ୍ ରାସ୍ତାରେ ଚଳାଚଳ କରିବା ଯଥେଷ୍ଟ ନୁହେଁ। ବସ୍ ଡିପୋ, ଟର୍ମିନାଲ୍, ସୁବ୍ୟବସ୍ଥିତ ଅପେକ୍ଷାସ୍ଥଳ, ସଠିକ୍ ଯାତ୍ରୀ ସୂଚନା ଓ ଦକ୍ଷ ପରିଚାଳନା ଏହାର ସଫଳତାର ମୂଳ ଆଧାର।

ବର୍ତ୍ତମାନ କ୍ରୁଟ୍ ଅଧୀନରେ ୧୦ଟି ଡିପୋ କାର୍ଯ୍ୟକ୍ଷମ ରହିଛି। ଏହା ସହିତ ଆଠଟି ବସ୍ ଟର୍ମିନାଲ୍ ଓ ସହରାଞ୍ଚଳ ପରିବହନ ନେଟ୍‌ୱର୍କରେ ୨୩୦ଟି ବସ୍ କ୍ୟୁ ସେଲ୍ଟର୍ ଯାତ୍ରୀଙ୍କୁ ଅପେକ୍ଷାକୃତ ଅଧିକ ସୁବିଧା ପ୍ରଦାନ କରୁଛି। କଟକରେ ୧୧୫ଟି ବସ୍ ପୋଲ୍ ସ୍ଥାପନ ହୋଇଥିବାବେଳେ ଆଉ ୩୮ଟିର କାର୍ଯ୍ୟ ଚାଲିଛି। ଆଗାମୀ ପର୍ଯ୍ୟାୟରେ ରାଜଧାନୀ ଅଞ୍ଚଳରେ ୨୦୦ଟି ନୂଆ ବସ୍ କ୍ୟୁ ସେଲ୍ଟର୍ ଓ ୨୫୦ଟି ବସ୍ ପୋଲ୍ ସ୍ଥାପନ କରିବାର ଯୋଜନା ରହିଛି।

ଏହି ଭିତ୍ତିଭୂମି ସହ ପ୍ରଯୁକ୍ତିର ସମନ୍ୱୟ ଯାତ୍ରୀ ସେବାକୁ ଅଧିକ ସହଜ ଓ ନିର୍ଭରଯୋଗ୍ୟ କରିଛି। ବସ୍‌ଗୁଡ଼ିକରେ ଜିପିଏସ୍ ଆଧାରିତ ନିରୀକ୍ଷଣ, 'ଆମ ବସ୍ ଆପ୍' ମାଧ୍ୟମରେ ଯାତ୍ରୀ ସୂଚନା ଓ କେନ୍ଦ୍ରୀୟ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର୍ ମାଧ୍ୟମରେ ପରିଚାଳନା ବ୍ୟବସ୍ଥାକୁ ଅଧିକ ଦକ୍ଷ କରିଛି। ଡିଜିଟାଲ୍ ଟିକେଟିଂର ଅଂଶ ୪୮ ପ୍ରତିଶତରେ ପହଞ୍ଚିବା ଏହି ପରିବର୍ତ୍ତନର ଆଉ ଏକ ସୂଚକ।

'ଆମ ସାଥୀ', ହ୍ୱାଟ୍ସଆପ୍ ଚାଟ୍‌ବଟ୍, ସ୍ମାର୍ଟ କାର୍ଡ, ଜାତୀୟ ସାଧାରଣ ଗତିଶୀଳତା କାର୍ଡ (ଘଉଗଉ), ସ୍ୱୟଂଚାଳିତ ଟିକେଟ୍ ମେସିନ୍ ଓ ଡିଜିଟାଲ୍ ପାସ୍ ଭଳି ସୁବିଧା ଯାତ୍ରୀଙ୍କ ଅନୁଭୂତିକୁ ଆହୁରି ସରଳ କରିବାରେ ସହାୟକ ହେଉଛି। ଆମର ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିକୁ କେବଳ ଆଧୁନିକତାର ପ୍ରତୀକ ଭାବେ ନୁହେଁ, ବରଂ ନାଗରିକଙ୍କ ଦୈନନ୍ଦିନ ଜୀବନକୁ ସହଜ କରିବାର ଏକ ବ୍ୟବହାରିକ ମାଧ୍ୟମ ଭାବେ ଉପଯୋଗ କରିବା।

ସୁରକ୍ଷା, ସମାବେଶ ଓ ସମ୍ମାନଜନକ ଯାତ୍ରା

ପରିବହନ ବ୍ୟବସ୍ଥାର ପ୍ରକୃତ ସଫଳତା କେବଳ ଯାତ୍ରୀ ସଂଖ୍ୟାରେ ନୁହେଁ, ପ୍ରତ୍ୟେକ ଯାତ୍ରୀ କେତେ ସୁରକ୍ଷିତ ଓ ନିଶ୍ଚିନ୍ତ ଭାବେ ଯାତ୍ରା କରିପାରୁଛନ୍ତି। ତେଣୁ ଯାତ୍ରୀ ସୁରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଅନ୍ୟତମ। ନିୟମିତ ଚାଳକ ପ୍ରଶିକ୍ଷଣ, ଯାନବାହନର ନିରୀକ୍ଷଣ ଓ ମାନକ ପରିଚାଳନା ପ୍ରକ୍ରିୟାର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଆଡ୍‌ଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ (ଇଉଇଝ) ଓ ଡ୍ରାଇଭର୍ ଫାଟିଗ୍ ମନିଟରିଂ ସିଷ୍ଟମ୍ (ଉଊଗଝ) ଭଳି ଆଧୁନିକ ପ୍ରଯୁକ୍ତିର ବ୍ୟବହାର ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବ।

ସେହିପରି ଏକ ଆଧୁନିକ ପରିବହନ ବ୍ୟବସ୍ଥା ସେତେବେଳେ ହିଁ ସଫଳ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ବର୍ଗ ଏଥିରୁ ଉପକୃତ ହୋଇପାରିବେ। ମହିଳାଙ୍କ ପାଇଁ ପରିବହନ କ୍ଷେତ୍ରରେ ଅଧିକ ନିଯୁକ୍ତି ଓ ଅଂଶଗ୍ରହଣର ସୁଯୋଗ ସୃଷ୍ଟି, ବସ୍ କ୍ୟାପ୍ଟେନ୍ ଓ ଗାଇଡ୍ ଭାବେ ସେମାନଙ୍କ ଭୂମିକାର ସମ୍ପ୍ରସାରଣ ଏବଂ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସୁଗମ ଯାତାୟାତ ବ୍ୟବସ୍ଥା ଏହି ସମାବେଶୀ ଦୃଷ୍ଟିକୋଣର ଅଂଶ।

ଏହା ସହିତ 'ଓଡ଼ିଶା ଯାତ୍ରୀ' ଭଳି ରାଜ୍ୟର ନିଜସ୍ୱ କମିସନ୍‌ମୁକ୍ତ ଯାତ୍ରୀ ପରିବହନ ପ୍ଲାଟ୍‌ଫର୍ମ ଯାତ୍ରୀ ଓ ଚାଳକଙ୍କ ମଧ୍ୟରେ ଏକ ସ୍ୱଚ୍ଛ, ସୁବିଧାଜନକ ଓ ନ୍ୟାୟସଙ୍ଗତ ବ୍ୟବସ୍ଥା ଗଢ଼ିବାର ପ୍ରୟାସକୁ ଆଗକୁ ନେଉଛି। ଆମର ବିଶ୍ୱାସ, ପରିବହନ ବ୍ୟବସ୍ଥାରେ ସମାବେଶୀକରଣ କେବଳ ଏକ ନୀତି ନୁହେଁ; ଏହା ଏକ ଉନ୍ନତ ଓ ସମ୍ବେଦନଶୀଳ ସମାଜ ଗଠନର ମାନଦଣ୍ଡ।

ଦକ୍ଷତାରୁ ବିଶ୍ୱାସ, ସମ୍ପ୍ରସାରଣରୁ ସମ୍ଭାବନା

କ୍ରୁଟ୍‌ର ପରିଚାଳନାଗତ ସୂଚକଗୁଡ଼ିକ ମଧ୍ୟ ଉତ୍ସାହଜନକ। ପ୍ରତି ବସ୍‌ର ଦୈନିକ ହାରାହାରି ଚଳାଚଳ ୨୧୦ କିଲୋମିଟର, ଯାନ ଉପଲବ୍ଧତା ୮୮ ପ୍ରତିଶତ ଓ ସେବାର ନିୟମିତତା ୯୦ ପ୍ରତିଶତ ରହିଛି। ପ୍ରତି ଲକ୍ଷ କିଲୋମିଟରରେ ଦୁର୍ଘଟଣା ହାର ୦.୦୩ ରହିବା ମଧ୍ୟ ଏକ ସକାରାତ୍ମକ ସୂଚକ। ଏହି ତଥ୍ୟଗୁଡ଼ିକ ସେବାର ଦକ୍ଷତା, ନିୟମିତତା ଓ ସୁରକ୍ଷାକୁ ଆହୁରି ଉନ୍ନତ କରିବାର ଆମ ସଂକଳ୍ପକୁ ଦୃଢ଼ କରୁଛି।

ଆଗାମୀ ଦିନରେ ଏହି ସେବାକୁ ନଅଟି ସହରକୁ ସମ୍ପ୍ରସାରିତ କରିବା, ଆଉ ୭୦୦ଟି ବିଦ୍ୟୁତ୍‌ଚାଳିତ ବସ୍ ସାମିଲ କରିବା, ଆବଶ୍ୟକ ଅନୁଯାୟୀ ଅତିରିକ୍ତ ଡିପୋ ନିର୍ମାଣ କରିବା ଓ ସ୍ମାର୍ଟ ପରିବହନ ବ୍ୟବସ୍ଥାକୁ ଆହୁରି ବିକଶିତ କରିବା ଆମର ଲକ୍ଷ୍ୟ। ଏହି ପଦକ୍ଷେପଗୁଡ଼ିକ ରାଜ୍ୟର ସହରାଞ୍ଚଳରେ ଜନସାଧାରଣଙ୍କ ଯାତାୟାତକୁ ଅଧିକ ସୁବିଧାଜନକ କରିବା ସହ ସହରଗୁଡ଼ିକର ଅର୍ଥନୈତିକ ଓ ସାମାଜିକ ଗତିଶୀଳତାକୁ ନୂଆ ଶକ୍ତି ପ୍ରଦାନ କରିବ।

ଗତିରେ ପ୍ରଗତି, ପ୍ରଗତିରେ ଜନକଲ୍ୟାଣ

ଓଡ଼ିଶାର ସହରୀ ଗମନାଗମନର ଏହି ନୂଆ ଯାତ୍ରାକୁ ଆମେ କେବଳ ବସ୍ ସଂଖ୍ୟା ବୃଦ୍ଧି କିମ୍ବା ପ୍ରଯୁକ୍ତିର ଆଧୁନିକୀକରଣ ଭାବେ ଦେଖୁନାହୁଁ। ଏହା ହେଉଛି ନାଗରିକଙ୍କ ଜୀବନମାନରେ ଉନ୍ନତି ଆଣିବା, ସେମାନଙ୍କ ସମୟର ମୂଲ୍ୟକୁ ସମ୍ମାନ ଦେବା ଓ ବିକାଶର ସୁଫଳକୁ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଞ୍ଚାଇବାର ଏକ ସାମୂହିକ ପ୍ରୟାସ।

ଭବିଷ୍ୟତର ଓଡ଼ିଶା ଗଠନ ପାଇଁ ଆମକୁ ଏପରି ସହର ଆବଶ୍ୟକ, ଯେଉଁଠାରେ ଲୋକଙ୍କ ଯାତାୟାତ ସହଜ ହେବ, ସାର୍ବଜନୀନ ପରିବହନ ଉପରେ ଆସ୍ଥା ବଢ଼ିବ, ପରିବେଶ ସୁରକ୍ଷିତ ରହିବ ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲିବ। ଏଥିପାଇଁ ସରକାରଙ୍କ ପ୍ରୟାସ ସହ ନାଗରିକଙ୍କ ସକ୍ରିୟ ସହଯୋଗ ମଧ୍ୟ ଅତ୍ୟନ୍ତ ଜରୁରୀ। ଅଧିକରୁ ଅଧିକ ଲୋକ ସାର୍ବଜନୀନ ପରିବହନକୁ ଆପଣାଇଲେ ଆମ ସହରଗୁଡ଼ିକ ଅଧିକ ସୁସଂଗଠିତ, ସ୍ୱଚ୍ଛ ଓ ଜୀବନଯୋଗ୍ୟ ହୋଇପାରିବ।

ଆମର ଲକ୍ଷ୍ୟ ସ୍ପଷ୍ଟ— ଏକ ସବୁଜ, ସ୍ମାର୍ଟ, ସୁରକ୍ଷିତ ଓ ସମାବେଶୀ ଓଡ଼ିଶା ଗଢ଼ିବା। ଏହି ଲକ୍ଷ୍ୟ ଦିଗରେ ପ୍ରତ୍ୟେକ ବସ୍ ଏକ ଯାତ୍ରାର ବାହକ, ପ୍ରତ୍ୟେକ ଯାତ୍ରା ଏକ ସୁଯୋଗର ସେତୁ ଏବଂ ପ୍ରତ୍ୟେକ ପଦକ୍ଷେପ ଆମକୁ ଏକ ଉନ୍ନତ ଭବିଷ୍ୟତ ଆଡ଼କୁ ନେଉଛି।

'ଗତିରେ ପ୍ରଗତି' ଆମ ପାଇଁ କେବଳ ଏକ ସ୍ଲୋଗାନ୍ ନୁହେଁ; ଏହା ଜନସେବା ପ୍ରତି ଆମର ପ୍ରତିବଦ୍ଧତା ଓ ବିକଶିତ ଓଡ଼ିଶା ଗଠନର ସଂକଳ୍ପ।

ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

ଆଇଡିବିଆଇ ବିକ୍ରି ପରେ ଆଉ କ'ଣ ବିକ୍ରି ହେବ ?

ଗୋପାଳ ମହାପାତ୍ର

ଭାରତ ସରକାରଙ୍କ ଆର୍ଥୀକ ମାମଲାର ମନ୍ତ୍ରୀମଣ୍ଡଳ କମିଟି ଅକ୍ଟୋବର (୨୦୨୬) ମାସରେ ଆଇଡ଼ିବିଆଇ ବ୍ୟାଙ୍କ କୁ କାନାଡ଼ାର ଶିଳ୍ପପତି ପ୍ରେମ ବଚ୍ଛ ଙ୍କ କମ୍ପାନୀ ଫେୟାର ଫେକ୍ସ ଫାଇନାନସିଆଲ ହୋଲଡ଼ିଙ୍ଗସ କୁ ବିକ୍ରୀ କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି। ଆଇଡ଼ିବିଆଇ ବ୍ୟାଙ୍କ ବିକ୍ରୀବାବଦରେ ଭାରତ ସରକାରଙ୍କୁ ମିଳିବ ୫୨ ହଜାର ୮୨୮ କୋଟି ଟଙ୍କା। ବିକ୍ରୀର ନିୟମ ଅନୁସାରେ ଫେୟାରଫକ୍ସ ଫାଇନାନସିଆଲ ହୋଇଡ଼ିଙ୍ଗସ୍ ବ୍ୟାଙ୍କର ୬୦.୭୨ ପ୍ରତିଶତ ନିୟନ୍ତ୍ରଣ ଅଂଶୀଦାର (ମାଲିକାନା ହକ୍) ହେବ। ଏହି ବିକ୍ରୀ ଅନ୍ତିମ ରୂପ ନେବା ପରେ ଭାରତର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଇତିହାସରେ ଏହାଏକ ବୃହତ୍ ବିଦେଶୀ ନିବେଶ (ଏ'ଡ଼ିଆଇ) ରେ ପରିଣତ ହେବ। ଏ ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ଏହି ବିକ୍ରୀ ପରେ ଭାରତକୁ ପାଖାପାଖି ୫.୬ ଅରବ ଡ଼ଲାରର ବୈଦେଶିକ ମୁଦ୍ରା ମିଳିବ ଓ ଏହା ବିଦେଶୀ ମୁଦ୍ରା ଭଣ୍ଡାରକୁ ମଜଭୁତ କରିବା ସହ ଭାରତୀୟ ମୁଦ୍ରା ଟଙ୍କାର ଅବମୂଲ୍ୟାୟନ କୁ ରୋକିବାରେ ସହାୟକ ହେବ, ରାଜକୋଷୀୟ କ୍ଷତି କମିବ ଏବଂ ଲୋକଙ୍କ ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପଡ଼ିବ ନାହିଁ। ୧୯୬୪ ରେ ସ୍ଥାପିତ ଏହି ବ୍ୟାଙ୍କ ଦେଶରେ ବଡ଼ବଡ଼ ଶିଳ୍ପ, କାରଖାନା, ବୁନିଆଦି ଢ଼ାଞ୍ଚ (ସଡ଼କବିଦ୍ୟୁତ, ବନ୍ଧ) ପାଇଁ ଋଣ ଦେଉଥିଲା। ୧୯୯୧ ର ଆର୍ଥୀକ ଉଦାରୀକରଣ ପରେ ସରକାର ଙ୍କ ନିର୍ଦ୍ଦେଶ ପରେ ବ୍ୟାଙ୍କ ଦେଉଥିବା ଦୀର୍ଘ ଅବଧିର ଶସ୍ତା ଋଣ ବ୍ୟବସ୍ଥା କୁ ବ୍ୟାଙ୍କ ଧିରେଧିରେ ବନ୍ଦ କରିଦେଇଥିଲେ। ୨୦୦୩ ରେ ଏକ ନୂଆ ଆଇନ ପ୍ରଣୟନ ପରେ ୨୦୦୪ ରେ ଏହା କମର୍ସିଆଲ ବ୍ୟାଙ୍କରେ ପରିଣତ ହୋଇଥିଲେ। ୨୦୦୪ ପରଠାରୁ ଆଇଡ଼ିବିଆଇ ବ୍ୟାଙ୍କରେ ଅବ୍ୟବସ୍ଥା ଆରମ୍ଭ ହେଲା ଓ ୨୦୦୪ ରୁ ୨୦୧୦ କ୍ରମରେ ଏହି ବ୍ୟାଙ୍କର ଆର୍ଥୀକ ପରିସ୍ଥିତି ଭୟଙ୍କର ହୋଇ ଯାଇଥିଲା। ୨୦୧୮ ସେପ୍ଟେମ୍ବର ସୁଦ୍ଧା ବ୍ୟାଙ୍କର ଏନ୍‌ପିଏ ୩୧ ପ୍ରତିଶତ ରୁ ଅଧିକ ହୋଇଥିଲା। ଏହାର ଅର୍ଥ ହେଉଛି ବ୍ୟାଙ୍କ ଦେଇଥିବା ପ୍ରତି ୩ ଟଙ୍କା ଋଣ ମଧ୍ୟରୁ ଏକ ଟଙ୍କା ଡୁବିଯାଇଛି। ଅବସ୍ଥା ଏପରି ହେଲା ଯେ ରିଜର୍ଭବ୍ୟାଙ୍କ କୁ ଆଇଡ଼ିବିଆଇ ର କାର୍ଯ୍ୟଧାରା ଉପରେ ପ୍ରତିବନ୍ଧ ଲଗାଇବାକୁ ପଡ଼ିଥିଲା।

ବ୍ୟାଙ୍କର ସ୍ଥିତି କୁ ସମ୍ଭାଳିବା ପାଇଁ ୨୦୧୮ ରେ ଭାରତ ସରକାର ଜୀବନବୀମା ନିଗମକୁ ଏହାର ୫୧ ପ୍ରତିଶତ ଅଂଶଧନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୀବନବୀମା ନିଗମ ହାତକୁ ନିୟନ୍ତ୍ରଣ ଆସିବା ପରେ ଆଇଡ଼ିବିଆଇ ବ୍ୟାଙ୍କ ଅନେକ କଠୋର ଆର୍ଥୀକ ଅନୁଶାସନ ଲାଗୁ କରିଥିଲା। ଯେତେବେଳେ ବ୍ୟାଙ୍କର ଅବସ୍ଥା ସୁଧୁରିବାକୁ ଲାଗିଲା ସେତେବେଳେ ସରକାର ଏହାକୁ ବିକ୍ରୀ କରିବା ପାଇଁ ଚିନ୍ତା କଲେ। କିନ୍ତୁ ବିକ୍ରୀ ପାଇଁ ଏକ ଆଇନଗତ ପ୍ରତିବନ୍ଧ ଥିଲା। ୨୦୦୩ ରେ କେନ୍ଦ୍ର ସରକାର ଯେତେବେଳେ ଆଇଡ଼ିବିଆଇ କୁ ଏକ ବାଣିଜ୍ୟିକ (କମର୍ସିଆଲ) ବ୍ୟାଙ୍କରେ ପରିଣତ କଲେ ସେତେବେଳେ ତତ୍‌କାଳୀନ ଅର୍ଥମନ୍ତ୍ରୀ ସଂସଦରେ ପ୍ରତିଶ୍ରୁତି ଦେଇଥିଲେ ଏହି ବ୍ୟାଙ୍କରେ ସର୍ବନିମ୍ନ ସରକାରୀ ଅଂଶଧନ ୫୧ ପ୍ରତିଶତ ସର୍ବଦା ସରକାରଙ୍କ ପାଖରେ ରହିବ। ବର୍ତ୍ତମାନର ସରକାର ବ୍ୟାଙ୍କ କୁ ବିକ୍ରୀ କରିବା ପାଇଁ ଉଦ୍ୟମ କଲାବେଳେ ଏହା ପ୍ରତିବନ୍ଧକ ସାଜିଲା। ବ୍ୟାଙ୍କକୁ କୌଣସି ଘରୋଇ ବା ବିଦେଶୀ କମ୍ପାନୀକୁ ବିକ୍ରୀ କରିବା ପାଇଁ ୨୦୦୩ ର ପ୍ରତିବନ୍ଧକ କୁ ହଟାଇବା ପାଇଁ ୨୦୨୧ ରେ କେନ୍ଦ୍ର ସରକାର ଏକ ନୂଆ ଆଇନ୍ (ବିତ୍ତ ଅଧିନିୟମ ୨୦୨୧) ପ୍ରଣୟନ କଲେ ଓ ସରକାରୀ ଅଂଶଧନ ୫୧ ପ୍ରତିଶତ ର ସୀମା କୁ ହଟାଇଦେଲେ। ଆଇନଗତ ବାଧା ହଟିବା ପରେ ମଧ୍ୟ ଆଇଡ଼ିବିଆଇ କୁ ବିକ୍ରୀ କରିବା ସହଜ ନଥିଲା। ୨୦୨୬ ର ପ୍ରାରମ୍ଭରେ ସରକାର ଏହାର ବିକ୍ରୀ ପାଇଁ ଉଦ୍ୟମ କରିଥିଲେ କିନ୍ତୁ ବିକ୍ରୀ ହୋଇପାରିନଥିଲା। ପ୍ରାରମ୍ଭରେ ଅନେକ ନିବେଶକ ଆଇଡ଼ିବିଆଇ ବ୍ୟାଙ୍କ କୁ କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ସରକାରଙ୍କ ଲମ୍ବା ପ୍ରକ୍ରିୟା କାରଣରୁ ପଛକୁ ହଟିଯାଇଥିଲେ। ଓକ୍ ଟ୍ରି ବ୍ୟାପିଟାଲ ଭଳି ବିଦେଶୀ କମ୍ପାନୀ ବିକ୍ରୀ ପ୍ରକ୍ରିୟାରେ ବିଳମ୍ବ ପାଇଁ କ୍ଷ ପଛକୁ ହଟିଯାଇଥିଲେ। ଭାରତର ଅନ୍ୟତମ ଘରୋଇ ବ୍ୟାଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆଇଡ଼ିବିଆଇକୁ କିଣିବାକୁ ଚାହୁଁଥିଲା କିନ୍ତୁ ସର୍ତ୍ତ ରଖିଥିଲା ଯେ ଆଇଡ଼ିବିଆଇର ନାମ ପରିବର୍ତ୍ତନ କରି କୋଟାକ ମହିନ୍ଦ୍ରା ବ୍ୟାଙ୍କ ରଖାଯିବ। କିନ୍ତୁ ନାମ ପରିବର୍ତ୍ତନ କୁ ନେଇ ବିବାଦ ଉପୁଜିଥିଲା। ସେହିଭଳି ଦୁବାଇର ଏମିରେଟସ ଏନବିଡ଼ି ମଧ୍ୟ ଆଇଡ଼ିବିଆଇ କିଣିବାରୁ ଓହରି ଯାଇଥିଲା। କାରଣ ଦୁବାଇର ଏହି କମ୍ପାନୀ ଭାରତର ଆରବିଏଲ୍ ବ୍ୟାଙ୍କ କୁ କିଣିବା ପାଇଁ ଅର୍ଥ ନିବେଶ କରିସାରିଥିଲା। ଏତଦ୍ ବ୍ୟତୀତ ବ୍ୟାଙ୍କର ୯୫ ପ୍ରତିଶତ ଅଂଶଧନ ସରକାର ଏବଂ ଜୀବନବୀମା ନିଗମ ହାତରେ ଥିବାରୁ ଏହାର ମୂଲ୍ୟ କୃତ୍ରିମ ରୂପରେ ଅଧିକ ଦେଖାଯାଉଥିଲା। ଏପରିକି ବ୍ୟାଙ୍କର ପୁରୁଣା କର୍ମଚାରୀଙ୍କ ଭବିଷ୍ୟତ ର ପେନସନ ମଧ୍ୟ ନିବେଶକ ଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ପରିଶେଷରେ କାନାଡ଼ାର ଫେୟାରଫକ୍ସ ଆଇଡ଼ିବିଆଇ କୁ କ୍ରୟ କରିବ ବୋଲି ଚୁଡ଼ାନ୍ତ ହୋଇଛି। କେନ୍ଦ୍ର ସରକାର ଆଇଡ଼ିବିଆଇ ର ଶେୟାର ବା ଅଂଶଧନର ମୂଲ୍ୟ ୭୫ଟଙ୍କା୯୯ପଇସା ରଖିଥିବା ବେଳେ କାନାଡ଼ା କମ୍ପାନୀ ପ୍ରତି ଅଂଶଧନ କୁ ୮୧ ଟଙ୍କାରେ କିଣିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତ୍ୟକ୍ଷ ନିବେଶର ଅର୍ଥ ହେଉଛି କୌଣସି ବିଦେଶୀ କମ୍ପାନୀ ଭାରତର କୌଣସି କମ୍ପାନୀ ରେ ଅଧିକ ଅର୍ଥ ନିବେଶ କରି ତାର ନିୟନ୍ତ୍ରଣ କୁ ହାତକୁ ନେବା। ଏୟାର ଇଣ୍ଡିଆ ପରେ ଏହା ହେଉଛି ସବୁଠାରୁ ବଡ଼ ବିନିବେଶ ଯେଉଁଠି ସରକାରୀ କମ୍ପାନିକୁ ସରକାର ପୁରାପୁରି ଗରୋଇ ହାତକୁ ଟେକି ଦେଇଛନ୍ତି। ଭାରତରେ ୧୯୯୧ ରେ ଆର୍ଥୀକ ଉଦାରୀକରଣ ଆରମ୍ଭ ହୋଇଥିଲା। ଭାରତ ସମାଜବାଦୀ ଅର୍ଥ ବ୍ୟବସ୍ଥା ରୁ ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ଆଡ଼କୁ ମୁହାଁଇଲା। ସରକାରୀ କମ୍ପାନୀରୁ ସରକାର ପୁଞ୍ଜି ପ୍ରତ୍ୟହାର କରିବା (ଅଂଶଧନ ବିକ୍ରୀ କରିବା) ଆରମ୍ଭ କରିଦେଲେ। କଂଗ୍ରେସ ସରକାର ଅମଳରେ ଆର୍ଥୀକ ଉଦାରୀକରଣ ହୋଇଥିଲା କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏକ ପୂର୍ଣ୍ଣକାଳୀନ ବିନିବେଶ ମନ୍ତ୍ରୀ ଙ୍କୁ ଅବସ୍ଥାପିତ କରି ସରକାରୀ କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର ଏପରିକି ବିକ୍ରୀ କୁ ଅଧିକ ଗତି ଦେଇଥିଲେ। ବାଜପେୟୀଙ୍କ ସରକାରର ବିନିବେଶ ମନ୍ତ୍ରୀ ଥିଲେ ପ୍ରଖ୍ୟାତ ସାମ୍ବାଦିକ ଅରୁଣ ସୌରି ଓ ତାଙ୍କର କାମଥିଲା ସରକାରୀ କମ୍ପାନୀକୁ ବିକି ସେଥିରୁ ପ୍ରାପ୍ତ ଧନକୁ ସରକାରଙ୍କ ତହବିଲରେ ଭରିବା। ବାଜପେୟୀଙ୍କ ପରେ ଏବେର ସରକାର ବିନିବେଶ କୁ ଅଧିକ ତ୍ୱରାନିତ କରିଛନ୍ତି। ଏହିକ୍ରମରେ ଆଇଡ଼ିବିଆଇ କୁ କାନାଡ଼ା କମ୍ପାନୀ କୁ ବିକ୍ରୀ କରାଯାଉଛି। ଦେଖାଯାଉ ଆଗକୁ ଆଉ କ'ଣ କ'ଣ ସବୁ ବିକ୍ରୀ ହେବ?

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

ଆମେରିକା-ଇରାନ ଚୁକ୍ତି ପାଇଁ ଡ୍ରାଫ୍ଟ

ପରମାଣୁ ଅସ୍ତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖିଲା ଆମେରିକା

ତେହରାନ/ୱାଶିଂଟନ, ୩୧।୧୦: ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ପାଇଁ ଏକ ପ୍ରାରମ୍ଭିକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଇରାନର ଅତ୍ୟନ୍ତ ସମୃଦ୍ଧ ୟୁରାନିୟମ ଭଣ୍ଡାରକୁ ଏକ ସହମତ ତୃତୀୟ ଦେଶକୁ ସ୍ଥାନାନ୍ତର କରିବା କିମ୍ବା ଏହାର ସମୃଦ୍ଧି ସ୍ତର ହ୍ରାସ କରିବା ଏବଂ ପ୍ରାରମ୍ଭିକ ଚୁକ୍ତିର ସାତ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ଅନ୍ତର୍ଜାତୀୟ ସାମୁଦ୍ରିକ ଯାତାୟାତ ପାଇଁ ପୁନଃ ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଚୀନ୍ ଯେକୌଣସି ଚୁକ୍ତିର କାର୍ଯ୍ୟାନ୍ୱୟନ ଓ ସ୍ଥାୟୀତ୍ୱ ପାଇଁ ଏକ ଗ୍ୟାରେଣ୍ଟର ଭାବରେ କାର୍ଯ୍ୟ କରିପାରେ ବୋଲି ଅଲ୍ ଆରବିଆ ଇଂରାଜୀ ରିପୋର୍ଟ କରିଛି।

ଡ୍ରାଫ୍ଟରେ ଇସ୍ତାନବୁଲ ବଦଳରେ ଦୋହାରେ ସିଧାସଳଖ ଆମେରିକା-ଇରାନ ଆଲୋଚନା କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି। ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ, ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ପ୍ରତିକ୍ରିୟାରେ ଲାଗୁ ହୋଇଥିବା କଟକଣା, ଅବରୋଧ ଏବଂ ଆର୍ଥିକ କଟକଣାକୁ କୋହଳ କରିବା ପାଇଁ ଆମେରିକା ପଦକ୍ଷେପ ନେବ। କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟ ପୂର୍ବରୁ ଏକ ସ୍ୱାଧୀନ ଯାଞ୍ଚ ବ୍ୟବସ୍ଥା ଅନୁପାଳନର ମୂଲ୍ୟାଙ୍କନ କରାଯିବ। ରିପୋର୍ଟ ଅନୁଯାୟୀ, ଡ୍ରାଫ୍ଟରେ ବିଳମ୍ବ କିମ୍ବା ଉଲ୍ଲଂଘନର ସମାଧାନ କରିବା ଏବଂ ନୂତନ ସାମରିକ ଉତ୍ତେଜନାକୁ ରୋକିବା ପାଇଁ ମଧ୍ୟସ୍ଥି ଏବଂ ଗ୍ୟାରେଣ୍ଟର ପକ୍ଷମାନଙ୍କୁ ସାମିଲ କରି ଏକ ବିବାଦ-ସମାଧାନ ବ୍ୟବସ୍ଥା ମଧ୍ୟ ପ୍ରସ୍ତାବିତ କରାଯାଇଛି।

ଇରାନର ସରକାରୀ ନ୍ୟୁଜ୍ ଏଜେନ୍ସି ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ପୁନଃସ୍ଥାପିତ କରିବା ପାଇଁ ଏକ କତାର ପ୍ରତିନିଧି ଦଳ ତେହେରାନରେ ପହଞ୍ଚିଛନ୍ତି। କତାର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ଜଣେ ବରିଷ୍ଠ ପରାମର୍ଶଦାତାଙ୍କ ନେତୃତ୍ୱରେ ଏବଂ ୱାଶିଂଟନ ସହିତ ସମନ୍ୱୟ ରଖି କାର୍ଯ୍ୟ କରୁଥିବା ଏହି ପ୍ରତିନିଧି ଦଳ ପରାମର୍ଶ ପାଇଁ ତେହେରାନ ଯାଇଛନ୍ତି।

ଏହି ସମୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଦ୍ୱାରା ଇରାନ ସୁରକ୍ଷା ଅଧିକାରୀ ମୋହସେନ ରେଜାଇଙ୍କୁ କତାର ରାଷ୍ଟ୍ରଦୂତମାନେ ଦେଇଥିବା ଏକ ଚିଠିକୁ ତେହେରାନରେ ସ୍ୱାଗତ କରାଯାଇଛି, ଯେଉଁଥିରେ ଆମେରିକାର ଆହୁରି ସାମରିକ ଆକ୍ରମଣକୁ ରୋକିବା ପାଇଁ ଏକ ନୂତନ କୂଟନୈତିକ ପଥ ପ୍ରସ୍ତାବ ଦିଆଯାଇଛି। ଡ୍ରାଫ୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ୱାସିଂଟନ ଇରାନ ସହିତ କଯୁଦ୍ଧ ସମାପ୍ତ କରିବାକୁ ଶୀଘ୍ର ଚାହୁଁନାହାଁ। ମାସ ମାସ ଧରି ଚାଲିଥିବା ଯୁଦ୍ଧ ଏବଂ ବାରମ୍ବାର କୂଟନୈତିକ ପ୍ରୟାସ ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ ମିଳିନାହିଁ, ସମୟ ଆମେରିକା ସପକ୍ଷରେ ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ତେହେରାନ ଆମେରିକୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ ଆଗ୍ରହୀ କିନ୍ତୁ ଘରୋଇ ସ୍ତରରେ ଗମ୍ଭୀର ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ବିଶେଷକରି ସାମରିକ କର୍ମଚାରୀ ଏବଂ ଆଇନ ପ୍ରବର୍ତ୍ତନ ଅଧିକାରୀମାନଙ୍କୁ ଦରମା ଦେବାରେ ଇରାନ ଅକ୍ଷମ ରହିଛି। ଆଲୋଚନା ଚାଲିଛି। ସେମାନେ କଥାବାର୍ତ୍ତା କରିବାକୁ ଚାହୁଁଛନ୍ତି। ଆମ ସହ ସେମାନଙ୍କର କଥାବାର୍ତ୍ତା ଜାରି ରହିଛି ବୋଲି ଟ୍ରମ୍ପ ଓଭାଲ ଅଫିସରେ ସାମ୍ବାଦିକମାନଙ୍କୁ କହିଛନ୍ତି।

ଜେଲ୍‌ରୁ ୧୭ କଏଦୀ ଫେରାର ମାମଲା

୧୭ ଜଣଙ୍କୁ ନିଲମ୍ବିତ କଲେ ସିଏମ୍ ବିଜୟ

ନୂଆଦିଲ୍ଲୀ, ୩୧।୧୦: ତାମିଲନାଡୁର ଥେନି ଜିଲ୍ଲା ଜେଲ୍‌ରୁ ୧୭ ଜଣ କଏଦୀ ଫେରାର ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ବିଜୟ ଥଲାପତି ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସରକାର ଜେଲର ଡେପୁଟି ସୁପରିଟେଣ୍ଡେଣ୍ଟ ଏନ୍. ରାମଲିଙ୍ଗମ୍‌ଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏହାସହ ଜେଲର ୧୭ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଜେଲ୍ ପ୍ରଶାସନରେ ବଡ଼ ଧରଣର ବଦଳି ମଧ୍ୟ କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ତାମିଲନାଡୁର ଦୁଇଟି ଜେଲରୁ କଏଦୀ ଫେରାର ହେବା ଘଟଣା ପରେ ସରକାର ଏହି କଠୋର ପଦକ୍ଷେପ ନେଇଛନ୍ତି।

ସୂଚନା ଅନୁସାରେ, ଏନ୍. ରାମଲିଙ୍ଗମ୍ ଅଗଷ୍ଟ ୨୦୨୪ରୁ ଥେନି ଜିଲ୍ଲା ଜେଲରେ ନିଯୁକ୍ତ ଥିଲେ। ଜେଲ୍ ପ୍ରଶାସନ ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବାରେ ଅବହେଳା କରିଥିବାରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀ ବିଜୟ ରାଜ୍ୟର ସମସ୍ତ ଜେଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଏବଂ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ଗୁରୁବାର ରାଜ୍ୟ ସରକାର ଜେଲ୍ ଓ ସଂସ୍କାର ସେବା ବିଭାଗର ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଡକ୍ଟର ସନ୍ଦୀପ ରାୟ ରାଠୋରଙ୍କର ମଧ୍ୟ ବଦଳି କରିଥିଲେ।

ସ୍ୱିମିଂ ପୁଲରେ କରେଣ୍ଟ ଲାଗି ୨ ବିଦେଶୀ ନାଗରିକ ମୃତ



ବେଙ୍ଗାଲୁରୁ, ୩୧।୧୦: ବେଙ୍ଗାଲୁରୁର ପ୍ରସିଦ୍ଧ ପାଞ୍ଚତାରକା ହୋଟେଲ କନରାଡ୍‌ର ସ୍ୱିମିଂ ପୁଲରେ ବିଦ୍ୟୁତ୍ ଆଘାତ ଲାଗି ଦୁଇଜଣ ବିଦେଶୀ ନାଗରିକଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଏହି ମର୍ମନ୍ତୁଦ ଘଟଣା ଘଟିଥିବା ବେଳେ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଜର୍ମାନୀ ନାଗରିକ ଆଲେକଜାଣ୍ଡାର୍ ମାକ୍ସିମିଲିଆନ୍ ଥାଇସ୍ (୫୭) ଓ ସ୍ଲୋଭାକିଆ ନାଗରିକ ୟୁରାଜ୍ ହୋରଭାଟ୍ (୪୫)। ମୃତ ଥାଇସ୍ ଲୁଫଥାନସା ଆୟାରଲାଇନ୍ସର କ୍ରୁ ମେମ୍ବର ଥିବା ବେଳେ ହୋରଭାଟ୍ ଆଇବିଏମ୍ କମ୍ପାନୀରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ହୋଟେଲର ତୃତୀୟ ମହଲାରେ ଥିବା ସ୍ୱିମିଂ ପୁଲକୁ ଉଭୟ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସେମାନଙ୍କୁ ପୁଲରୁ ଉଦ୍ଧାର କରିବାକୁ ଯାଇ ହୋଟେଲରେ ରହୁଥିବା ୪୧ ବର୍ଷୀୟ ଆମେରିକୀୟ ନାଗରିକ ମାଥ୍ୟୁ ଡେସାଣ୍ଟିସ୍ ଏବଂ ହୋଟେଲର ୨୮ ବର୍ଷୀୟ ପୁଲ୍ ଆଟେଣ୍ଡାଣ୍ଟ ରାହୁଲ ତିୱାରୀ ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ହିନ୍ଦୁମାନେ ଗୋମୂତ୍ର ପିଅନ୍ତି ଉପହାସ କଲେ ଇହୁଦୀ ଧର୍ମଗୁରୁ

ୱାଶିଂଟନ, ୩୧।୧୦: ଭାରତ ଓ ହିନ୍ଦୁ ଧର୍ମ ବିଷୟରେ ଜଣେ ଆମେରିକୀୟ-ଇସ୍ରାଏଲୀୟ ଇହୁଦୀ ଧାର୍ମିକ ନେତାଙ୍କ ବିବାଦୀୟ ମନ୍ତବ୍ୟ ଆଲୋଡ଼ନ ସୃଷ୍ଟି କରିଛି। ଏକ ଭିଡିଓରେ ରାବି ଯୋସେଫ୍ ମିଜରାହି ଗୋମାତାଙ୍କ ସହିତ ଜଡିତ ହିନ୍ଦୁ ଧାର୍ମିକ ବିଶ୍ୱାସ ଏବଂ ପରମ୍ପରାକୁ ପରିହାସ କରିଛନ୍ତି। ସେ ଦାବି କରିଛନ୍ତି ଯେ, ଭାରତରେ ହିନ୍ଦୁମାନେ ଗୋମୂତ୍ର ପିଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇହୁଦୀ ସମ୍ପ୍ରଦାୟର ସଦସ୍ୟମାନେ ମଧ୍ୟ ତାଙ୍କ ବକ୍ତବ୍ୟକୁ ଭୁଲ୍ ଓ ଅପମାନଜନକ ବୋଲି କହିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଯୋସେଫ ମିଜରାହି ହିନ୍ଦୁ ଧାର୍ମିକ ବିଶ୍ୱାସ ଉପରେ ମନ୍ତବ୍ୟ ଦେଉଥିବାର ଦେଖାଯାଉଛି। ସେ ଦାବି କରିଛନ୍ତି ଯେ ଭାରତର କିଛି ପରିବାର ଗୋମାତାଙ୍କୁ ସେମାନଙ୍କ ଡ୍ରଇଂ ରୁମରେ ରଖନ୍ତି। ମିଜରାହି ଏହା ମଧ୍ୟ କହିଛନ୍ତି ଯେ, ଭାରତରେ ଲୋକମାନେ ମେଡିକାଲ ଷ୍ଟୋରରୁ ଗୋମୂତ୍ର କିଣନ୍ତି। ଭାରତୀୟ ଡାକ୍ତରମାନଙ୍କୁ ପରିହାସ କରି ସେ କହିଛନ୍ତି ଯେ, ଯଦି କେହି ଚିକିତ୍ସା ପାଇଁ ନୂଆଦିଲ୍ଲୀର ଏକ ହସ୍ପିଟାଲକୁ ଯାଆନ୍ତି, ତେବେ ସେଠାକୁ ଆସୁଥିବା ଡାକ୍ତର ପୂର୍ବ ରାତିରେ ଗୋମୂତ୍ର ପିଇଥିବେ।

ନାହିଦଙ୍କ ଟାର୍ଗେଟରେ ରହମାନ ସରକାର

ଢାକା, ୩୧।୧୦: ବାଂଲାଦେଶର ନ୍ୟାସନାଲ ସିଟିଜେନ୍ସ ପାର୍ଟି(ଏନସିପି) ତାରିକ ରହମାନ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବାକୁ ଇଙ୍ଗିତ ଦେଇଛି। ଏନସିପି ସଂଯୋଜକ ନାହିଦ ଇସଲାମ ଗୃହମନ୍ତ୍ରୀ ସଲାହୁଦ୍ଦିନ ଅହମ୍ମଦ ଏବଂ ଶକ୍ତି ମନ୍ତ୍ରୀ ଇକବାଲ ହାସନ ମହମୁଦ ଟୁକୁଙ୍କ ଇସ୍ତଫା ଦାବି କରିଛନ୍ତି। ଏହି ମନ୍ତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ନାହିଦ କହିଛନ୍ତି ଯେ, ଯଦି ସେମାନେ ସେମାନଙ୍କ ପଦବୀରେ ରହିବେ ତେବେ ତାଙ୍କ ଦଳ ପ୍ରତିବାଦ କରିବ। ଶେଖ ହସିନାଙ୍କ ବିରୋଧରେ ୨୦୨୪ ମସିହାରେ ହୋଇଥିବା ପ୍ରତିବାଦରେ ନାହିଦ ଇସଲାମ ଜଣେ ପ୍ରମୁଖ ବ୍ୟକ୍ତି ଥିଲେ। ପରବର୍ତ୍ତୀ ସମୟରେ ଏହା ସରକାରଙ୍କ ପତନର କାରଣ ହୋଇଥିଲା। ନାହିଦ ବର୍ତ୍ତମାନର ବିଏନପି ସରକାରରେ ବିରୋଧୀ ଦଳର ପ୍ରମୁଖ ଚେହେରା ମଧ୍ୟରୁ ଜଣେ। ସଂସଦରେ ବିରୋଧୀ ଦଳର ମୁଖ୍ୟ ସଚେତକ ନାହିଦ ଇସଲାମ ଶୁକ୍ରବାର ଢାକାର ଶାହବାଗରେ ଏକ ବଡ଼ ଧରଣର ଦଳୀୟ ରାଲି କରିଥିଲେ। ଏନସିପି ଅନୁଯାୟୀ, ସରକାର ପ୍ରାୟୋଜିତ ହତ୍ୟା, ଲୁଟପାଟ, ଅରାଜକତା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଇନ୍ଧନ ମୂଲ୍ୟ ବୃଦ୍ଧି, ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଦେଶରେ ସରକାରୀ ପ୍ରତିଷ୍ଠାନର ରାଜନୀତିକରଣ ବିରୋଧରେ ପ୍ରତିବାଦ କରିବା ପାଇଁ ଏହି ରାଲି ଡକାଯାଇଥିଲା।

ଗୃହ ଏବଂ ଶକ୍ତି ମନ୍ତ୍ରୀମାନେ ନିଜ ନିଜ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଯଦି ସେମାନେ ଇସ୍ତଫା ନ ଦିଅନ୍ତି, ତେବେ ଆମେ ଦେଶବ୍ୟାପୀ ପ୍ରତିବାଦ କରିବୁ। ଆମେ ଦାବି ନେଇପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଘେରିବୁ। ସେ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନପି ସରକାରକୁ ସମାଲୋଚନା କରିଛନ୍ତି।

ଇସ୍ରାଏଲରେ ସରକାର ଗଠନ ନେଇ ଅଚଳାବସ୍ଥା

ସର୍ବାଧିକ ଆସନ ଜିତି ବି ଅସହାୟ ନେତାନ୍ୟାହୁ

ଜେରୁଜେଲମ, ୩୦।୧୦: ଇସ୍ରାଏଲର ୨୬ତମ ସଂସଦ ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ଘୋଷଣା ପରେ ଦେଶରେ ଗମ୍ଭୀର ରାଜନୈତିକ ସଙ୍କଟ ଉପୁଜିଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦଳ ୨୭ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲେ ହେଁ ସରକାର ଗଠନ ପାଇଁ ଆବଶ୍ୟକ ୬୧ଟି ଆସନ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି। ନେତାନ୍ୟାହୁଙ୍କ ମେଣ୍ଟ ଗୋଷ୍ଠୀ ମୋଟ ୫୩ଟି ଆସନ ପାଇଥିବା ବେଳେ ବିରୋଧୀ ଗୋଷ୍ଠୀ ୪୮ଟି ଓ ଆରବ ଦଳଗୁଡ଼ିକ ୧୯ଟି ଆସନ ହାସଲ କରିଛନ୍ତି। କେନ୍ଦ୍ରୀୟ ନିର୍ବାଚନ କମିଟିର ଫଳାଫଳ ଅନୁଯାୟୀ, ୭୭.୯ ପ୍ରତିଶତ ମତଦାନ ସହ ୫୭ ଲକ୍ଷରୁ ଅଧିକ ଭୋଟ ଗ୍ରହଣ କରାଯାଇଥିଲା। ନେତାନ୍ୟାହୁଙ୍କ ପ୍ରମୁଖ ବିରୋଧୀ ୟାଶାର୍ ଦଳ ୨୧ଟି ଆସନ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ବି-ୟାଚାଦ ୧୨ଟି, ଜଏଣ୍ଟ ଲିଷ୍ଟ ୧୧ଟି, ଡେମୋକ୍ରାଟ୍ସ ଓ ରାମ ୮ଟି ଲେଖାଏଁ, ଇସ୍ରାଏଲ ବେଇତେଇନୁ, ୟୁନାଇଟେଡ ତୋରାହ ଜୁଡାଇଜିମ ଓ ଓତଜମା ୟେହୁଦିତ ୭ଟି ଲେଖାଏଁ ଏବଂ ଶାସ ଓ ରିଲିଜିୟସ ଜିଓନିଜିମ ୬ଟି ଲେଖାଏଁ ଆସନ ପାଇଛନ୍ତି।

ସରକାର ଗଠନ ପାଇଁ କୌଣସି ପକ୍ଷ ପାଖରେ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ନଥିବାରୁ ବିଭିନ୍ନ ବିକଳ୍ପ ଉପରେ ଚର୍ଚ୍ଚା ଜାରି ରହିଛି। 'ଲିକୁଡ', 'ୟାଶାର୍', 'ଟୁଗେଦର୍' ଏବଂ 'ୟିସ୍ରାଏଲ ବେଇତେଇନୁ' ମିଶି ୬୬ଟି ଆସନ ସହ ମହାମେଣ୍ଟ ଗଢ଼ିବା ନେଇ ଆଲୋଚନା ହେଉଥିଲେ ବି ନେତାନ୍ୟାହୁଙ୍କୁ କ୍ଷମତାରୁ ହଟାଇବାକୁ ବଦ୍ଧପରିକର ବିରୋଧୀଙ୍କ ଯୋଗୁଁ ଏହା କଷ୍ଟକର ମନେହେଉଛି। ଆସନ୍ତା ନଭେମ୍ବର ୪ରେ ରାଷ୍ଟ୍ରପତି ଆଇଜାକ ହର୍ଜୋଗଙ୍କ ନିକଟରେ ଚୂଡ଼ାନ୍ତ ଫଳାଫଳ ଦାଖଲ ହେବା ପରେ ସେ ସରକାର ଗଠନ ପାଇଁ ଯୋଗ୍ୟ ନେତାଙ୍କୁ ଆମନ୍ତ୍ରଣ କରିବେ। ଯଦି କୌଣସି ନେତା ସରକାର ଗଢ଼ିବାରେ ବିଫଳ ହୁଅନ୍ତି, ତେବେ ଦେଶ ପୁଣି ନିର୍ବାଚନ ଆଡ଼କୁ ମୁହାଁଇବ। ନବନିର୍ବାଚିତ ସାଂସଦମାନେ ନଭେମ୍ବର ୧୦ରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଆଞ୍ଚଳିକ ଖବର

କେନ୍ଦ୍ରାଞ୍ଚଳ ଆଇଜି କାର୍ଯ୍ୟାଳୟରେ ଜାତୀୟ ଏକତା ଦିବସ

କଟକ,୩୧।୧୦(ସଂଚାର ବ୍ୟୁରୋ): କଟକସ୍ଥିତ କେନ୍ଦ୍ରାଞ୍ଚଳ ଆଇଜି କାର୍ଯ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ ଅବସରରେ ଆଇଜି ଡ. ସତ୍ୟଜିତ ନାୟକ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଦେଶର ଐକ୍ୟ ଓ ସଂହତିକୁ ଅକ୍ଷୁଣ୍ଣ ରଖିବା ସହ ଏହାର ବାର୍ତ୍ତା ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଞ୍ଚାଇବାକୁ ସେ ନିଜର ଦୃଢ଼ ସଙ୍କଳ୍ପ ପ୍ରକାଶ କରିଥିଲେ। ଏହି ଅବସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦର୍ଶିତା, ନେତୃତ୍ୱ ଓ ଅବଦାନକୁ ସ୍ମରଣ କରାଯାଇଥିଲା। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ସହ ଜାତୀୟ ଏକତା ଓ ଅଖଣ୍ଡତାର

ସୁରକ୍ଷା ପ୍ରତ୍ୟେକ ନାଗରିକ ଓ ଅନୁଷ୍ଠାନର ସାମୂହିକ ଦାୟିତ୍ୱ ବୋଲି ଏହି ଶପଥ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା।

● ବିଲରେ କାମ କରୁଥିବା ବେଳେ ଅଘଟଣ

ବିଦ୍ୟୁତ୍ ଆଘାତରେ ବାପା-ପୁଅଙ୍କ ମୃତ୍ୟୁ

ବାଲୁଗାଁ,୩୧।୧୦(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ବିଲରେ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ହରିପୁର ଗ୍ରାମର ରବୀନ୍ଦ୍ର ଗୁରୁ ଓ ତାଙ୍କ ପୁଅ ପବିତ୍ର ଗୁରୁ। ମିଳିଥିବା ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟା ସମୟରେ ବାପା ରବୀନ୍ଦ୍ର ଓ ପୁଅ ପବିତ୍ର ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ବିଲ ନିକଟରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରଥମେ ରବୀନ୍ଦ୍ର ଗୁରୁ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ବାପାଙ୍କୁ ଏଭଳି ଅବସ୍ଥାରେ ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ପବିତ୍ର ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଘଟଣା ସମ୍ପର୍କରେ ଖବର ପାଇ ନାଚୁଣୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ଟାଙ୍ଗୀ ମେଡିକାଲକୁ ପଠାଇ ତଦନ୍ତ ଜାରି ରହିଛି।

● ଓଡ଼ିଶାର ବେଳାଭୂମିକୁ ବରିଷ୍ଠ ଆଇଏଏସ ଅଫିସରଙ୍କ ପ୍ରଶଂସା

ୟୁରୋପଠାରୁ ବି ପରିଷ୍କାର ରାଜ୍ୟ ବିଚ୍

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଓଡ଼ିଶାକୁ ନେଇ ଏକ ନିଆରା ଅନୁଭୂତି ଶେୟାର କରିଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟ ସଚିବ ଓ ଭାରତ ସରକାରଙ୍କ ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶୈଳଜା ଚନ୍ଦ୍ର। 'ଓଡ଼ିଶା ଆମକୁ ଚକିତ କରିଦେଇଛି' ବୋଲି ସେ ନିଜ 'ଏକ୍ସ' ଆକାଉଣ୍ଟରେ ସେ ଲେଖିଛନ୍ତି। ନିଜ ପରିବାର ସହ ଓଡ଼ିଶା ଭ୍ରମଣର କିଛି ସ୍ମୃତି ଶେୟାର କରିବାକୁ ଯାଇ ସେ ଏପରି ମନ୍ତବ୍ୟ ଦେଇଛନ୍ତି। ୮୧ ଓ ୮୪ ବର୍ଷ ବୟସରେ ଶୈଳଜା ଓ ତାଙ୍କ ସ୍ୱାମୀ, ପୁଅ ଓ ନାତିଙ୍କ ସହ କୋଣାର୍କ, ଚିଲିକା, ପୁରୀ ଓ ଧଉଳି ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିଥିଲେ। ଏହି ଯାତ୍ରାରେ ଚିଲିକାରେ ଡଲଫିନ୍ ଦେଖିବା ତାଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଥିଲା। ସେହିପରି କୋଣାର୍କ ସୂର୍ଯ୍ୟ ମନ୍ଦିରର ଅଦ୍ଭୁତ ସ୍ଥାପତ୍ୟ ଓ ସୂର୍ଯ୍ୟଘଡ଼ି ଭଳି କାମ କରୁଥିବା ପଥର ଚକ ତାଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନକୁ ସେ 'ଅବିସ୍ମରଣୀୟ' ବୋଲି ବର୍ଣ୍ଣନା କରିଛନ୍ତି। ଏଥିସହ ଓଡ଼ିଶାର ସମୁଦ୍ରତଟର ପରିଷ୍କାର-ପରିଚ୍ଛନ୍ନତାକୁ ସେ ଖୁବ୍ ପ୍ରଶଂସା କରିଛନ୍ତି। ବର୍ଷେ ପୂର୍ବେ ସେ ଦେଖିଥିବା ଅନେକ ୟୁରୋପୀୟ ସମୁଦ୍ରତଟ ତୁଳନାରେ ଓଡ଼ିଶାର ବେଳାଭୂମି ଅଧିକ ପରିଷ୍କାର ବୋଲି ସେ ନିଜ ଅନୁଭୂତିରେ ଉଲ୍ଲେଖ କରିଛନ୍ତି। ତେବେ ଶୈଳଜାଙ୍କୁ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟ କରିଥିଲା ଅନ୍ୟ ଏକ କଥା। ଏତେ ସମୃଦ୍ଧ ପ୍ରକୃତି, ଐତିହ୍ୟ, ଆଧ୍ୟାତ୍ମିକତା ଓ ସ୍ଥାପତ୍ୟ ଥିବା ସତ୍ତ୍ୱେ ଓଡ଼ିଶା ଯେତିକି ପ୍ରଚାର ପାଇବା କଥା, ସେତିକି ପାଉନାହିଁ ବୋଲି ସେ ମତ ଦେଇଛନ୍ତି।

ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଓ ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ କଂଗ୍ରେସ ଭବନ କାର୍ଯ୍ୟାଳୟରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତାମାନେ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଶିବାନନ୍ଦ ରାୟ, ନିରଞ୍ଜନ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶ୍ରୀକାନ୍ତ ଜେନା, ସମୀର ରାଉତରାୟ, ଅମୀୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, କିଶୋର ଜେନା, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଅଭୟ ସାହୁ, ମନୋରଞ୍ଜନ ରାଉତରାୟ, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ସଞ୍ଜୟ ମିଶ୍ର, ଜ୍ୟୋତିଷ ସାହୁ, ଲିଙ୍ଗରାଜ ସାହୁ, କୁଳମଣି ସାହୁ, ଖଗେଶ୍ୱର ମଲ୍ଲିକ ଉପସ୍ଥିତ ଥିଲେ।

ଏନଏଚଆଇଡିସିଏଲକୁ ପ୍ରଶଂସା କଲେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ,୩୧।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା ନୂଆଦିଲ୍ଲୀର ଏନ୍‌ଏଚ୍‌ଆଇଡିସିଏଲ୍ ମୁଖ୍ୟାଳୟରେ ସାରା ଦେଶରେ ଚାଲିଥିବା ଜାତୀୟ ଭିତ୍ତିଭୂମି ପ୍ରକଳ୍ପର ମୂଲ୍ୟାଙ୍କନ ପାଇଁ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଉଚ୍ଚସ୍ତରୀୟ ଅଧିବେଶନର ନେତୃତ୍ୱ ନେଇ ମନ୍ତ୍ରୀ ଏନ୍‌ଏଚ୍‌ଆଇଡିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. କ୍ରିଷନ କୁମାର, ବରିଷ୍ଠ କର୍ପୋରେଟ କାର୍ଯ୍ୟନିର୍ବାହୀ ଓ ଭିଡିଓ କନଫରେନ୍ସିଂ ଜରିଆରେ ଅଂଶଗ୍ରହଣ କରିଥିବା ଆଞ୍ଚଳିକ ଅଧିକାରୀଙ୍କ ସହ ବ୍ୟକ୍ତିଗତ ପ୍ରକଳ୍ପ ବିକାଶର ମୂଲ୍ୟାଙ୍କନ କରିଥିଲେ। ଏହି ଅଧିବେଶନରେ ମନ୍ତ୍ରୀ ରଣନୈତିକ କ୍ଷେତ୍ରରେ ଏନ୍‌ଏଚ୍‌ଆଇଡିସିଏଲ୍ ଦ୍ୱାରା ପରିଚାଳିତ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସୁଡ଼ଙ୍ଗ ନିର୍ମାଣ ପ୍ରକଳ୍ପ ଯଥା ଜୋଜିଲା ସୁଡ଼ଙ୍ଗ, ସୋନାମାର୍ଗ ସୁଡ଼ଙ୍ଗ ଓ ଜାମ୍ମୁ-କାଶ୍ମୀରର ଏନ୍‌ଏଚ୍-୨୪୪ରେ ସୁଧମହାଦେବ-ଦ୍ରଙ୍ଗା ଟୁଇନ ଟ୍ୟୁବ୍ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ। ସମୀକ୍ଷାରେ ଅରୁଣାଚଳ ସୀମାନ୍ତ ରାଜପଥ, ଧୁବ୍ରି-ଫୁଲବାରୀ ସେତୁ, ଆସାମର ଏନ୍‌ଏଚ୍-୧୫ରେ ବୈହାଟା ଚାରିଆଲି-ତେଜପୁର ୪ ଲେନ ବିଶିଷ୍ଟ ରାଜପଥ ଓ ସିକିମ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରାରେ ପ୍ରମୁଖ ସମ୍ପ୍ରସାରଣ ପ୍ରକଳ୍ପ ସମେତ ପ୍ରମୁଖ ଉତ୍ତର-ପୂର୍ବ ରାଜପଥ କରିଡରଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହାଛଡ଼ା ପଶ୍ଚିମବଙ୍ଗ ଓ ସିକିମ୍‌ର ଏନ୍‌ଏଚ୍.-୭୧୭ଏ ଓ ଏନ୍‌ଏଚ୍-୧୦ର ଉନ୍ନତିକରଣ ତଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅତ୍ୟାବଶ୍ୟକ ସଂଯୋଗ ପ୍ରକଳ୍ପ ଉପରେ ଧ୍ୟାନ କେନ୍ଦ୍ରିତ କରି ରଣନୈତିକ ପାର୍ବତ୍ୟାଞ୍ଚଳ ଓ ସୀମା ମାର୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଶ୍ରୀ ଟାମଟା ଏହି ପ୍ରମୁଖ ମାର୍ଗଗୁଡ଼ିକର ଅଗ୍ରଗତି ଉପରେ ପ୍ରଭାବ ପକାଇଥିବା ପ୍ରମୁଖ ପରିଚାଳନାଗତ ପ୍ରତିବନ୍ଧକ ଓ ତୃଣମୂଳ ସ୍ତରୀୟ ଆହ୍ୱାନର ବିଶ୍ଳେଷଣ କରିବା ପାଇଁ ଟିମ୍ ସହ ସିଧାସଳଖ ଭାବେ ଜଡ଼ିତ ଥିଲେ। କଠୋର ଉତ୍ତରଦାୟିତ୍ୱ ଓ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ବିଚାରାଧୀନ ସମସ୍ୟାର ଶୀଘ୍ର ସମାଧାନ କରିବା ଓ ସାରା ଦେଶରେ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭିତ୍ତିଭୂମିର ସମୟୋଚିତ ସମାପ୍ତି ସୁନିଶ୍ଚିତ କରିବା ପାଇଁ ପ୍ରଶାସନିକ ବିଳମ୍ବକୁ ଦୂର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆର୍ଦ୍ରଭୂମିର ସଂରକ୍ଷଣ ପାଇଁ ୱେଟ୍‌ଲ୍ୟାଣ୍ଡସ୍ ଅଥରିଟି ବୈଠକ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ରାଜ୍ୟର ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ ଓ ସୁପରିଚାଳନାକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଆଜି ଷ୍ଟେଟ୍ ୱେଟ୍‌ଲ୍ୟାଣ୍ଡସ୍ ଅଥରିଟିର ପଞ୍ଚମ ବୈଠକ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ, ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡଃ କେ. ମୁରୁଗେଶନ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଜୈବ ବିବିଧତା ବୋର୍ଡ ଓ ଓର୍‌ସାକର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଅଥରିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଓ ସମ୍ପୃକ୍ତ ଡିଏଫ୍‌ଓମାନଙ୍କୁ ସଦସ୍ୟ-ଆବାହକ ଭାବେ ନେଇ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ୱେଟ୍‌ଲ୍ୟାଣ୍ଡ କମିଟି ଗଠନ ସମ୍ପର୍କରେ ବିଚାର ବିମର୍ଶ କରାଯାଇଥିଲା। ଏଥିସହ ଆର୍ଦ୍ରଭୂମି ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ପ୍ରକ୍ରିୟାକରଣ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଓପିଜିସିର ୧,୩୨୦ ମେଗାୱାଟ୍ ବିଶିଷ୍ଟ ଆଇବି ଥର୍ମାଲ୍ ଏକ୍ସପାନ୍‌ସନ୍ ପ୍ରକଳ୍ପ, ହୀରାକୁଦଠାରେ ପ୍ରାୟ ୩,୫୦୦ ମେଗାୱାଟ୍ ଏବଂ ଅପର ଇନ୍ଦ୍ରାବତୀଠାରେ ୨୨୫ ମେଗାୱାଟ୍ (ପ୍ରଥମ ପର୍ଯ୍ୟାୟ) କ୍ଷମତା ବିଶିଷ୍ଟ ଗ୍ରୀଡ୍‌କୋର ଫ୍ଲୋଟିଂ ସୋଲାର ପ୍ରକଳ୍ପଗୁଡ଼ିକ ସମେତ ୨ ମେଗାୱାଟ୍/୮ ମେଗାୱାଟ୍ ଆୱାର୍ ବ୍ୟାଟେରୀ ଷ୍ଟୋରେଜ ବ୍ୟବସ୍ଥା ସହ ଓପିଜିସିର ୧୦ ମେଗାୱାଟ୍ ବିଶିଷ୍ଟ ଇନ୍‌ଟେକ୍ ଚ୍ୟାନେଲ୍ ଫ୍ଲୋଟିଂ ସୋଲାର ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା।

● ନାଗେଶ ଟ୍ରଫି

ଆସାମ ବିପକ୍ଷରେ ଓଡ଼ିଶାର ଏକତରଫା ବିଜୟ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଗୁଜରାଟର ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି-ବି ଗ୍ରାଉଣ୍ଡରେ ଚାଲିଥିବା ନାଗେଶ ଟ୍ରଫିର ନବମ ସଂସ୍କରଣରେ ଆଜି ଓଡ଼ିଶା ତାର ତୃତୀୟ ଲିଗ୍ ମ୍ୟାଚ୍‌ରେ ଆସାମକୁ ଏକତରଫା ଭାବେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୧ ରନ୍ କରିଥିଲା। ଏହାର ଜବାବରେ ଓଡ଼ିଶା ଦଳ ମାତ୍ର ୮.୨ ଓଭରରେ ବିନା କୌଣସି ୱିକେଟ ନ ହରାଇ ୧୪୨ ରନ୍ ସଂଗ୍ରହ କରି ମ୍ୟାଚକୁ ସହଜରେ ଜିତି ନେଇଥିଲା। ଧନପତି ଗୌଡ଼ଙ୍କ ବିସ୍ଫୋରକ ଅପରାଜିତ ୮୪ (୩୦ ବଲ୍) ଓ ରାମଦାସ ଟୁଡୁଙ୍କ ଅପରାଜିତ ୫୧ (୨୩ ବଲ୍) ରନ୍ ଦଳକୁ ଏହି ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବୋଲିଂରେ ମଧ୍ୟ ଧନପତି ଓ ରାମଦାସ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଧନପତିଙ୍କୁ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି କାର୍ଯ୍ୟକ୍ରମର ସମୀକ୍ଷା

ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ ଓଡ଼ିଶା ଜାତୀୟସ୍ତରରେ ଅଗ୍ରଣୀ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନସ୍ଥ ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍)ର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡାକ୍ତର ଗାଭାଲି ପରାଗ ହର୍ଷଦ ଆଜି ସମିତିର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ଅଗ୍ରଗତି ସମ୍ବନ୍ଧିତ ବିସ୍ତୃତ ତଥ୍ୟ ଅନୁଧ୍ୟାନ କରିବା ପରେ ଡାକ୍ତର ପରାଗ ଗାଭାଲି ଜାଲିଆତି ଚିହ୍ନଟ ଓ ହିତାଧିକାରୀଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ବ୍ୟାପକ କ୍ଷେତ୍ର ପରିଦର୍ଶନ ନିମନ୍ତେ ପରାମର୍ଶ ଦେଇଥିଲେ। ଏଥିସହ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ପିଏମ୍ ରାହତ ଯୋଜନା ଅଧୀନରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ହସ୍ପିଟାଲଗୁଡ଼ିକୁ ସଚେତନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଆର୍ଥିକ ସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ସଡ଼କ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଦୁର୍ଘଟଣାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଯୋଜନାରେ ପଞ୍ଜୀକୃତ ହେଲେ ୭ ଦିନ ପର୍ଯ୍ୟନ୍ତ ସର୍ବାଧିକ ୧.୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଏପରିକି ଯେଉଁ ହସ୍ପିଟାଲଗୁଡ଼ିକ ଆୟୁଷ୍ମାନ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ନୁହନ୍ତି, ସେମାନେ ମଧ୍ୟ ଏଚଇଏମଲିଟ୍ ପୋର୍ଟାଲରେ ଲଗ୍‌ଇନ୍ କରି ଦୁର୍ଘଟଣା ପୀଡ଼ିତଙ୍କୁ ଚିକିତ୍ସା ସେବା ଯୋଗାଇପାରିବେ। ଏହି ପୋର୍ଟାଲ ମାଧ୍ୟମରେ ଆବେଦନଗୁଡ଼ିକ ସ୍ୱୟଂଚାଳିତ ଭାବେ ଅନୁମୋଦିତ ହେଉଥିବାରୁ ଯୋଗ୍ୟ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ନିକଟତମ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଯୋଗାଇବା ସହଜ ହୋଇପାରିବ।

ଏପର୍ଯ୍ୟନ୍ତ ସମ୍ମିଳିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଅଧୀନରେ ୩.୪୬ କୋଟି ଲୋକଙ୍କୁ ସାମିଲ କରାଯାଇଛି।

ଭାରତର ସବୁଠାରୁ ବଡ଼ ଆତିଥ୍ୟ ସେବା କମ୍ପାନୀ, 'ଦି ଇଣ୍ଡିଆନ ହୋଟେଲ୍ସ କମ୍ପାନୀ ଲିମିଟେଡ୍' (ଆଇଏଚ୍‌ସିଏଲ୍) ଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କର୍ପୋରେଟ୍ ଗୋଷ୍ଠୀ 'ଅମ୍ବୁଜା ନିଓଟିଆ' ଶନିବାର କୋଲକାତା ଓ ଶିଲିଗୁଡ଼ିରେ 'ଅଲ୍ଟ୍ଏୟାର ହାଉସ୍ ସିଲେକ୍ସନ୍ସ'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆଇଏଚ୍‌ସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପୁନୀତ ଛତୱାଲ, ଅମ୍ବୁଜା ନିଓଟିଆ ଗ୍ରୁପ୍‌ର ଚେୟାରମ୍ୟାନ ହର୍ଷବର୍ଦ୍ଧନ ନିଓଟିଆ ଉପସ୍ଥିତ ଥିଲେ।

ଚା' ଖଟିରେ ଓଜେସି ରାଜ୍ୟ ସଭାପତି ମୋକିମ

କଟକ,୩୧।୧୦(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୨୫ସ୍ଥିତ ବେପାରୀ ସାହିଠାରେ ଆୟୋଜିତ ସ୍ୱତନ୍ତ୍ର 'ଚା' ଆସର' କାର୍ଯ୍ୟକ୍ରମରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇଥିଲେ। ସ୍ଥାନୀୟ ବାସିନ୍ଦା ଓ ଯୁବପିଢ଼ିଙ୍କ ସହ ଚା' ସାଙ୍ଗକୁ ସହରର ବିଭିନ୍ନ ମୌଳିକ ସମସ୍ୟା, ସ୍ଥାନୀୟ ଉନ୍ନୟନମୂଳକ କାର୍ଯ୍ୟ ତଥା ଜନକଲ୍ୟାଣକାରୀ ପ୍ରସଙ୍ଗ ଉପରେ ସେ ସିଧାସଳଖ ଆଲୋଚନା କରିଥିଲେ। କଟକ ସହର କେବଳ ଇଟା-ପଥରର ସହର ନୁହେଁ, ଏହା ହେଉଛି ଭାଇଚାରା ଓ ଆପଣାପଣର ପ୍ରତୀକ। ଲୋକଙ୍କ ଆଶା, ଆକାଂକ୍ଷା ଓ ସେମାନଙ୍କ ସହଯୋଗ ହିଁ ସହରକୁ ଆଗକୁ ନେବାର ପ୍ରକୃତ ଶକ୍ତି ବୋଲି ଶ୍ରୀ ମୋକିମ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ୱାର୍ଡ ସ୍ତରରୁ ନେଇ ସମଗ୍ର ନିର୍ବାଚନ ମଣ୍ଡଳୀକୁ ଏକ ଆଦର୍ଶ ତଥା ସମୃଦ୍ଧ ଅଞ୍ଚଳରେ ପରିଣତ କରିବା ପାଇଁ ସମସ୍ତ ବର୍ଗର ଲୋକଙ୍କ ପରାମର୍ଶ ଓ ଏକତା ଅତ୍ୟନ୍ତ ଜରୁରୀ। କାର୍ଯ୍ୟକ୍ରମରେ କଟକ ସହର ଓଜେସି ସଭାପତି ଗିରିବାଳା ବେହେରା ମଧ୍ୟ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା, ସ୍ଥାନୀୟ ଅଞ୍ଚଳରେ ପରିମଳ ବ୍ୟବସ୍ଥା ଓ ସାମାଜିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ କର୍ମକର୍ତ୍ତା ଓ ବହୁସଂଖ୍ୟକ ୱାର୍ଡବାସୀ ଉପସ୍ଥିତ ରହି ଏହି ଭାବ ବିନିମୟ ଆଲୋଚନାରେ ଭାଗ ନେଇଥିଲେ।

ଇନ୍ଦିରା ଗାନ୍ଧିଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଜି ଆମେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସରେ ତାଙ୍କୁ ସ୍ମରଣ କରୁଛୁ। ଜାତି ପ୍ରତି ତାଙ୍କ ଅପରିମିତ ସେବା, ଦୃଢ଼ ଇଚ୍ଛାଶକ୍ତି ଓ ଅଦମ୍ୟ ନେତୃତ୍ୱ ଆଜି ମଧ୍ୟ ଆମ ସମସ୍ତଙ୍କୁ ପ୍ରେରିତ କରେ। ଜାତୀୟ ଏକତା, ନାରୀ ସଶକ୍ତିକରଣ ଓ ଆତ୍ମନିର୍ଭର ଭାରତ ଗଠନରେ ତାଙ୍କ ଭୂମିକା ଅବିସ୍ମରଣୀୟ। ଆଜି ତାଙ୍କ ସ୍ମୃତିରେ ସମଗ୍ର ଦେଶ ଶ୍ରଦ୍ଧା ସୁମନ ଅର୍ପଣ କରୁଛି ଓ ତାଙ୍କ ଆଦର୍ଶକୁ ସ୍ମରଣ କରୁଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଇନ୍ଦିରା ଗାନ୍ଧି ସ୍ମୃତି ସଂସଦ ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କ ତିରୋଧାନ ଦିବସ ଅବସରରେ ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ ହୋଇଛି। ବିଭାଗୀୟ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଇନ୍ଦିରା ଗାନ୍ଧି ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଓ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

ଏକତା ଓ ଜାତୀୟ ସଂହତିର ସଂକଳ୍ପ ନେଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଭାରତର ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଦେଶର ଏକତା ପ୍ରତିଷ୍ଠା ଦିଗରେ ସର୍ଦ୍ଦାର ପଟେଲଙ୍କ ଦୂରଦର୍ଶୀ ନେତୃତ୍ୱ ଓ ଅବିସ୍ମରଣୀୟ ଅବଦାନକୁ ଏହି ଅବସରରେ ସ୍ମରଣ କରାଯାଇଥିଲା। ଏହି ଅବସରରେ ବିଭାଗ ପରିସରରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିନୟ କୁମାର ଦାଶ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜାତୀୟ ଏକତାର ଶପଥ ପାଠ କରାଇଥିଲେ। ଏହି ଶପଥ ମାଧ୍ୟମରେ ସମସ୍ତେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ସହ ନାଗରିକଙ୍କ ମଧ୍ୟରେ ଜାତୀୟ ଏକତା ଓ ସଂହତିର ଭାବନାକୁ ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଥିଲେ। କାର୍ଯ୍ୟକ୍ରମରେ ପୌର ପ୍ରଶାସକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦାଶ, ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର ଓ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂହଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମହାନଦୀ ବ୍ୟାରେଜ ଡିଭିଜନରେ ଝୁଲିଲା ନୋଟିସ

ତୁରନ୍ତ ଅର୍ଥ ନ ଶୁଝିଲେ ନିଲାମ ହେବ ସମସ୍ତ ସମ୍ପତ୍ତି

କଟକ, ୩୧।୧୦ (ସଂଚାର ବ୍ୟୁରୋ): ବକେୟା ଟଙ୍କା ନଦେବାରୁ ଗଣ୍ଡରପୁରସ୍ଥିତ ମହାନଦୀ ବ୍ୟାରେଜ୍ ଡିଭିଜନ (ଅଧ୍ୟକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ)ରେ ନୋଟିସ ଜାରି କରାଯାଇଛି। ତୁରନ୍ତ ସମସ୍ତ ଦେୟ ଓ ଖର୍ଚ୍ଚର ଅର୍ଥ କୋର୍ଟରେ ପୈଠ ନକଲେ ଜବତ କରାଯାଇଥିବା ସମସ୍ତ ସମ୍ପତ୍ତି ନିଲାମ କରାଯିବ। ଏନେଇ ଆଜି ସିଭିଲ୍ ଜଜ୍ (ବାଣିଜ୍ୟିକ ଅଦାଲତ)ଙ୍କ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ନୋଟିସ ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମେସର୍ସ ବି. ଇଞ୍ଜିନିୟର୍ସ ଆଣ୍ଡ୍ ବିଲ୍ଡର୍ସ ଲିମିଟେଡ୍ ବନାମ ଓଡ଼ିଶା ସରକାର ଓ ଅନ୍ୟ ଜଣଙ୍କ ସମ୍ପର୍କିତ ଏକଜିକ୍ୟୁସନ୍ କେସ୍ ନମ୍ବର ୧୧୬/୨୦୨୦ରେ ଏହି ଆଦେଶ ଦିଆଯାଇଛି। ୨୩ ସେପ୍ଟେମ୍ବର ୨୦୧୯ରେ ପାରିତ ଡିକ୍ରି ଅନୁଯାୟୀ, ଡିକ୍ରିଧାରୀଙ୍କ ସପକ୍ଷରେ ୩୧ କୋଟି ୩୮ ଲକ୍ଷ ୮୬ ହଜାର ୫୨୯ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ରହିଛି। ଏହି ଅର୍ଥ ପୈଠ ନ ହେବାରୁ ଅଦାଲତଙ୍କ ପକ୍ଷରୁ ସମ୍ପତ୍ତି ହସ୍ତାନ୍ତର ଉପରେ ନିଷେଧାଦେଶ ଜାରି ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ମହାନଦୀ ବ୍ୟାରେଜ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଥିବା ତିନି ମହଲା ବିଶିଷ୍ଟ ଆରସିସି କୋଠା ଏବଂ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ରେକର୍ଡ ରୁମ୍ ଥିବା ଦୁଇ ମହଲା ବିଶିଷ୍ଟ ଆରସିସି କୋଠାକୁ ନିଷେଧାଦେଶ ପରିସରଭୁକ୍ତ କରାଯାଇଛି। ଉକ୍ତ ଦୁଇଟି କୋଠା କଟକ ଗଣ୍ଡରପୁରସ୍ଥିତ ମହାନଦୀ ବ୍ୟାରେଜ୍ ବିଭାଗ ଅଧୀନରେ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ସମ୍ପତ୍ତି ଗୁଡ଼ିକୁ ବିକ୍ରି, ଦାନ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର ବା ସେଥିରେ କୌଣସି ଦାୟିତ୍ୱ ସୃଷ୍ଟି କରିବା ଉପରେ ଅଦାଲତ ରୋକ ଲଗାଇଛନ୍ତି। ଏଥିସହ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ଏହି ସମ୍ପତ୍ତି କ୍ରୟ କିମ୍ବା ଅନ୍ୟ ଉପାୟରେ ଗ୍ରହଣ କରିବାକୁ ବାରଣ କରାଯାଇଛି। ଡିକ୍ରୀଧାରୀଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାନ୍ତ ଦ୍ୱିବେଦୀ ଏବଂ ବିଶ୍ୱଜିତ ମଲ୍ଲିକ ପ୍ରମୁଖ ମାମଲାଟିକୁ ପରିଚାଳନା କରୁଛନ୍ତି।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାମୂହିକ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ' ଆୟୋଜିତ ।

୧୮ଦଫା ଦାବିରେ ଦାବିପତ୍ର ଦେଲା ପାଚିକା ସଂଘ

କଟକ, ୩୧।୧୦ (ସଂଚାର ବ୍ୟୁରୋ): ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ୧୮ଦଫା ଦାବିରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ବକେୟ ଦରମାକୁ ଅବିଳମ୍ବେ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ପାଚିକାଙ୍କୁ ନିୟୋଜିତ ବନ୍ଦ କରିବା, ପିଲାସଂଖ୍ୟା ଅନୁସାରେ ପାଚିକା ନିଯୁକ୍ତି କରିବା, କାମ କରିବା ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ଆବଶ୍ୟକ ଥିବା ସ୍କୁଲରେ ଛଟେଇ ହୋଇଥିବା ପାଚିକାମାନଙ୍କୁ ନିଯୁକ୍ତି ଦେବା, ଲଡ୍ଡୁ ତିଆରି ପାଇଁ ପାଚିକାମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା, ୨୮ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପାଇ ନଥିବା ପାଚିକାଙ୍କୁ ଅବିଳମ୍ବେ ପ୍ରଦାନ କରିବା ଆଦି ଦାବି ପ୍ରମୁଖ ଥିଲା। ପାଚିକା ସଂଘ ସଭାପତି ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା।

ଦେବୀଗଡ଼ା ଭସାଣି ମାଡ଼ ଘଟଣା

ବିଡ଼ାନାସୀ ଥାନାଧିକାରୀଙ୍କ ବଦଳି ଦାବିରେ ସ୍ମାରକପତ୍ର

କଟକ, ୩୧।୧୦ (ସଂଚାର ବ୍ୟୁରୋ): ଐତିହାସିକ କଟକ ସହରର ଦଶହରା ଭସାଣି ଉତ୍ସବ ବେଳେ ଦେବୀଗଡ଼ା ନିକଟରେ ବିଡ଼ାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟ ଜଣେ ନିରୀହ ଯୁବକଙ୍କୁ ଅକାରଣରେ ଚାପୁଡ଼ା ମାରିବା ସହ ଅପମାନିତ କରି ଠେଲି ନେବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପୁଲିସ ଉପ-ଆୟୁକ୍ତଙ୍କ ମାଧ୍ୟମରେ ଭୁବନେଶ୍ୱର-କଟକ ପୁଲିସ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ଗଣେଶ ପୂଜା ସମୟରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥିଲା। କଟକ ଭଳି ଏକ ଶାନ୍ତିପ୍ରିୟ ତଥା ଭାଇଚାରାର ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନାଁରେ ଜଣେ ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କ ଏଭଳି ଉଗ୍ର ଓ ଅଶୋଭନୀୟ ଆଚରଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ଏହା କମିଶନରେଟ୍ ପୁଲିସର ଭାବମୂର୍ତ୍ତିକୁ ଗୁରୁତର ଭାବେ କ୍ଷୁଣ୍ଣ କରିଛି। ତେଣୁ ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅଧିକାରୀଙ୍କୁ ତୁରନ୍ତ କଟକରୁ ଅନ୍ୟତ୍ର ବଦଳି କରିବା କରିବାକୁ ଶ୍ରୀମତି ବେହେରା ଦାବି କରିଛନ୍ତି।

ଆକାଶମାର୍ଗରୁ ସର୍ଭେ କରିଦେଲେ ବିପର୍ଯ୍ୟୟ ପରିଚାଳନା ହୁଏନି: ଭକ୍ତ

● ଗଞ୍ଜାମ ଓ ଗଜପତି ବନ୍ୟା ବିପର୍ଯ୍ୟୟ ସରକାରଙ୍କ ଅପାରଗତାର ନିଦର୍ଶନ

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୟାବହ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ସୃଷ୍ଟି ହୋଇଥିବା ଦୁର୍ଦ୍ଦଶା ପାଇଁ ବିଜେପି ସରକାରଙ୍କ ଚରମ ଅବହେଳା, ଅପାରଗତା ଓ ଦାୟିତ୍ୱହୀନ ଆଭିମୁଖ୍ୟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ତୀବ୍ର ନିନ୍ଦା କରିଛନ୍ତି। ପ୍ରକୃତିର ପ୍ରକୋପକୁ ସମ୍ପୂର୍ଣ୍ଣ ରୋକିବା ସମ୍ଭବ ନୁହେଁ, କିନ୍ତୁ ଆଗୁଆ ସତର୍କ ସୂଚନା ଥିବା ସତ୍ତ୍ୱେ ଲୋକଙ୍କ ଜୀବନ, ଜୀବିକା ଓ ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକ ପ୍ରସ୍ତୁତି ନ କରିବା ନିଶ୍ଚିତ ଭାବେ ସରକାରଙ୍କ ବିଫଳତା। ହଜାର ହଜାର ପରିବାର ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଅନେକ ଗାଁ ଜଳମଗ୍ନ, ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା କ୍ଷତିଗ୍ରସ୍ତ ଓ ଚାଷଜମି ନଷ୍ଟ ହୋଇଛି। ଲୋକେ ଖାଦ୍ୟ, ପାନୀୟ ଜଳ ଓ ଔଷଧ ପାଇଁ ହନ୍ତସନ୍ତ ହେଉଥିବା ବେଳେ ସରକାରଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ନିରାଶାଜନକ।

ସବୁଠାରୁ ଗୁରୁତର ପ୍ରଶ୍ନ ହେଉଛି, ଜଳଭଣ୍ଡାରରୁ ଜଳ ନିଷ୍କାସନ ପୂର୍ବରୁ ତଳମୁଣ୍ଡରେ ଥିବା ଗାଁ ଓ ଜନବସତିଗୁଡ଼ିକୁ କାହିଁକି ଉପଯୁକ୍ତ ସମୟରେ ସତର୍କ କରାଯାଇ ନ ଥିଲା? ଜଳ ନିଷ୍କାସନର ପରିମାଣ, ସମୟ ଓ ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କୁ ସ୍ପଷ୍ଟ ସୂଚନା ଦିଆଯାଇଥିଲା କି? ଡହ ଜଳଭଣ୍ଡାର ପରିଚାଳନାରେ ବିଭାଗ, ଜିଲ୍ଲା ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ କି ସମନ୍ୱୟ ଥିଲା? ଜଳ ନିଷ୍କାସନ ଓ ବର୍ଷାଜନିତ ବନ୍ୟାର ମିଳିତ ପ୍ରଭାବକୁ ଆଗୁଆ ଆକଳନ କରାଯାଇଥିଲା କି? ଉଭୟ ଆଇଏମଡି ଓ ରାଜ୍ୟ ପାଣିପାଗ ବିଭାଗ କେବେ ସତର୍କ ସୂଚନା ଦେଲେ ଓ କର୍ତ୍ତୃପକ୍ଷ କେବେ ନିଷ୍ପତ୍ତି ନେଲେ ତାହା ମଧ୍ୟ ସରକାର ଦେଖାନ୍ତୁ। ଏହିସବୁ ପ୍ରଶ୍ନର ଉତ୍ତର ସରକାରଙ୍କୁ ଦେବାକୁ ପଡ଼ିବ।

ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ସତ୍ତ୍ୱେ ବିପଦସଙ୍କୁଳ ଗାଁଗୁଡ଼ିକରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ କାହିଁକି ଆଗୁଆ ବ୍ୟବସ୍ଥା କରାଯାଇ ନ ଥିଲା? ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ କି ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା? ଆଶ୍ରୟସ୍ଥଳୀ, ଶୁଖିଲା ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆପତ୍କାଳୀନ ଚିକିତ୍ସାର ବ୍ୟବସ୍ଥା କେତେ ପରିମାଣରେ ଥିଲା? ଅନେକ ଅଞ୍ଚଳରେ ଯଦି ଲୋକଙ୍କୁ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଆକାଶମାର୍ଗରୁ ପକାଇବାକୁ ପଡୁଛି, ତେବେ ଏହା ତୃଣମୂଳ ସ୍ତରରେ ପ୍ରଶାସନିକ ବ୍ୟବସ୍ଥା କେତେ ଦୁର୍ବଳ ତାହା ପ୍ରମାଣିତ କରୁଛି। ଜିଲ୍ଲା ଦାୟିତ୍ୱରେ ଥିବା ମନ୍ତ୍ରୀମାନଙ୍କ ଭୂମିକା ମଧ୍ୟ ନୈରାଶ୍ୟଜନକ। ସଙ୍କଟ ସମୟରେ ମନ୍ତ୍ରୀମାନଙ୍କ ଦାୟିତ୍ୱ କେବଳ ସମୀକ୍ଷା ବୈଠକ କିମ୍ବା ଗଣମାଧ୍ୟମରେ ବିବୃତି ଦେବା ନୁହେଁ।

ଏସବିଆଇ ଗ୍ରାହକଙ୍କ ତଥ୍ୟ ଲିକ୍ ନିନ୍ଦନୀୟ: ବିଜେଡି

ଦୁର୍ନୀତିମୁକ୍ତ ବ୍ୟାଙ୍କିଙ୍ଗ ସେବା ପ୍ରଦାନରେ ଏସବିଆଇ ବିଫଳ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଡାର୍କ ୱେବରେ ଦେଶର ସବୁଠାରୁ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସବିଆଇର ପ୍ରାୟ ୩୮୯୭ ଗ୍ରାହକଙ୍କ ବ୍ୟକ୍ତିଗତ ତଥ୍ୟ ଯଥା ମୋବାଇଲ୍ ନମ୍ବର, ଜନ୍ମ ତାରିଖ, ଠିକଣା, ଇମେଲ୍, ସିଆଇଏଫ୍ ଆଇଡି ଓ ଋଣ ସମ୍ବନ୍ଧୀୟ ବିବରଣୀ ଲିକ୍ ହେବା ଘଟଣାକୁ ନେଇ ଗ୍ରାହକମାନେ ନିଜ ତଥ୍ୟର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆଜି ଏକ ପ୍ରେସ ବିବୃତି ମାଧ୍ୟମରେ ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଏହି ତଥ୍ୟ ଲିକ୍ ଯୋଗୁଁ ହଜାର ହଜାର ଗ୍ରାହକ ଠକେଇର ଶିକାର ହେବାର ଆଶଙ୍କା ରହିଛି। ବ୍ୟାଙ୍କ୍ ନିଜେ ଏହି ଘଟଣା ଚିହ୍ନଟ କରିପାରି ନ ଥିଲା, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗ୍ରାହକଙ୍କ ତଥ୍ୟର ସୁରକ୍ଷାକୁ ନେଇ ବିଫଳତା ଓ ଓଡ଼ିଶାରେ ଏସବିଆଇ କର୍ମଚାରୀମାନେ ବ୍ୟାଙ୍କରୁ ଉଠାଣ, ଋଣ ସମ୍ବନ୍ଧୀୟ କାମ, ବୀମା ରାଶି ଉଠାଣ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗ୍ରାହକଙ୍କଠାରୁ ନଗଦ ଟଙ୍କା ଦାବି କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଗ୍ରାହକଙ୍କ ପ୍ରତି ସରକାରୀ ବ୍ୟାଙ୍କର ଦାୟିତ୍ୱହୀନତା ନିନ୍ଦନୀୟ। ସାଧାରଣ ଲୋକଙ୍କ ବିଶ୍ୱାସ ଉପରେ ନିର୍ଭର କରି ଚାଲୁଥିବା ଏହି ସରକାରୀ ବ୍ୟାଙ୍କ ନିଜ ଗ୍ରାହକଙ୍କ ତଥ୍ୟ ସୁରକ୍ଷିତ ରଖିବାରେ ବିଫଳ ହେବା ଏବଂ ବ୍ୟାଙ୍କ କର୍ମଚାରୀମାନେ ଗ୍ରାହକଙ୍କଠାରୁ ଲାଞ୍ଚ ମାଗିବା ଗ୍ରହଣୀୟ ନୁହେଁ।

ଡ. ମହାନ୍ତି ଆହୁରି କହିଥିଲେ ଯେ ଏସବିଆଇ ତଥ୍ୟ ଲିକ୍ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ପ୍ରଭାବିତ ଗ୍ରାହକଙ୍କ ତାଲିକା ନିର୍ଭୁଲ ଭାବେ ପ୍ରକାଶ କରିବା ଉଚିତ। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ପ୍ରଦାନ କରାଯାଉ। ଗ୍ରାହକଙ୍କ ତଥ୍ୟର ସୁରକ୍ଷା, ସେବାର ମାନ ଓ ଦୁର୍ନୀତିମୁକ୍ତ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରି ଏସବିଆଇ ପ୍ରତି ଥିବା ଗ୍ରାହକଙ୍କ ବିଶ୍ୱାସକୁ ଆଉ ଭାଙ୍ଗିବାକୁ ଦିଆ ନ ଯାଉ। ଏହି ଘଟଣାକୁ ନେଇ ଏସବିଆଇ କର୍ତ୍ତୃପକ୍ଷ ସମସ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ସଂକଳ୍ପ



ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ଅକ୍ଷୁଣ୍ଣ ରଖିବା ସହ ଜାତୀୟ ସଂହତିର ଭାବନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଖାରବେଳ ଭବନଠାରେ ବିଭାଗ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ସ୍ତରର କର୍ମଚାରୀ ଯୋଗଦେଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ଜାତୀୟ ସଂହତି ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିବା ସହ ନାଗରିକଙ୍କ ମଧ୍ୟରେ ଭ୍ରାତୃତ୍ୱ, ସଦ୍‌ଭାବନା ଓ ଏକତାର ମନୋଭାବ ବଜାୟ ରଖିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ସର୍ଦ୍ଦାର ପଟେଲଙ୍କ ଜାତୀୟ ଏକତା ଓ ଅଖଣ୍ଡତା ପ୍ରତି ଅବଦାନକୁ ସ୍ମରଣ କରିବା ତଥା ଦେଶବାସୀଙ୍କ ମଧ୍ୟରେ ଏକତା, ସାମୂହିକ ଦାୟିତ୍ୱବୋଧ ଓ ଦେଶପ୍ରେମର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ବା 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରାଯାଉଛି। ବିଭାଗୀୟ ଶପଥ ପାଠ କାର୍ଯ୍ୟକ୍ରମ ମାଧ୍ୟମରେ ସର୍ଦ୍ଦାର ପଟେଲଙ୍କ ଏକତାର ବାର୍ତ୍ତାକୁ ସ୍ମରଣ କରିବା ସହ ଜାତୀୟ ସଂହତି ରକ୍ଷା ଦିଗରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଓ ଦାୟିତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମାଟି ତଳେ...

ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଅନ୍ୟପକ୍ଷରେ ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଭ୍ରମାତ୍ମକ ଖବରର ନିରାକରଣ ହୋଇପାରିବ ଓ ଜନସାଧାରଣଙ୍କ ନିକଟରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପହଞ୍ଚିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ଫଳପ୍ରଦ ହୋଇପାରିବ। ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟକୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି. ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ନିମନ୍ତେ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍‌ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ୱତନ୍ତ୍ର ସେନ୍ସର ଓ ସ୍କାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ। ଆଲୋଚନାରୁ ଜଣାପଡିଛି ଯେ ଘଟଣାସ୍ଥଳରେ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ଓ ଏସଓଜି ଭଳି ପ୍ରମୁଖ ଉଦ୍ଧାରକାରୀ ସଂସ୍ଥା ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି।

'ଅର୍ଣ୍ଣବ' ପ୍ରଭାବରେ...

ଜିଲ୍ଲାରେ ରିଲିଫ୍ ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ବନ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ମୋଟ ୧,୦୫,୬୨୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ପ୍ରାୟ ୩୯,୬୧୯ ଜଣ ଲୋକ ୩୬୭ଟି ରିଲିଫ୍ କ୍ୟାମ୍ପରେ ରହୁଛନ୍ତି, ଯେଉଁଠାରେ ସେମାନଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ଗଜପତି ଜିଲ୍ଲାରେ ପ୍ରାୟ ୨୧,୭୮୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ଓ ୩୪୦ଟି ରିଲିଫ୍ କ୍ୟାମ୍ପ ମାଧ୍ୟମରେ ସେମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଘରୁ ଟାଣିନେଇ...

ଏହି ଘଟଣାରେ ଘରର ବାଡ଼ିପଟେ ରକ୍ତ ପଡ଼ିଥିବା ସହ ଏକ ରକ୍ତଭିଜା ଛୁରୀ ପଡ଼ିଥିବା ଦେଖି ସେ ଭୟଭୀତ ହୋଇ ମାର୍ଶାଘାଇ ପୁଲିସକୁ ଖବର ଦେଇଥିଲେ। ଏହାପରେ ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ଘର ପଛପଟେ ଏକ ପୋଖରୀରେ ସସ୍ମିତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଅଭିଜିତ ତାଙ୍କ ଝିଅକୁ ହତ୍ୟା କରି ମୃତଦେହ ପୋଖରୀରେ ଫିଙ୍ଗିଦେଇଥିବା ସୁଶାନ୍ତ ଏଫଆଇଆରରେ ଦର୍ଶାଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ କଠୋର ଆଇନଗତ ଦଣ୍ଡବିଧାନ କରିବାକୁ ସେ ଦାବି କରିଛନ୍ତି।

ଓଡ଼ିଶାର ଜୀବନଶୈଳୀକୁ...

ଗ୍ରାଣ୍ଡିଙ୍ଗ କେବଳ ଭାରତରେ ହେଉଛି। ଏହା ଭାରତୀୟ ସମାଜର ଆଧାରଣ ପ୍ରଯୁକ୍ତିଗତ ଦକ୍ଷତା ଓ ଆତ୍ମାଭିବ୍ୟକ୍ତିକୁ ପ୍ରମାଣିତ କରୁଛି । ଆଜିର ଯୁବପିଢ଼ିଙ୍କ ଦୁନିଆ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଦ୍ୱାରା ପରିଚାଳିତ। ଅନ୍ୟପକ୍ଷରେ ବାଳ ବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ 'ଅଟଳ ଟିଙ୍କରିଂ ଲ୍ୟାବ୍' ଭଳି ପଦକ୍ଷେପ ମାଧ୍ୟମରେ ଇନୋଭେସନ୍ ବୃଦ୍ଧି ପାଉଛି। ସମାଜରେ ଯେକୌଣସି ଜିନିଷର ସ୍ୱଚ୍ଛତା ଆଣିବାକୁ ହେଲେ ନିଜର ମୂଳ ବା ଜଡ଼ ପର୍ଯ୍ୟନ୍ତ ଯିବାକୁ ପଡ଼ିବ। ଯୁବାମାନଙ୍କ ପ୍ରଗତି 'ବ୍ୟାକ୍ ଟୁ ଭିଲେଜ୍' ଯୁବପିଢ଼ିଙ୍କୁ ନିଜର ମୂଳ, ଗାଁ, ଓଡ଼ିଆ ମାଟି ଓ ଜୀବନଶୈଳୀ ସହ ଯୋଡ଼ିବା ପାଇଁ ଏକ ପ୍ରେରଣାଦାୟୀ ବାର୍ତ୍ତା ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଆ ଜାତି ଓ ଆମ ସଂସ୍କୃତି କେବେବି ସଙ୍କୀର୍ଣ୍ଣ ନୁହେଁ, କାରଣ ଆମର ଆରାଧ୍ୟ ହେଉଛନ୍ତି ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ।

ରାଜ୍ୟକୁ କେନ୍ଦ୍ରର...

ରଖି ରାଜ୍ୟଗୁଡ଼ିକର ପୁଞ୍ଜିଗତ ବ୍ୟୟ ବୃଦ୍ଧି ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗତି ଆଣିବା ଏହି ଅତିରିକ୍ତ ଅର୍ଥ ହସ୍ତାନ୍ତରର ଉଦ୍ଦେଶ୍ୟ। ଚଳିତ ଆର୍ଥିକ ବର୍ଷରେ ଏହା ହେଉଛି ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିବା ଦ୍ୱିତୀୟ ଅତିରିକ୍ତ କିସ୍ତି। ଏଥିରେ ଉତ୍ତର ପ୍ରଦେଶକୁ ସର୍ବାଧିକ ୧୯୨୦୮ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପଶ୍ଚିମବଙ୍ଗକୁ ୭୮୬୬ କୋଟି, ମଧ୍ୟପ୍ରଦେଶକୁ ୮୦୧୦ କୋଟି, ମହାରାଷ୍ଟ୍ରକୁ ୭୦୨୨ କୋଟି, ରାଜସ୍ଥାନକୁ ୬୪୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ବାଣଫୁଟା ଉପରେ...

କି ନୁହେଁ, ଯାଞ୍ଚ କରିବା ଜରୁରୀ। ଏଥିପାଇଁ ବାଣ ପ୍ୟାକେଟରେ ଏସସିଆରଆଇ-ନେରୀର ଲୋଗୋ ଓ କ୍ୟୁଆର କୋଡ୍ ରହିଛି କି ନାହିଁ ଦେଖିବାକୁ ପରାମର୍ଶ ଦିଆଯାଇଛି। ବାଣ ତିଆରିରେ ବାରିୟମ୍ ଓ ଅନ୍ୟ ନିଷିଦ୍ଧ ରାସାୟନିକ ପଦାର୍ଥ ବ୍ୟବହାର ଉପରେ ରହିଛି କଟକଣା। ସେହିପରି ଅଧିକ ଶବ୍ଦ କରୁଥିବା ବାଣ ନ ଫୁଟାଇବାକୁ କୁହାଯାଇଛି। ହସ୍ପିଟାଲ, ସ୍କୁଲ, କଲେଜ ଓ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ବାଣ ଫୁଟାଇବାରୁ ଦୂରେଇ ରହିବା ଆବଶ୍ୟକ। ବାଣ ଫୁଟାଇବା ପାଇଁ ସବୁବେଳେ ଖୋଲା ଓ ସୁରକ୍ଷିତ ସ୍ଥାନ ବାଛିବା ଉଚିତ। ଛୋଟ ପିଲାମାନେ ବାଣ ଫୁଟାଉଥିବା ସମୟରେ ବଡ଼ମାନେ ସେମାନଙ୍କ ଉପରେ ନଜର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ପର୍ବର ଖୁସି ଯେପରି ଅନ୍ୟମାନଙ୍କ ପାଇଁ ଅସୁବିଧାର କାରଣ ନ ହୁଏ, ସେଥିପ୍ରତି ସମସ୍ତେ ସଚେତନ ରହିବା ଦରକାର।

ସହିଦ ଲକ୍ଷ୍ମଣ ନାୟକ...

କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଫଳରେ ଚିକିତ୍ସା ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡାକ୍ତରୀ ଶିକ୍ଷାର ପରିସର ବୃଦ୍ଧି ସହ ଭବିଷ୍ୟତରେ ଅଧିକ ଡାକ୍ତର ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ ଏବଂ ଅଧିକ ମେଧାବୀ ଛାତ୍ରଛାତ୍ରୀ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇବେ।

ଇଣ୍ଡି ମେଣ୍ଟକୁ...

ଦିଲ୍ଲୀରେ ବଡ଼ ଆନ୍ଦୋଳନ କରିବ ଇଣ୍ଡି ମେଣ୍ଟ। ଦିଲ୍ଲୀ ରାମଲୀଳା ମଇଦାନଠାରେ ଇଣ୍ଡି ମେଣ୍ଟ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ହେଲେ ବିଜେଡି ଆସନ୍ତାକାଲି ଆନ୍ଦୋଳନରେ ସାମିଲ ହେବ ନା ନାହିଁ, ତାହା ଏଯାଏଁ ସ୍ପଷ୍ଟ କରିନାହିଁ। ବିରୋଧୀଙ୍କ ତରଫରୁ ଅକ୍ଟୋବର ୬ରେ ହୋଇଥିବା ଆନ୍ଦୋଳନରେ ବିଜେଡି ସାମିଲ ହୋଇଥିଲା । ହେଲେ ତା'ପରେ ଇଣ୍ଡି ମେଣ୍ଟ ଓ କଂଗ୍ରେସ ପକ୍ଷରୁ ଯେତେସବୁ ଆନ୍ଦୋଳନ ଦିଲ୍ଲୀରେ ହୋଇଛି, ବିଜେଡିର ସେଥିରେ ଦେଖା ଦର୍ଶନ ନ ଥିଲା। ତେଣୁ ଆସନ୍ତାକାଲି ଆନ୍ଦୋଳନକୁ ନେଇ ଚର୍ଚ୍ଚା ବଢୁଥିବା ବେଳେ ବିଜେଡି ନେତାମାନେ ଏନେଇ ସ୍ପଷ୍ଟ ଭାବେ କିଛି କହିବାକୁ ନାରାଜ। ଦଳ ନିଜସ୍ୱ ତରିକାରେ ଏସଆଇଆର ପ୍ରସଙ୍ଗରେ ପ୍ରତିବାଦ କରୁଛି ବୋଲି କହି ବିଜେଡି ନେତା ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି। ରାଜନୀତି ସମୀକ୍ଷକଙ୍କ ମତ, ସ୍ଥିତି ଦେଖି ନବୀନ ତାଙ୍କ ପତା ଖୋଲନ୍ତି। ଦଳ ବିଜେପି ସହ ନାହିଁ ବୋଲି ଏ ବାର୍ତ୍ତା ଦେବାକୁ ନବୀନ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ସମୟରେ କଟାକ୍ଷ କରୁଛନ୍ତି। ହେଲେ ଦଳର ଏହି ବାର୍ତ୍ତାକୁ ଗ୍ରାଉଣ୍ଡକୁ ନେଉନାହାନ୍ତି ନବୀନ। କେତେବେଳେ ଇଣ୍ଡି ମେଣ୍ଟ ସହ ଛିଡ଼ା ହେଉଛନ୍ତି ପୁଣି କେତେବେଳେ ନିରବ ରହୁଛନ୍ତି । ତେଣୁ ଆସନ୍ତାକାଲି ଇଣ୍ଡି ମେଣ୍ଟର ଦିଲ୍ଲୀ ଆନ୍ଦୋଳନରେ ଦଳ ଭାଗ ନେବ କି ନାହିଁ ସେ ଆଭିମୁଖ୍ୟ ସ୍ପଷ୍ଟ କରୁନାହାଁନ୍ତି ବିଜେଡି ସଭାପତି। ଆସନ୍ତାକାଲି ଇଣ୍ଡି ମେଣ୍ଟ ଆନ୍ଦୋଳନରେ ପ୍ରଥମ ଥର ପାଇଁ କକ୍ରୋଚ୍ ଜନତା ପାର୍ଟି ସାମିଲ ହେବାକୁ ଯାଉଛି। ହେଲେ ପୂର୍ବରୁ ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ଏବେ ବି ଦ୍ୱନ୍ଦରେ ପଡ଼ିଛି।

ମାଡ଼ି ଆସୁଛି...

ଅତି ପ୍ରବଳ ବର୍ଷା ହୋଇପାରେ। ଏହାଛଡ଼ା କଳାହାଣ୍ଡି, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ନଭେମ୍ବର ୨ରେ ପବନର ବେଗ ୪୦ରୁ ୫୦ କିମି ରହିବା ସହ ଝଟକା ପବନର ବେଗ ୬୦ କିମି ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଦୀପାବଳି ପୂର୍ବରୁ...

ଓଡ଼ିଶା ରହିଛି। ଏହାର କାରଣ ହେଉଛି ଓଡ଼ିଶା ଏକ ଖାଉଟି ରାଜ୍ୟ। ତେଲଠାରୁ ଡାଲି, ଆଳୁଠାରୁ ପିଆଜ ସବୁକିଛି ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ଯେହେତୁ ସେହିସବୁ ରାଜ୍ୟର ବ୍ୟବସାୟୀମାନେ ଦର ନିୟନ୍ତ୍ରଣ କରୁଛନ୍ତି, ତେଣୁ ଓଡ଼ିଶାରେ ଖାଉଟି ସାମଗ୍ରୀର ଦରବୃଦ୍ଧିକୁ ମୁକାବିଲା କରାଯାଇପାରୁନାହିଁ। ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପାଇଁ କୋଭିଡ, ମଧ୍ୟପ୍ରାଚ୍ୟ ଯୁଦ୍ଧ, ଏଲ୍‌ନିନୋର ପ୍ରଭାବ ଆଦିକୁ ଦାୟୀ କରାଯାଉଥିବା ବେଳେ ଦେଶରେ ଆର୍ଥିକ ସ୍ଥିତି ଭଲ ଥିବା ସହ ଅଭିବୃଦ୍ଧି ହାର ବଢୁଥିବା ବାରମ୍ବାର କୁହାଯାଉଛି। ହେଲେ ରାତି ପାହିଲେ ବଜାରରୁ ଚଢ଼ା ଦାମରେ ସାମଗ୍ରୀ କିଣୁଥିବା ସାଧାରଣ ଲୋକେ ଏହି ଅଭିବୃଦ୍ଧିର ମାୟାଜାଲକୁ ସହଜରେ ବୁଝିପାରୁନାହାନ୍ତି କି ବିଶ୍ୱାସ ବି କରୁନାହାନ୍ତି। ଦଶହରା ପୂର୍ବରୁ ବହୁ ସାମଗ୍ରୀର ଦର ବଢ଼ିଥିବା ବେଳେ ସମସ୍ତେ ଆଶା କରୁଥିଲେ ସରକାର ଏହାକୁ ନିୟନ୍ତ୍ରଣ କରିବେ। ହେଲେ ଦୀପାବଳୀ ଯେତେ ପାଖେଇ ଆସୁଛି ମହଙ୍ଗା ମାଡ଼ରେ ଲୋକେ ସେତିକି ଆକ୍ତାବାକ୍ତା ହେବାରେ ଲାଗିଛନ୍ତି। କେବଳ ସରକାରୀ କର୍ମଚାରୀ ଓ ପେନସନଭୋଗୀ ଏବଂ କିଛି ଉଚ୍ଚ ବେତନଧାରୀଙ୍କୁ ବାଦ୍ ଦେଲେ ଦରଦାମ ଏବେ ସମସ୍ତଙ୍କୁ ବାଧିବାରେ ଲାଗିଛି। ଦରଦାମ ବୃଦ୍ଧିକୁ ନେଇ ବି ବଡ ବଡ ବ୍ୟବସାୟୀମାନେ ହାତ ଟେକି ଦେଲେଣି। ଯେହେତୁ ପ୍ରାୟତଃ ସବୁ ସାମଗ୍ରୀକୁ ସେମାନଙ୍କୁ ଆମଦାନୀ କରିବାକୁ ପଡୁଛି ତେଣୁ ସେମାନେ ଚାହିଁଲେ ବି ଦରବୃଦ୍ଧି ଉପରେ ବ୍ରେକ୍ ଲଗାଇ ପାରୁନାହାନ୍ତି। ଅଟା, ଡାଲି, ଚିନି, ଖାଇବା ତେଲ ସହିତ ତାଳ ଦେଇ ରାଜ୍ୟରେ ଏବେ ପନିପରିବାର ଦର ବି ବଢ଼ିବାରେ ଲାଗିଛି, ଯାହା ସାଧାରଣ ଖାଉଟିଙ୍କୁ ବାଧୁଛି। ଯଦି ଦରଦାମକୁ ଅତିଶୀଘ୍ର ନିୟନ୍ତ୍ରଣ କରାନଯିବ ତେବେ ଓଡ଼ିଶା ଭଳି ଗରିବ ରାଜ୍ୟର ଲୋକେ କେବଳ ଆହୁରି ଗରିବ ହେବେନାହିଁ, ରାଜ୍ୟର ଦାଦନ ସମସ୍ୟା ବି ଆହୁରି ଉତ୍କଟ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ପାର୍ବଣରେ ପୁଣି ଗାଁ ଗାଁରେ ଜୁଆ ଆଡ୍ଡା

ଅଖିଳେଶ୍ୱର ସିଂ ସମୟରେ ହୋଇଥିଲା କଡ଼ା ଆକ୍ସନ

ସନ୍ଧ୍ୟା ହେଲେ ମହମବତି, ପାଲି ଓ ଟଙ୍କା ଗଡୁଛି

ଅପରାହ୍ନରୁ ଆରମ୍ଭ ରାତିସାରା ଚାଲୁଛି

କାକଟପୁର/ଅସ୍ତରଙ୍ଗ,୩୧।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର, ଅସ୍ତରଙ୍ଗ ଏବଂ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ପାର୍ବଣ ଋତୁ ଆରମ୍ଭ ହେବା ମାତ୍ରେ ପୁଣି ଥରେ ଗାଁ ଗାଁରେ ସକ୍ରିୟ ହୋଇ ଉଠିଛି ଜୁଆ ଆଡ୍ଡା। ସନ୍ଧ୍ୟା ହେଲେ ମହମବତୀ,ପାଲି ଓ ଟଙ୍କା ଖେଳ ଚାଲୁଛି।ଗଣେଶ ପୂଜା ଠାରୁ ଆରମ୍ଭ ହୋଇଥିବା ଏହି ଜୁଆ ପାଲି ଏବେ ପ୍ରତିଦିନ ସନ୍ଧ୍ୟା ହେଲେ ପୁରା ଅଞ୍ଚଳରେ ଜମାଣ ହେଉଛି। ପୁଲିସ ପାଖରେ ସବୁ ଖବର ଥାଇ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବରୁ ଏହି ଅଞ୍ଚଳରେ ଜୁଆ ମାଫିଆଙ୍କ ରାଜୁତି ବହୁତ ବଢ଼ିଯାଇଥିଲା। ବିଶେଷ କରି କାକଟପୁର, ଅସ୍ତରଙ୍ଗ ଥାନା ଅଧୀନ ନିର୍ଦ୍ଦିଷ୍ଟ ଗାଁ ମାନଙ୍କରେ ଦିନ ରାତି ବଡ ବଡ ଜୁଆ ଆଡ୍ଡା ଚାଲୁଥିଲା। ସେହି ସମୟରେ ତତ୍କାଳୀନ ପୁରୀ ଏସପି ଅଖିଳେଶ୍ୱର ସିଂ ଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ପୋଲିସ ଅଚାନକ ଚଢ଼ାଉ କରିଥିଲା। ସେତେବେଳେ ପୋଲିସ ଲକ୍ଷାଧିକ ଟଙ୍କା ଜବତ କରିବା ସହ ବହୁ ଜୁଆଡିଙ୍କୁ ଗିରଫ କରିଥିଲା। ଚଢ଼ାଉ ସମୟରେ ଜୁଆଡିମାନେ କାର୍ଯ୍ୟରତ ଜଣେ ପୋଲିସ ଏଏସଆଇଙ୍କୁ ଆକ୍ରମଣ କରି ସେଠାରୁ ଖସି ଯାଇଥିଲେ। ଏହି ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଖବର ପାଇ ତତ୍କାଳୀନ ଏସପି ଅଖିଳେଶ୍ୱର ସିଂ ନିଜେ କାକଟପୁର ଥାନାକୁ ଆସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ସେହି ଘଟଣା ପରେ ବର୍ଷେରୁ ଅଧିକ ସମୟ ଧରି ଏ ଅଞ୍ଚଳରେ ଜୁଆ ପାଲି ପୁରା ବନ୍ଦ ହୋଇଯାଇଥିଲା। ହେଲେ ଏବେ ପୁଣି ପାର୍ବଣ ଆରମ୍ଭରୁ ପୁରୁଣା ରୋଗ ଫେରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କାକଟପୁର ଥାନା ଅଧୀନର ପ୍ରାୟ ୧୦ରୁ ୧୨ ଗାଁ ଏବଂ ଅସ୍ତରଙ୍ଗ ଓ ନୂଆଗଡ ଥାନା ଅଧୀନର ୫ ରୁ ୮ଗାଁରେ ପ୍ରତି ସନ୍ଧ୍ୟାରେ ଜୁଆ ଆଡ୍ଡା ଜମୁଛି। ପ୍ରତି ଆଡ୍ଡାରେ ୧ଶହ, ୫ଶହ ଟଙ୍କିଆ ନୋଟ ଥୁଆ ହୋଇ ଜୁଆ ଖେଳ ଚାଲିଛି। କେଉଁ ଗାଁରେ କେଉଁ ଜାଗାରେ ଜୁଆ ଚାଲିଛି ତାହାର ସବୁ ପୁରୁଣା ତଥ୍ୟ ପୋଲିସ ପାଖରେ ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ଏହି ଜୁଆ ପାଇଁ ଯୁବପିଢ଼ି ବରବାଦ ହେଉଛି। ଅନେକ ଯୁବକ ଜୁଆ ନିଶାରେ ପଡି ସର୍ବସ୍ୱାନ୍ତ ହେଉଛନ୍ତି। ଚାଷ ଟଙ୍କା, ମାଛ ଧରା ଟଙ୍କା, କମ୍ପାନୀ ରେ କାମ କରି ଆଣିଥିବା ଅର୍ଥ,ପାର୍ବଣ ଟଙ୍କା, ମଜୁରୀ ଟଙ୍କା ସବୁ ଜୁଆରେ ହାରି ପରିବାର କଳହ ସୃଷ୍ଟି ହେଉଛି। ଏହାକୁ ନେଇ ଅଞ୍ଚଳରେ ଚୋରି, ଅଶାନ୍ତି ବଢୁଛି। ବହୁ ସମୟରେ ଜୁଆକୁ ନେଇ ଗଣ୍ଡଗୋଳ ମଧ୍ୟ ହେଉଛି। ସାଧାରଣ ଲୋକେ ପୁଲିସକୁ ଖବର ଦେଲେ ବି ପୋଲିସ ପହଞ୍ଚିବା ପୂର୍ବରୁ ଖବର ପହଞ୍ଚି ଯାଉଛି। ତେଣୁ ପୁରୀ ଏସପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ସ୍ପେସିଆଲ ଟିମ ଗଠନ କରି ପୂର୍ବ ଷ୍ଟାଇଲରେ ପୁଣି ବଡ ଚଢ଼ାଉ କରିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ପୁଲିସ ଯଦି ଏବେ ଚୁପ ରହିବ ତେବେ ଆଗାମୀ ଦିନରେ ପରିସ୍ଥିତି ବିଗିଡିବ। ପାର୍ବଣ ପରେ ବି ଆଡ୍ଡା ଚାଲିବ। ଯୁବକ ଅପରାଧ ଆଡକୁ ଯିବେ।ପୁରୀ ଏସ୍ପି ଏଥିପ୍ରତି ଦୃଷ୍ଟି ଦେଇ ତତ୍କାଳୀନ ଏସ୍ପି ଅଖିଳେଶ୍ୱର ସିଂ ଙ୍କ ଭଳି ଦୃଢ଼ ଚଢ଼ାଉ କରିବା ଦରକାର ବୋଲି ସାଧାରଣ ରେ ଦାବୀ ହେଉଛି।

ଜାତୀୟ ଏକତା ଦିବସରେ ସଇଁତଳା ପୁଲିସର 'ୟୁନିଟି ରନ୍'

ଜାତୀୟ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରଚାର

ସଇଁତଳା,୩୧।୧୦ (ସଂଚାର ବ୍ୟୁରୋ): ଜାତୀୟ ଏକତା ଦିବସ ଅବସରରେ ସଇଁତଳା ପୋଲିସ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସହଭାଗିତାରେ 'ୟୁନିଟି ରନ୍' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ସହଭାଗିତାରେ ଆୟୋଜିତ ଏହି ଏକତା ଦୌଡ଼ ଦେଶପ୍ରେମ ଓ ସାମାଜିକ ସଦ୍‌ଭାବନାର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲା।

ଏହି ଅବସରରେ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ସହ ଦେଶର ଅଖଣ୍ଡତା ରକ୍ଷା ପାଇଁ ସମସ୍ତଙ୍କୁ ଏକଜୁଟ ହେବାର ବାର୍ତ୍ତା ଦିଆଯାଇଥିଲା। ଏହି ସମୟ ଥାନା ଅଧିକାରୀ ଖଗପତି ବିଶ୍ୱାଳ, ତହସିଲଦାର ଆଶିଷ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

ରାଷ୍ଟ୍ରୀୟ ଏକତା ଦିବସରେ ଭସ୍ମା ପୁଲିସ ତରଫରୁ ମାରାଥନ ଦୌଡ଼ ଓ ନିଶାମୁକ୍ତି ଅଭିଯାନ

ସୁନ୍ଦରଗଡ଼,୩୧।୧୦ (ସଂଚାର ବ୍ୟୁରୋ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭସ୍ମା ପୁଲିସ ପକ୍ଷରୁ ମଙ୍ଗସପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାରାଥନ ଦୌଡ଼ ଓ ନିଶାମୁକ୍ତି ସଚେତନତା ଅଭିଯାନ ଆୟୋଜିତ କରାଯାଇଥିଲା। ବିଦ୍ୟାଳୟରୁ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟି ସଦସ୍ୟ ଓ ପୋଲିସ କର୍ମଚାରୀ କୁର୍ଲା ପର୍ଯ୍ୟନ୍ତ ଗଣ ଦୌଡରେ ସାମିଲ ହୋଇଥିଲେ । ଗଣଦୌଡ଼ ପରେ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସାଧାରଣ ଜ୍ଞାନ ଲିଖିତ ପରୀକ୍ଷା କରାଯାଇଥିଲା ।

ମାରାଥନ ଦୌଡ଼ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଶାରୀରିକ ସୁସ୍ଥତା ଓ ଶୃଙ୍ଖଳାର ଗୁରୁତ୍ୱ ବୁଝାଯାଇଥିବା ବେଳେ, ନିଶାମୁକ୍ତି ଅଭିଯାନ ମାଧ୍ୟମରେ ନିଶାରୁ ଦୂରେଇ ରହିବା ଏବଂ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଜେତା ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ ।

'ଏକତା ପଦଯାତ୍ରା' ଆୟୋଜିତ, ଜାତୀୟ ଏକତା ଓ ସଦ୍‌ଭାବନାର ଶପଥ ଗ୍ରହଣ

ମାଲକାନଗିରି, ୩୧।୧୦ (ସଂଚାର ବ୍ୟୁରୋ): ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଦ୍‌ଭାବନାର ବାର୍ତ୍ତା ନେଇ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଆଜି ଏକ ଭବ୍ୟ 'ଏକତା ପଦଯାତ୍ରା' ଆୟୋଜିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ (ରାଷ୍ଟ୍ରୀୟ ଏକତା ଦିବସ) ଅବସରରେ ଆୟୋଜିତ ଏହି ପଦଯାତ୍ରା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ବାହାରି ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍, ଜିଲ୍ଲା ଯୁବ ଅଧିକାରୀ ଏବଂ ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ହୋଇଥିଲେ।

ପଦଯାତ୍ରା ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିଛବିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସାଂସଦ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ସାଧାରଣ ଜନତା ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ପାଇଁ 'ଏକତା ସଂକଳ୍ପ' ପାଠ କରିଥିଲେ।

ଯାଜପୁର ରୋଡ଼ ଆଦର୍ଶ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଯାଜପୁର ରୋଡ଼, ୩୧।୧୦ (ସଂଚାର ବ୍ୟୁରୋ): ଯାଜପୁର ରୋଡ଼ ଆଦର୍ଶ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ଥାନା ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଡିପିଓ ଶରତ ଚନ୍ଦ୍ର ପାତ୍ର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସମେତ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଛାତ୍ର ଛାତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ଯୁବବର୍ଗ ଓ ସାମ୍ବାଦିକମାନେ ସାମିଲ ହୋଇଥିଲେ।

ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁଙ୍କ ଆୟୋଜନରେ ଚୋରଦା କାଳୀ ମେଲଣ ପଡ଼ିଆ ଠାରୁ ଏକ ଗଣଦୌଡ଼ (ରନ ଫର ୟୁନିଟ୍) ଓ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟାରେ ପୋଲିସ, ଯୁବକ ଓ ସାଧାରଣ ଜନତା ଅଂଶଗ୍ରହଣ କରି ଏକତାର ବାର୍ତ୍ତା ଦେଇଥିଲେ।

ସୂଚନା ଫଳକ ଅଛି, ହେଲେ ତଥ୍ୟ ନାହିଁ

ବାରିଗାଁ ସ୍କୁଲ ପାଚେରୀ ନିର୍ମାଣକୁ ନେଇ ଉଠିଲା ପ୍ରଶ୍ନ

କେଉଁ ବିଭାଗର କାମ, କେତେ ଟଙ୍କାରେ ନିର୍ମାଣ ହେଉଛି, ଠିକାଦାର କିଏ ?

ଆନନ୍ଦପୁର,୩୧।୧୦ (ସଂଚାର ବ୍ୟୁରୋ): ସରକାରୀ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଓ ସ୍ପଷ୍ଟତା ରହିବା ଜରୁରୀ। ମାତ୍ର ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଅନ୍ତର୍ଗତ ବାରିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷା ପାଚେରୀ ନିର୍ମାଣକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସୂଚନା ଫଳକ ଲାଗିଛି, ହେଲେ ଏଥିରେ ଆବଶ୍ୟକୀୟ ତଥ୍ୟ ନଥିବା ଅଭିଯୋଗ ହୋଇଛି।

ସୂଚନା ଫଳକରେ କାର୍ଯ୍ୟର ନାମ, ଅନୁଦାନ ରାଶି, କାର୍ଯ୍ୟକାରୀ ବିଭାଗ ଓ ଠିକାଦାରଙ୍କ ସମ୍ପର୍କରେ ସ୍ପଷ୍ଟ ବିବରଣୀ ନଥିବାରୁ ନିର୍ମାଣ କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା କଷ୍ଟକର ହୋଇପଡ଼ିଛି। ଫଳରେ ଏହି କାମ କେଉଁ ବିଭାଗ ପକ୍ଷରୁ କରାଯାଉଛି, କେତେ ଟଙ୍କା ବ୍ୟୟ ଅଟକଳ ରହିଛି ଏବଂ କାର୍ଯ୍ୟର ଦାୟିତ୍ୱ କାହାକୁ ଦିଆଯାଇଛି, ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସରକାରୀ ଅର୍ଥରେ ହେଉଥିବା ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କୁ ଆବଶ୍ୟକୀୟ ସୂଚନା ଦେବା ଉଦ୍ଦେଶ୍ୟରେ ସୂଚନା ଫଳକ ଲଗାଯାଇଥାଏ। କିନ୍ତୁ ବାରିଗାଁ ବିଦ୍ୟାଳୟରେ ଫଳକ ଲାଗିଥିଲେ ମଧ୍ୟ ଏଥିରେ ଆବଶ୍ୟକ ତଥ୍ୟ ନଥିବା ଘଟଣା ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

ଅନ୍ୟପକ୍ଷରେ, ବିଦ୍ୟାଳୟର ସୁରକ୍ଷା ପାଚେରୀ ନିର୍ମାଣର ଗୁଣବତ୍ତା ଯାଞ୍ଚ କରିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟର ତଦାରଖ କରାଯିବାକୁ ସ୍ଥାନୀୟ ଅଞ୍ଚଳରୁ ଦାବି ହୋଇଛି। ସୂଚନା ଫଳକରେ ସମସ୍ତ ତଥ୍ୟ ଉଲ୍ଲେଖ କରିବା ସହ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ତେବେ ଫଳକରେ ଆବଶ୍ୟକୀୟ ତଥ୍ୟ ଉଲ୍ଲେଖ ନକରିବା ପଛର କାରଣ କ'ଣ ? କେଉଁ ବିଭାଗ ଏହି କାର୍ଯ୍ୟ କରୁଛି ଏବଂ ନିର୍ମାଣ ପାଇଁ କେତେ ଟଙ୍କା ଅନୁଦାନ ମିଳିଛି ? ଏହି ସମସ୍ତ ପ୍ରଶ୍ନର ଉତ୍ତର ଏବେ ଅପେକ୍ଷାରେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ସ୍ପଷ୍ଟ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

କୋଟିଆରେ ଆନ୍ଧ୍ର ନିର୍ବାଚନକୁ ନେଇ ରାଜନୈତିକ ମହାମେଳି

ଓଡ଼ିଶାର ଭୋଟରଙ୍କୁ ଜଗିବେ ୩ ପ୍ରମୁଖ ଦଳର ନେତା ଓ କର୍ମୀ

କୋରାପୁଟ,୩୧।୧୦ (ସଂଚାର ବ୍ୟୁରୋ): କୋଟିଆକୁ ନେଇ ପୁଣି ଜୋର୍ ଧରିଲା ରାଜନୈତିକ ଲଢ଼େଇ। ସୀମାନ୍ତ ଅଞ୍ଚଳରେ ନିଜ ନିଜ ରାଜନୈତିକ ପତିଆରା ଜାହିର କରିବାକୁ ଆନ୍ଧ୍ରର ଉଦ୍ୟମ ମଧ୍ୟରେ ଏବେ ଏକାଠି ହୋଇଛନ୍ତି ଓଡ଼ିଶାର ତିନି ପ୍ରମୁଖ ରାଜନୈତିକ ଦଳ। କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ନିର୍ବାଚନକୁ ନେଇ କୋରାପୁଟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଛି ସର୍ବଦଳୀୟ ବୈଠକ। ରାଜନୈତିକ ମତଭେଦକୁ ପଛରେ ପକାଇ କୋଟିଆର ସ୍ୱାର୍ଥ ଓ ଓଡ଼ିଶାର ସୀମାନ୍ତ ଅସ୍ମିତାର ସୁରକ୍ଷା ପାଇଁ ଏକଜୁଟ୍ ହୋଇଛନ୍ତି ନେତା ଓ କର୍ମୀ।ପୂର୍ବତନ ମନ୍ତ୍ରୀ ତଥା କୋଟିଆ ପଞ୍ଚାୟତର ବାସିନ୍ଦା ଜୟରାମ ପାଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ଆଗାମୀ ନିର୍ବାଚନକୁ ନେଇ ଏକ ବଡ଼ ରଣନୀତି ପ୍ରସ୍ତୁତ ହୋଇଛି।

ଆସନ୍ତା ନଭେମ୍ବର ୫ ତାରିଖରେ ଆନ୍ଧ୍ର ପକ୍ଷରୁ ହେବାକୁ ଥିବା ଭୋଟ୍ ଗ୍ରହଣରେ ଓଡ଼ିଶାର କୌଣସି ଭୋଟର ଯେପରି ଅଂଶଗ୍ରହଣ ନ କରନ୍ତି, ସେଥିପ୍ରତି ତୀକ୍ଷ୍ଣ ନଜର ରଖିବାକୁ ସ୍ଥିର ହୋଇଛି। ଏଥିପାଇଁ ଭୋଟ୍ ପୂର୍ବଦିନ ନଭେମ୍ବର ୪ ତାରିଖ ରାତିରୁ ହିଁ କୋଟିଆରେ ମୁତୟନ ରହିବେ ବିଭିନ୍ନ ଦଳର ନେତା ଓ ହଜାର ହଜାର କର୍ମୀ। ଏପରିକି ଦଳୀୟ କର୍ମୀମାନେ ଭିନ୍ନ ଭିନ୍ନ ଗ୍ରାମରେ ରହି ଓଡ଼ିଶାର ଭୋଟରଙ୍କୁ ସଚେତନ କରିବା ସହ ସମଗ୍ର ପରିସ୍ଥିତି ଉପରେ ନଜର ରଖିବେ। ଫାଟୁସେନେରୀ ଗ୍ରାମରେ କଂଗ୍ରେସ କର୍ମୀ, ଉପର ସେମ୍ବିରେ ବିଜେପି କର୍ମୀ ଏବଂ ନେରେଡିବାଲସାରେ ବିଜେଡି କର୍ମୀ ଦାୟିତ୍ୱରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। କେବଳ ଏତିକି ନୁହେଁ, ନିର୍ବାଚନ ଦିନ ସମସ୍ତ ଦଳର ସଭାପତି, ବିଧାୟକ ଓ ଜୟରାମ ପାଙ୍ଗି ବିଭିନ୍ନ ଗ୍ରାମକୁ ଗସ୍ତ କରିବେ। ପରସ୍ପର ମଧ୍ୟରେ ସମନ୍ୱୟ ରଖି ଲୋକଙ୍କୁ ଆନ୍ଧ୍ର ନିର୍ବାଚନରେ ଭୋଟ୍ ନ ଦେବାକୁ ସଚେତନ କରାଇବା ସହ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯିବ। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି, କୋଟିଆ ମାଟି ଓଡ଼ିଶାର ଥିଲା, ଓଡ଼ିଶାର ଅଛି ଏବଂ ଆଗକୁ ମଧ୍ୟ ଓଡ଼ିଶାରେ ରହିବ। ଆନ୍ଧ୍ର ନିର୍ବାଚନକୁ ନେଇ ଓଡ଼ିଶାର ଭୋଟରଙ୍କ ଅଂଶଗ୍ରହଣକୁ ସେ କୌଣସି ପରିସ୍ଥିତିରେ ଗ୍ରହଣ କରିବେ ନାହିଁ ବୋଲି ଦୃଢ଼ ମତ ରଖିଛନ୍ତି। ସରକାରୀ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ, ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ କର୍ମୀ ସମସ୍ତେ ଏକାଠି ହୋଇ କୋଟିଆର ସ୍ୱାର୍ଥ ରକ୍ଷା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ବୈଠକରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭବାନୀପାଟଣା,୩୧।୧୦ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ସଭାର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଏବଂ ମୁଖ୍ୟବକ୍ତା ରୂପେ ଡ ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ।

ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଡିଏସପି ଭିଜିଲାନ୍ସ ପ୍ରଦୀପ କୁମାର ଆଇନ୍ଦ ଦୁର୍ନୀତି ନିବାରଣ କଳାହାଣ୍ଡି ଶାଖା ତରଫରୁ ଗତ ୨୬ ତାରିଖ ରୁ ଚାଲିଥିବା ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ।

ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥିମାନେ ନିଜ ବକ୍ତବ୍ୟରେ ଲାଞ୍ଚ ଦେଇ ଶୀଘ୍ର କାର୍ଯ୍ୟ କରିବାର ମାନସିକତାକୁ ପରିହାର କରିବା, ନିଜ ଜୀବନରେ ସାଧୁତା ଓ ସ୍ୱଚ୍ଛତା କୁ ବଜାୟ ରଖିବା, ଯୁବସମାଜ ର ଚରିତ୍ର ଗଠନ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ,ଦୁର୍ନୀତି ବିଭାଗର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ସମସ୍ତେ ସ୍ୱଚ୍ଛତା ଓ ସାଧୁତାକୁ ଆୟୁଧ କଲେ ଦୁର୍ନୀତିମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି କହିଥିଲେ।

ଏହି ଅବସରରେ ସକାଳ ଘ୮.୩୦ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, 'ମାଇ ଭାରତ' ଯୁବକବୃନ୍ଦ, ମିଶନ୍ ଶକ୍ତି, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସପ୍ତାହ ପାଳନ ଅବସରରେ ଗତ ୨୬.୧୦.୨୦୨୬ ରେ ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ,ଜିଲ୍ଲା କାର୍ଯ୍ୟାଳୟ ମାନଙ୍କରେ କର୍ମଚାରୀମାନେ ଶପଥ ପାଠ କରିଥିଲେ ।

ରାଷ୍ଟ୍ରୀୟ ଏକତା ଦିବସ: ଉମରକୋଟରେ 'ରନ୍ ଫର୍ ୟୁନିଟ'

ନବରଙ୍ଗପୁର,ଉମରକୋଟ, ୩୧।୧୦ (ସଂଚାର ବ୍ୟୁରୋ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଅନୁଷ୍ଠିତ ହୋଇଯାଇଛି 'ରନ୍ ଫର୍ ୟୁନିଟି' ବା ଏକତା ପାଇଁ ଦୌଡ଼। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ଉମରକୋଟ ପୁଲିସ ପକ୍ଷରୁ ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସଂହତିକୁ ସୁଦୃଢ଼ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଉମରକୋଟ ସହରରେ ଏକ ବିରାଟ 'ରନ୍ ଫର୍ ୟୁନିଟି' ଶୋଭାଯାତ୍ରା ବାହାରିଥିଲା। ଏହି ଦୌଡ଼ରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଏବଂ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମକୁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଭାରପ୍ରାପ୍ତ ଅଧିକାରୀ ଯୁଗଳ ଶବର, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଏବଂ ଏସଡିପିଓ (ମହିଳା ବିରୋଧୀ ଅପରାଧ ତଦନ୍ତ ୟୁନିଟ୍) ସରୋଜ ପୂନମ କିସପଟ୍ଟା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ।

ଲୌହ ମାନବୀ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

ନୀଳଗିରି, ୩୧।୧୦ (ସଂଚାର ବ୍ୟୁରୋ): ନୀଳଗିରି କଂଗ୍ରେସ ଭବନ ପରିସରରେ ଲୌହ ମାନବୀ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ୪୩ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ କଂଗ୍ରେସ ନେତା ତଥା ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ସଭାପତିତ୍ୱ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ, ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ଉର୍ମିଳା ମାଝୀ, ସମ୍ମାନୀତ ଅତିଥି ରୂପେ ରାଜ୍ୟ କଂଗ୍ରେସ ମହିଳା ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ବୟୋଜ୍ୟେଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଔପଦା ବ୍ଲକ ସଭାପତି ରାମଚନ୍ଦ୍ର ବେହେରା, ନଗର ସଭାପତି ଉପେନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ସନାତନ ଜେନା,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସମ୍ପାଦକ ରାହାସ ବିହାରୀ ମହାପାତ୍ର, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର, ଇନ୍ଦିରାଗାନ୍ଧୀ ସ୍ମୃତି କମିଟି ର ଉପସଭାପତି ଉମେଶ ଧଳ, ଜିଲ୍ଲା କମିଟି ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ପ୍ରମୁଖ ମଂଚାସୀନ ହୋଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗପୁତଃ ଜୀବନ ଓ କାର୍ଯ୍ୟ ଦକ୍ଷତା ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ ।

ଉକ୍ତ ସଭାକୁ ଇନ୍ଦିରା ଗାନ୍ଧୀ ସ୍ମୃତି କମିଟିର ଅଧ୍ୟକ୍ଷ ଯଶୋଦା ନନ୍ଦନ ସିଂହ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ । ପ୍ରାରମ୍ଭ ରେ ବରିଷ୍ଠ ନେତା ରାମଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱୋଳନ କରିବା ପରେ ସମସ୍ତ ଅତିଥି ଓ ନେତା, କର୍ମୀମାନେ ଇନ୍ଦିରା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ | ଏହା ପରେ ସର୍ବ ଧର୍ମ ପ୍ରାର୍ଥନା ସ୍ୱରୂପ ରଘୁପତି ରାଘବ ରାଜା ରାମ ଗାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମାଛୁଆ ଗ୍ରାମ ପଂଚାୟତ ସଭାପତି କୃଷ୍ଣ ଚନ୍ଦ୍ର ନାୟକ, କିଷାନ କଂଗ୍ରେସ ସଭାପତି ଚକ୍ରଧର ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ହୋଇ ଉକ୍ତ ଦିବସକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୋଳିଆସାହିରେ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ

ପାରାଦ୍ୱୀପ,୩୧।୧୦ (ସଂଚାର ବ୍ୟୁରୋ): ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ସ୍ଥାନୀୟ ଜନସାଧାରଣଙ୍କ ଜୀବନଯାପନରେ ଉନ୍ନତି ଆଣିବା ଲକ୍ଷ୍ୟରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଆଉ ଏକ ଜନହିତକର ପଦକ୍ଷେପ ଗ୍ରହଣ କରାଯାଇଛି। ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୋଳିଆସାହି ଗ୍ରାମରେ ୨୯୦ ମିଟର ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଛି।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ କମ୍ପାନୀ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ଭିତ୍ତିଭୂମିର ବିକାଶ ଏବଂ ସାମାଜିକ-ଆର୍ଥିକ ଉନ୍ନତି ଦିଗରେ ଏହି ପଦକ୍ଷେପ ନିଆଯାଇଛି।

ନିର୍ମାଣ ହେବାକୁ ଥିବା ରାସ୍ତାଟି ଗଙ୍ଗାମାତା ମନ୍ଦିରଠାରୁ ଗ୍ରାମର ଶ୍ମଶାନ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଦୀର୍ଘଦିନ ଧରି ଶ୍ମଶାନକୁ ଯିବା ରାସ୍ତାରେ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷକରି ବର୍ଷା ଋତୁରେ ଜଳବନ୍ଦୀ, କାଦୁଅ ଓ ଅସମତଳ ପଥ ଯୋଗୁଁ ଯାତାୟାତ କଷ୍ଟକର ହୋଇପଡୁଥିଲା। ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ ହେଲେ ସବୁ ଋତୁରେ ଯାତାୟାତ ସୁବିଧାଜନକ ହେବା ସହ ଅନ୍ତିମ ସଂସ୍କାର ସମୟରେ ଗ୍ରାମବାସୀଙ୍କୁ ଅଧିକ ସୁବିଧା ମିଳିପାରିବ।

ଶିଳାନ୍ୟାସ ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପର ଉପସଭାପତି ଶ୍ରୀ ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ଶ୍ରୀ ମିତ୍ରଭାନୁ ଚୌଧୁରୀ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସ୍ଆର୍ ମୁଖ୍ୟ ଶ୍ରୀ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ।

ଏଥିସହ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମାଜସେବୀ ଓ ସ୍ଥାନୀୟ ପ୍ରତିନିଧି ଶ୍ରୀ ଯଦୁନାଥ ଖଟୁଆ, ଶ୍ରୀ ସମ୍ପଦ ବାରିକ, ଶ୍ରୀ କିଶୋରଲାଲ ବେହେରା ଓ ଶ୍ରୀ ଦିବ୍ୟପ୍ରକାଶ ବେହେରାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଯୋଗଦେଇଥିଲେ।

ଏହି ପଦକ୍ଷେପ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ସମାଜ କଲ୍ୟାଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ସମାବେଶୀ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଭଳି ଜନହିତକର କାର୍ଯ୍ୟ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ ସହ ଆଖପାଖ ଗ୍ରାମଗୁଡ଼ିକର ସ୍ଥାୟୀ ବିକାଶକୁ ଆଗେଇ ନେବା ଲକ୍ଷ୍ୟ ରଖାଯାଇଛି।

ଜାତୀୟ ଏକତା ଦିବସ ପାଳିଲା ଯୋଡ଼ା ମର୍ଣ୍ଣିଂ ଫିଟନେସ ଟିମ୍

ନିଶାମୁକ୍ତ ସମାଜ ଓ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱ

ଯୋଡ଼ା, ୩୧।୧୦ (ସଂଚାର ବ୍ୟୁରୋ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ଦେଶବ୍ୟାପୀ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଯୋଡ଼ା ମୋର୍ନିଂଙ୍ଗ ଫିଟନେସ ଟିମ୍ ପକ୍ଷରୁ ଟାଟା ଷ୍ଟିଲ୍‌ର କେନ୍ଦ୍ରୀୟ ଖେଳପଡ଼ିଆଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଯୋଡ଼ା ଅଞ୍ଚଳର ବହୁ କ୍ରୀଡ଼ାବିତ୍‌ଙ୍କ ସମେତ ପ୍ରତିଦିନ ସକାଳେ ବ୍ୟାୟାମ ଓ ଶାରୀରିକ କସରତ ପାଇଁ ଖେଳପଡ଼ିଆକୁ ଆସୁଥିବା ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ, ଦେଶର ଏକତା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ସମାଜର ସମସ୍ତ ବର୍ଗର ଲୋକଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ଓ ଉତ୍ସାହ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

କଥା ନୁହେଁ, କାମରେ ମହିଳା ସଶକ୍ତିକରଣ ପାଇଁ ପ୍ରୟାସ

'ସାଂସଦ ନିଯୁକ୍ତି ପ୍ରୟାସ' ମାଧ୍ୟମରେ ୨୫୬ ମହିଳାଙ୍କୁ ନିଯୁକ୍ତିପତ୍ର

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ପାଇଁ ସ୍ଥାୟୀ ରୋଜଗାରର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପକ୍ଷରୁ ଆରମ୍ଭ ହୋଇଛି ଏକ ଅଭିନବ ପ୍ରୟାସ 'ସାଂସଦ ନିଯୁକ୍ତି ପ୍ରୟାସ'। ଏହି ଅଭିଯାନ ଅଧୀନରେ ବୟନ ଶିଳ୍ପ କ୍ଷେତ୍ରରେ ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ପାଇଁ ଆଜି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତାର କୁଶୁଗାଡ଼ିଆ ମଠ ଠାରେ ଏକ ସ୍ୱତନ୍ତ୍ର ମହିଳା ନିଯୁକ୍ତି ଅଭିଯାନର ଶୁଭାରମ୍ଭ ହୋଇଛି। ୨୦୧୯ରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରୁ ସାଂସଦ ଭାବେ ନିର୍ବାଚିତ ହେବା ପରଠାରୁ ଶ୍ରୀମତୀ ଷଡ଼ଙ୍ଗୀ ନିଜ ସଂସଦୀୟ କ୍ଷେତ୍ରର ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଓ ଆର୍ଥିକ ଭାବେ ସଶକ୍ତ କରିବା ଦିଗରେ ନିରନ୍ତର ଉଦ୍ୟମ

କରିଆସୁଛନ୍ତି। ମହିଳାମାନେ ନିଜେ ରୋଜଗାର କରିବା ସହ ପରିବାରର ଆର୍ଥିକ ଦାୟିତ୍ୱ ତୁଲାଇବାରେ ସକ୍ଷମ ହୁଅନ୍ତୁ, ଏହା ହିଁ ଏହି ପ୍ରୟାସର ମୂଳ ଲକ୍ଷ୍ୟ।

ଏହି ନିଯୁକ୍ତି ଅଭିଯାନରେ ୧୮ରୁ ୩୫ ବର୍ଷ ବୟସର ପ୍ରାୟ ୩୦୦ ଜଣ ମହିଳା ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫୬ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଟେକ୍ସଟାଇଲ୍ ଶିଳ୍ପ ସଂସ୍ଥା ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ନିଯୁକ୍ତିପ୍ରାପ୍ତ ମହିଳାମାନେ ମାସିକ ୧୧ ହଜାରରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପାଇବା ସହ ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ)ଓ ଇଏସଆଇ ସୁବିଧା ମଧ୍ୟ ପାଇବେ। ଏହାଦ୍ୱାରା ମହିଳାମାନେ ନିଜ ଆୟରୁ ସଞ୍ଚୟ କରି ଭବିଷ୍ୟତକୁ ଆର୍ଥିକ ଭାବେ ସୁରକ୍ଷିତ କରିପାରିବେ। ଏହି ଅଭିଯାନରେ ଯୋଗଦେଇଥିବା ମହିଳାମାନଙ୍କ ମଧ୍ୟରେ ନିଯୁକ୍ତିପତ୍ର ପାଇବା ପରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଥିଲା। ବାଲିଅନ୍ତା, ବାଲିପାଟଣା ଓ ଜୟଦେବ ନିର୍ବାଚନମଣ୍ଡଳୀର ବହୁ ମହିଳା ଏହି ଅଭିଯାନରେ ସାମିଲ ହୋଇ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୮ଟି ବ୍ଲକରେ ପ୍ରତି ମାସରେ ଦୁଇଥର ଏଭଳି ନିଯୁକ୍ତି ଅଭିଯାନ ଆୟୋଜନ କରିବାକୁ ଯୋଜନା ରହିଛି। ଏହି ପ୍ରୟାସ ମାଧ୍ୟମରେ ଆଗାମୀ ଦିନରେ ପ୍ରାୟ ୫୦ ହଜାରରୁ ୧ ଲକ୍ଷ ମହିଳାଙ୍କୁ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ତାଙ୍କର ଲକ୍ଷ୍ୟ। ସେ ଆହୁରି କହିଛନ୍ତି ଯେ, ମହିଳାମାନେ ନିଜେ ରୋଜଗାରକ୍ଷମ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। କୌଣସି ପରିବାର ଯେପରି ଆର୍ଥିକ ଅସୁବିଧାର ସମ୍ମୁଖୀନ ନହୁଏ, ସେଥିପାଇଁ ମହିଳାମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇଦେବା ମୋର ଦାୟିତ୍ୱ ଓ କର୍ତ୍ତବ୍ୟ।

୨୦୨୭ରେ ସରକାରୀ କର୍ମଚାରୀଙ୍କୁ ମିଳିବ ୨୯ ଛୁଟି

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଆଗାମୀ ୨୦୨୭ ମସିହା ପାଇଁ ସରକାରୀ କର୍ମଚାରୀଙ୍କ ଲାଗି ଛୁଟି ଘୋଷଣା କରାଯାଇଛି। ଆସନ୍ତାବର୍ଷ ମୋଟ୍ ୨୯ଟି ଛୁଟି ମିଳିବ। ୬ଟି ଛୁଟି ଦ୍ୱିତୀୟ ଓ ଚତୁର୍ଥ ଶନିବାର କିମ୍ବା ରବିବାର ପଡୁଥିବାରୁ ସେଗୁଡ଼ିକ ଘୋଷଣା କରାଯାଇନାହିଁ। ଏହାଛଡ଼ା ୪ଟି ଅପ୍ସନାଲ୍ ଛୁଟି ତାଲିକା ଜାରି ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ମାସରେ ଦୁଇଟି ଅର୍ଥାତ୍ ୧୪ରେ ମକର ସଂକ୍ରାନ୍ତି ଓ ୨୬ରେ ସାଧାରଣତନ୍ତ୍ର ଦିବସ। ସେହିପରି ଫେବ୍ରୁଆରୀ ୧୧ ତାରିଖରେ ବସନ୍ତ ପଞ୍ଚମୀ ପାଇଁ ଛୁଟି ଘୋଷଣା କରାଯାଇଛି। ଏହାଛଡ଼ା ମାର୍ଚ୍ଚରେ ୫ଟି ଛୁଟି ରହିଛି। ମାର୍ଚ୍ଚ ୬ରେ ମହାଶିବରାତ୍ରୀ, ୧୦ରେ ଇଦ୍-ଉଲ୍-ଫିତର, ୨୨ରେ ଦୋଳ ପୂର୍ଣ୍ଣିମା, ୨୩ରେ ହୋଲି ଓ ୨୬ରେ ଗୁଡ୍ ଫ୍ରାଇଡେ ପାଇଁ ଛୁଟି ଘୋଷଣା ହୋଇଛି। ଆହୁରି ଏପ୍ରିଲରେ ୩ଟି ଛୁଟି- ୧ରେ ଉତ୍କଳ ଦିବସ, ୧୪ରେ ଆମ୍ବେଦକର ଜୟନ୍ତୀ/ମହାବିଷୁବ ସଂକ୍ରାନ୍ତି ଓ ୧୫ରେ ଶ୍ରୀରାମ ନବମୀ। ସେହିପରି ମେ' ୧୭ରେ ଇଦ୍-ଉଲ୍ -ଜୁହା ଓ ୨୦ରେ ବୁଦ୍ଧ ଜୟନ୍ତୀ/ ବୈଶାଖ ପୂର୍ଣ୍ଣିମା/ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ। ଏଥିସହ ଜୁନ୍‌ରେ ୪ଟି ଛୁଟି ମିଳିବ- ୪ରେ ସାବିତ୍ରୀ ଅମାବାସ୍ୟା, ୧୪ରେ ପହିଲି ରଜ, ୧୫ରେ ରଜ ସଂକ୍ରାନ୍ତି ଓ ୧୬ରେ ମହରମ୍। ସେହିପରି ଜୁଲାଇ ୫ ତାରିଖରେ ରଥଯାତ୍ରା ପାଇଁ ଛୁଟି ରହିଛି। ଅଗଷ୍ଟ ୧୭ରେ ଝୁଲଣ ପୂର୍ଣ୍ଣିମା ଓ ୨୪ରେ ଜନ୍ମାଷ୍ଟମୀ ପାଇଁ ଛୁଟି ଘୋଷଣା ହୋଇଛି।

ତା'ଛଡ଼ା ସେପ୍ଟେମ୍ବରରେ ତିନିଟି ଛୁଟି- ୪ରେ ଗଣେଶ ପୂଜା, ୬ରେ ନୂଆଖାଇ (ପରଦିନ) ୩୦ରେ ମହାଳୟା। ତେବେ ଅକ୍ଟୋବର ମାସରେ ସର୍ବାଧିକ ୬ ଦିନ ଛୁଟି



ରହିଛି। ଅକ୍ଟୋବର ୨ରେ ଗାନ୍ଧି ଜୟନ୍ତୀ ଥିବା ବେଳେ ୬ରେ ମହାସପ୍ତମୀ, ୭ରେ ମହାଷ୍ଟମୀ, ୮ରେ ମହାନବମୀ, ୧୫ରେ କୁମାର ପୂର୍ଣ୍ଣିମା ଓ ୨୯ରେ ଦୀପାବଳି। ନଭେମ୍ବର ଓ ଓ ଡିସେମ୍ବରରେ ଆଦୌ ଛୁଟି ନାହିଁ। ଜାନୁଆରୀ ୨୩ରେ ସୁଭାଷ ବୋଷ /ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଚତୁର୍ଥ ଶନିବାର, ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ରବିବାର, ସେପ୍ଟେମ୍ବର ୯ରେ ନୂଆଖାଇ ରବିବାର, ଅକ୍ଟୋବର ୧୦ରେ ବିଜୟା ଦଶମୀ ରବିବାର, ନଭେମ୍ବର ୧୪ରେ ରାହାସ ରବିବାର ଓ ଡିସେମ୍ବର ୨୫ରେ ବଡ଼ଦିନ ଚତୁର୍ଥ ଶନିବାର ପଡୁଥିବାରୁ ଏହି ଦିନଗୁଡ଼ିକୁ ସ୍ୱତନ୍ତ୍ର ଛୁଟି ଘୋଷଣା କରାଯାଇନାହିଁ। ଆହୁରି ୪ଟି ଇଚ୍ଛାଧୀନ ଛୁଟିଗୁଡ଼ିକ ହେଲା ଜାନୁଆରୀ ୧୫ରେ ଗୁରୁ ଗୋବିନ୍ଦ ସିଂହ ଜୟନ୍ତୀ, ଜୁଲାଇ ୧୩ରେ ବାହୁଡ଼ା ଯାତ୍ରା, ଅଗଷ୍ଟ ୨୦ରେ ବ୍ରାହ୍ମ ସମାଜର ପ୍ରତିଷ୍ଠା ଦିବସ ଓ ଡିସେମ୍ବର ୨୪ରେ ବଡ଼ଦିନ ପୂର୍ବ ଦିବସ। ଏହା ମଧ୍ୟରୁ ଯେକୌଣସି ଗୋଟିଏ ଛୁଟି କର୍ମଚାରୀମାନେ ନେଇପାରିବେ। ଇଚ୍ଛାଧୀନ ଛୁଟି ଭାବେ ଘୋଷଣା ହେଉଥିବ ଆଉ ୫ଟି ଉତ୍ସବ ଚତୁର୍ଥ ଶନିବାର ଓ ରବିବାର ପଡୁଥିବାରୁ ତାହାକୁ ତାଲିକାଭୁକ୍ତ କରାଯାଇନାହିଁ।

ଜଳିଗଲା ଟ୍ରକ୍: ପେଟି ପେଟି କଫ୍ ସିରପ୍ ପୋଡ଼ି ପାଉଁଶ

ବୌଦ୍ଧ,୩୧।୧୦(ସଂଚାର ବ୍ୟୁରୋ): ଜଳିଗଲା ଚଳନ୍ତା ଟ୍ରକ୍। ପେଟି ପେଟି କଫ୍ ସିରପ୍ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ। ବୌଦ୍ଧ ଜିଲ୍ଲା ୫୭ ନମ୍ବର ଜାତୀୟ ରାଜପଥ ଗୁଡ଼ୁଗୁଡ଼ା ସାନ ନାଳିଆ ନିକଟରେ ଘଟିଛି ଏହି ଦୁର୍ଘଟଣା। ଭୁବନେଶ୍ୱରରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ କଫ୍ ସିରପ ବୋଝେଇ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଟ୍ରକରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ଟ୍ରକ୍ ଡ୍ରାଇଭର୍ ଫେରାର ହୋଇଯାଇଥିବା ଜଣାପଡ଼ିଛି। ମନମୁଣ୍ଡା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ଭୂସ୍ଖଳନ ଓ ବନ୍ୟାରେ ୪ ମୃତ, ୧୨ ନିଖୋଜ

● ଏସଆରସି ଦେଲେ ସୂଚନା

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ଭୂସ୍ଖଳନ ଓ ବନ୍ୟାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ନିଖୋଜ ହୋଇଯାଇଛନ୍ତି। କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକରେ ୩ ଜଣ ଓ ଗଜପତି ଜିଲ୍ଲାରୁ ଜଣଙ୍କ ଜୀବନ ଯାଇଛି। ସେହିପରି ଭଞ୍ଜନଗରରେ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗାଁରେ ଭୂସ୍ଖଳନ ଯୋଗୁଁ ୧୨ ଜଣ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଖୋଜିବାକୁ ଅଗ୍ନିଶମ, ଏସଓଜି, ଏନଡିଆରଏଫର ୧୬୦ରୁ ୧୭୦ ଜଣ ନିୟୋଜିତ ହୋଇଛନ୍ତି। ଗତକାଲି ରାତିଠାରୁ ସର୍ଚ୍ଚ ଅପରେସନ ଚାଲିଛି। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଭାକର ପାଟିଲ ଏହି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରେ ୩୬୭ ରିଲିଫ କ୍ୟାମ୍ପରେ ୩୯ ହଜାର ୬୧୯ ଲୋକ ଅଛନ୍ତି। ଜିଲ୍ଲାରେ ମୋଟ ୧ ଲକ୍ଷ ୫ ହଜାର ୬୨୨ ଜଣ ପ୍ରଭାବିତ ହୋଇଛନ୍ତି। ସେହିପରି ଗଜପତିରେ ୨୧ ହଜାର ୭୮୨ ଲୋକ ପ୍ରଭାବିତ ହୋଇଛନ୍ତି। ୩୪୦ ରିଲିଫ କ୍ୟାମ୍ପରେ ସୁବିଧା ଦିଆଯାଉଛି। ଆଜି ଆସିକାରେ ବିଦ୍ୟୁତ ସଂଯୋଗ ହୋଇଯିବ। ଜିଲ୍ଲାରେ ୮୦ରୁ ୮୫ ପ୍ରତିଶତ ବିଦ୍ୟୁତ୍ ଭିତ୍ତିଭୂମି ପୁନରୁଦ୍ଧାର ହୋଇଛି। ଛତ୍ରପୁର ସହ ଭୀମପୁର ଗାଁରେ ଖାଦ୍ୟ ଏୟାରଡ୍ରପ କରାଯିବ ବୋଲି ଏସଆରସି କହିଛନ୍ତି।

ଅସାବଧାନତାରୁ ଚାଲିଗଲା ଜୀବନ, ଚୁଆରେ ପଡ଼ି ଛାତ୍ର ମୃତ

ରାଇକିଆ,୩୧।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଅଲିମା ଗ୍ରାମରେ ଚୁଆରେ ପଡ଼ି ଜଣେ କଲେଜ ଛାତ୍ରଙ୍କର ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ଦାରିଙ୍ଗବାଡ଼ି ଅଞ୍ଚଳର ମିଲିୟନ ପ୍ରଧାନ ରାଇକିଆ ଅଲିମାଆ ଗ୍ରାମରେ ଭଡ଼ା ଘରେ ରହି କଲେଜରେ ପାଠ ପଢୁଥିଲେ। ତେବେ ଆଜି ସକାଳେ ସେ ଚୁଆକୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବା ଫଳରେ ସେ ଚୁଆ ଭିତରେ ପଡ଼ି ମୃତ୍ୟୁବରଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇକିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି।

ମଦ ପାଇଁ ଟଙ୍କା ନ ଦେବାରୁ ଆତ୍ମହତ୍ୟା ଉଦ୍ୟମ

ନବରଙ୍ଗପୁର, ୩୧।୧୦ (ସଂଚାର ବ୍ୟୁରୋ): ବ୍ୟକ୍ତିଙ୍କ ଅଜବ କାଣ୍ଡ। ମଦ ପାଇଁ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ। ଉଦ୍ଧାର କଲା ଅଗ୍ନିଶମ ବିଭାଗ। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଗାଦବା ଖୁଡ଼ି ଗାଁରେ। ସୂଚନାନୁସାରେ, ଖୁଡ଼ି ଗାଁର ରାମ ମୁଦୁଲି ନିଜ ପୁଅକୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ହେଲେ ପୁଅ ଟଙ୍କା ଦେବାକୁ ମନା କରିବାରୁ ସେ ନିଶାସକ୍ତ ଅବସ୍ଥାରେ ଏକ ସଲପ ଗଛ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଗଛର ଏକ ଡାଳ ଭାଙ୍ଗିଯିବାରୁ ସେ ଗଛରେ ଓହଳି ରହିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ନବରଙ୍ଗପୁର ପାପଡ଼ାହାଣ୍ଡି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅତି ସତର୍କତାର ସହ ରାମଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ସେ ସୁରକ୍ଷିତ ଥିବା ଜଣାପଡ଼ିଛି।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

ହାଇକୋର୍ଟରୁ ବିଦ୍ୟାଭାରତୀଙ୍କୁ ଝଟ୍କା, ଘନେଇଲା ଗିରଫଦାରୀ ଆଶଙ୍କା

କଟକ,୩୧।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପାରାଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଅଭିଯୁକ୍ତ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କୁ ହାଇକୋର୍ଟରୁ ଆଜି ବଡ଼ ଝଟ୍କା ଲାଗିଛି। ତାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ବିଦ୍ୟାଭାରତୀଙ୍କ ଆଇନଗତ ଅସୁବିଧା ବଢ଼ିଛି। ଆଜି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଆବେଦନର ଶୁଣାଣି କରିଥିଲେ। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି।

ସୂଚନାଯୋଗ୍ୟ, ହାଇକୋର୍ଟ ଗତ ସେପ୍ଟେମ୍ବର ୩ ତାରିଖ ଆଦେଶରେ ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଦେବା ସହ ଅକ୍ଟୋବର ୧ ତାରିଖ ସୁଦ୍ଧା ପାରାଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ତାଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିବା ପାଇଁ ଅନୁମତି ଦେଇ ମାମଲାର ଅନ୍ତ ଘଟାଇଥିଲେ। ଫଳରେ ସୁପ୍ରିମ୍‌କୋର୍ଟରୁ ମଧ୍ୟ ବିଦ୍ୟାଭାରତୀଙ୍କୁ କୌଣସି ପ୍ରକାର ସୁରକ୍ଷା ମିଳି ନ ଥିଲା। ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ବିଦ୍ୟାଭାରତୀ

ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅବକାଶକାଳୀନ ଅଦାଲତରେ ପ୍ରଥମେ ଏହି ମାମଲା ଶୁଣାଣି ପାଇଁ ଉଠିଥିଲା। ଅବକାଶକାଳୀନ ଅଦାଲତ ମାମଲାର ଶୁଣାଣି କରି କେସ୍ ଡାଏରୀ (ସିଡି) ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଏହି ମାମଲାର ଶୁଣାଣି ସମୟରେ ସିଡି ଦାଖଲ କରାଯିବା ସହ ଉଭୟ ପକ୍ଷ ଯୁକ୍ତି ବାଢ଼ିଥିଲେ। ସମସ୍ତ ପକ୍ଷଙ୍କ ଶୁଣିବା ପରେ ଅଦାଲତ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ଆଜି ଏହା ମାମଲାର ରାୟ ପ୍ରକାଶ ପାଇଛି। ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି।

ଏହି ମାମଲାରେ ପ୍ରଥମେ ହତ୍ୟା ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗରେ ଏତଲା ହୋଇଥିଲା। ପୁଲିସ ତଦନ୍ତ ପରେ ବିଦ୍ୟାଭାରତୀଙ୍କ ବିରୋଧରେ ଆଇପିସିର ଧାରା ୩୦୪-ଏ ଅନୁସାରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହାକୁ ବିରୋଧ କରି ମୃତ ସୌମ୍ୟରଞ୍ଜନଙ୍କ ପରିବାର ପକ୍ଷରୁ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରାଯାଇଥିଲା। ପରେ ସାନି ତଦନ୍ତ ଆଧାରରେ ବିଦ୍ୟାଭାରତୀ ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ସଙ୍ଗୀନ ଦଫାରେ ମାମଲା ଚାଲିବାକୁ ନିର୍ଦ୍ଦେଶ ହୋଇଥିଲା। ଗତ ୨୦୨୫ ଜୁଲାଇ ୩ରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଥିଲେ। ଏହି ମାମଲାରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ଓ ସୌମ୍ୟରଞ୍ଜନଙ୍କ ଘୋଷେଇଆ ପୂର୍ବରୁ ଗିରଫ ହୋଇସାରିଛନ୍ତି। ଏବେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହେବା ପରେ ମାମଲାର ପରବର୍ତ୍ତୀ ଗତିବିଧି ଉପରେ ସମସ୍ତଙ୍କ ନଜର ରହିଛି।

ପିଜା ତିଆରି ବେଳେ କାଫେରେ ଅଗ୍ନିକାଣ୍ଡ

ବଲାଙ୍ଗୀର,୩୧।୧୦(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଲା ସହର ଭିତରେ ଥିବା କାଫେରେ ଲାଗିଲା ନିଆଁ। ଜୁହୁଜୁହୁ ହୋଇ ଜଳିଗଲା କାଫେ। ବଲାଙ୍ଗୀର ଜିଲ୍ଲା ସଇଁତଲା ନିକଟରେ ଅଘଟଣ ଘଟିଛି। ବଲାଙ୍ଗୀର ସହରର ଜୟରାମ ବସ୍ତ୍ରାଳୟଙ୍କ କାଫେ ଓ ବେକରି ଦୋକାନରେ ପିଜା ତିଆରି କରୁଥିବା ସମୟରେ ହଠାତ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ମାତ୍ରେ ଏହା ପ୍ରବଳ ହେବା ସହ ଦୋକାନକୁ ଘୋଟିଯାଇଥିଲା। ଦୋକାନ ଏତେ ଜୋରରେ ଲାଗିଥିଲା ଯେ ଏହା ସମ୍ପୂର୍ଣ୍ଣ ଦୋକାନକୁ ଧ୍ୱଂସ କରିଦେଇଛି। କର୍ମଚାରୀମାନେ ଜୀବନ ବଞ୍ଚାଇବା ପାଇଁ ଦୋକାନ ଛାଡ଼ି ଚାଲିଯାଇଥିଲେ। ପରେ ସଇଁତଲା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିଥିବା ନେଇ ସନ୍ଦେହ ଥିବା ବେଳେ ତଦନ୍ତ କରୁଛି ସଇଁନ୍ତଲା ପୁଲିସ। ତେବେ ଦୋକାନରେ ୧୦ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ସାମଗ୍ରୀ ଜଳିଯାଇଛି।

ସ୍ୱାମୀ ସାଜିଲା ରାକ୍ଷସ

ଖାଇବାକୁ ନ ଦେବାରୁ ସ୍ତ୍ରୀକୁ ପିଟିପିଟି ମାରିଦେଲା

ବାଂଶପାଳ,୩୧।୧୦(ସଂଚାର ବ୍ୟୁରୋ): ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ। ସ୍ତ୍ରୀ ଖାଇବାକୁ ନ ଦେବାରୁ ତାକୁ ପିଟି ପିଟି ମାରିଦେଇଛି ଜହ୍ଲାଦ ସ୍ୱାମୀ। ଗତ ମଙ୍ଗଳବାର ସନ୍ଧ୍ୟାରେ ଘଟିଛି ଏହି ହତ୍ୟାକାଣ୍ଡ। ହତ୍ୟା କରିସାରିବା ପରେ ଗାଁ ନିକଟସ୍ଥ ଜଙ୍ଗଲରେ ମୃତଦେହକୁ ଫିଙ୍ଗି ଦେଇଥିଲା ସ୍ୱାମୀ। ଆଜି ମୃତଦେହକୁ ଉଦ୍ଧାର କରିଛି ନୟାକୋଟ ପୁଲିସ୍। ଏଭଳି ଏକ ଅଭାବନୀୟ କାଣ୍ଡ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍‌ର ନୟାକୋଟ ଥାନା କୁଶକଳା କାଳିଆଡ଼ିହି ସାହିରେ। ମୃତକ ମହିଳା ଜଣଙ୍କ ମେଞ୍ଜିତି ମୁଣ୍ଡା ହୋଇଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାଙ୍କୁ ପୁଲିସ୍ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ପହଞ୍ଚି ନୟାକୋଟ ପୁଲିସ୍ ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, କାଳିଆଡ଼ିହି ସାହିର ଗଲୁ ମୁଣ୍ଡା ଗତ ମଙ୍ଗଳବାର ବେଳା କାମକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସେ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ। ସ୍ତ୍ରୀ ମେଞ୍ଜିତି

ମୁଣ୍ଡା ମଧ୍ୟ ନିଶାରେ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗଲୁ ମେଞ୍ଜିତ୍‌ଙ୍କୁ ପିଟି ପିଟି ମାରିଦେଇଥିଲେ। ହତ୍ୟା କରିସାରିବା ପରେ ସେ ମେଞ୍ଜିତ୍‌ଙ୍କୁ ମୃତଦେହକୁ ଗାଁ ନିକଟସ୍ଥ ଏକ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ତେବେ ୪ ଦିନ ପରେ ଆଜି ତାଙ୍କ ପୁଅ ଘଟଣା ବିଷୟରେ ନୟାକୋଟ ପୁଲିସକୁ ଜଣାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସ୍ୱାମୀ ଗଲୁଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

ଯୋଗାଣ ବିଭାଗର ଚଢ଼ାଉ, ୨୨୯ ଘରୋଇ ସିଲିଣ୍ଡର ଜବତ

ଭୁବନେଶ୍ୱର, ୩୧।୧୦ (ସଂଚାର ବ୍ୟୁରୋ): ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ କଳିଙ୍ଗ ନଗର ଅନ୍ତର୍ଗତ ବସନ୍ତ ସାହୁ ଛକଠାରେ ଏକ ପରିତ୍ୟକ୍ତ ଆଜ୍‌ବେଷ୍ଟସ୍ ଘରେ ଆଜି ଅଚାନକ ଚଢ଼ାଉ କରି ସେଠାରୁ ବେଆଇନ୍ ଭାବେ ଗଚ୍ଛିତ ବିଭିନ୍ନ ତୈଳ କମ୍ପାନୀ (ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍)ର ୨୨୯ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ସେଥିରୁ ୯୦ ଗୋଟି ଇଣ୍ଡେନ୍, ୩୮ଟି ଭାରତ ଗ୍ୟାସ୍ ଏବଂ ୧୦୧ଟି ହିନ୍ଦୁସ୍ଥାନ କମ୍ପାନୀର ସିଲିଣ୍ଡର ଥିବା ଜଣାଯାଇଛି। ଏଥିସହ ଉକ୍ତ ଘରୁ ଦୁଇଗୋଟି ଗ୍ୟାସ୍ ଭର୍ତ୍ତି ନିମନ୍ତେ ବ୍ୟବହୃତ ମୋଟର, ପ୍ରେସର ପାଇପ୍, ସିଲିଣ୍ଡର କ୍ୟାପ୍ ଏବଂ ବିଭିନ୍ନ ତୈଳ କମ୍ପାନୀର ପ୍ଲାଷ୍ଟିକ୍ ସିଲ୍ ମଧ୍ୟ

ଜବତ ହୋଇଛି।

ସୂଚନାଯୋଗ୍ୟ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଖାଉଟି ଗ୍ୟାସ୍ ସିଲିଣ୍ଡର ପାଇବାରେ ଅସୁବିଧା ହେଉଥିବାର ଅଭିଯୋଗ ହେଉଥିଲା। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଏହି ଚଢ଼ାଉ କରାଯାଇଛି। ଜବତ ହୋଇଥିବା ସିଲିଣ୍ଡର ନିକଟସ୍ଥ ଆଇଓସିଏଲ୍ ଡିଷ୍ଟ୍ରିବ୍ୟୁଟର ସୌମ୍ୟ ଇନ୍‌ଡେନ୍, ବିପିସିଏଲ୍ ଡିଷ୍ଟ୍ରିବ୍ୟୁଟର ପ୍ରମୋଦ ଭାରତ ଗ୍ୟାସ୍ ଓ ଏଚ୍‌ପିସିଏଲ୍ ଡିଷ୍ଟ୍ରିବ୍ୟୁଟର ଲିଙ୍ଗରାଜ ଗ୍ୟାସ୍ ଏଜେନ୍ସିଙ୍କର ଜିମା ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହା କୌଣସି ଏକ ଅସାଧୁ ବେପାରୀ ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ଓ ଖାଉଟିଙ୍କ ନିକଟରୁ ସିଲିଣ୍ଡର ସଂଗ୍ରହ କରି ବଜାରରେ ଚଢ଼ାଦରରେ ବିକ୍ରି କରିବା ପାଇଁ ମସୁଧା କରାଯାଉଛି। ଏଥିରେ ବିଭିନ୍ନ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟରଙ୍କର ସଂପୃକ୍ତି ଥିବାର ତଦନ୍ତ କରାଯାଉଥିବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର କହିଛନ୍ତି। ଏହି ଚଢ଼ାଉ ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କର ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା।

ବିବାଦରେ ବାଲିଅନ୍ତା ଥାନା ପୁଲିସ

ଜିଆରପି କନଷ୍ଟେବଲ ସୌମ୍ୟଙ୍କଠାରୁ ସ୍ମୃତି ଓ ପ୍ରତାପ ପର୍ଯ୍ୟନ୍ତ

ଭୁବନେଶ୍ୱର,୩୧।୧୦(ସଂଚାର ବ୍ୟୁରୋ): ବିବାଦରେ ବାଲିଅନ୍ତା ଥାନା ପୁଲିସ। ଜିଆରପି କନଷ୍ଟବଲ ସୌମ୍ୟ ରଂଜନ ଠାରୁ ସ୍ମୃତି ମାର୍ଥା ହତ୍ୟାକାଣ୍ଡ ଆଉ ଏବେ ପ୍ରତାପ ସାହୁ ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ସବୁ ଥରେ ପୁଲିସର ଭୂମିକା ବିବାଦୀୟ। ପ୍ରତାପଙ୍କୁ ତାଙ୍କ ପଡୋଶୀ ରକ୍ତାକ୍ତ ଆକ୍ରମଣ କଲେ, ଗୁରୁତର ହୋଇ ସେ ପ୍ରଥମେ ବାଲକାଟୀ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ହେଲେ। ତାଙ୍କୁ ଯିଏ ଆକ୍ରମଣ କରିଛନ୍ତି ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି ପ୍ରତାପ। କିନ୍ତୁ ପୁଲିସ ଏକ ମାମଲା ରୁଜୁ କରି ବସି ପଡ଼ିଛି। ଯାହା ବିରୋଧରେ ପ୍ରତାପ ଅଭିଯୋଗ କରିଛନ୍ତି, ସେ ବାଲେଶ୍ୱର କୋର୍ଟର ଜଣେ ଷ୍ଟେନୋ ହୋଇଥିବାରୁ ପୁଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପ୍ରତାପ କହିଛନ୍ତି। ପ୍ରତାପ ଏନେଇ ଡିସିପିଙ୍କୁ ମଧ୍ୟ ଭେଟି ସାରିଛନ୍ତି।

ଯାହା ସୂଚନା ମିଳିଛି, ବାଲିଅନ୍ତା ଥାନା ଅଧୀନ ବେଂଟପୁର ଦିଆନପାଟଣା ଅଂଚଳର ପ୍ରତାପଙ୍କ ପଡୋଶୀ ହେଉଛନ୍ତି ଶୁଭମ ଜ୍ୟୋତି ନିହାର ରଂଜନ ସାହୁ। ପ୍ରତାପ ନିଜ

ଘର ଆଗରେ ବାଇକ ରଖିଥିଲେ। ଏହି ସମୟରେ ଅଭିଯୁକ୍ତ ଶୁଭମ ଏକ କାରରେ ଆସି ବାଇକ୍ ଉଠାଇବାକୁ କହିଥିଲେ। ବାଇକ୍ ମୋ ଜାଗାରେ ଅଛି ବୋଲି ପ୍ରତାପ କହିବାରୁ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶୁଭମ କାର ଭିତରୁ ଏକ ରଡ଼ ଆଣି ତାଙ୍କ ମୁଣ୍ଡରେ ପିଟି ଚାଲିଥିଲେ। ଏ ନେଇ ପ୍ରତାପ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା କରିଛି। ଶୁଭମ ମଧ୍ୟ ପ୍ରତାପଙ୍କ ବିରୋଧରେ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ମାମଲା ରୁଜୁ କରିଛି। କିନ୍ତୁ ଶୁଭମ ଷ୍ଟେନୋ ହୋଇଥିବାରୁ ପୁଲିସ ତାଙ୍କୁ ଗିରଫ କରୁନାହିଁ ବୋଲି ପ୍ରତାପ ଅଭିଯୋଗ କରିଛନ୍ତି।

● ବନ୍ୟା କ୍ଷୟକ୍ଷତି ପରଖିବାକୁ ଯାଇ ବିଧାୟକ ହଟହଟା

ବେକରେ ଗାମୁଛା ପକାଇ ଟଣାଓଟରା

ବ୍ରହ୍ମପୁର,୩୧।୧୦(ସଂଚାର ବ୍ୟୁରୋ): ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଆକ୍ରମଣ। ବନ୍ୟା ସ୍ଥିତି ସମୀକ୍ଷା କରିବାକୁ ଯାଇଥିବା ବେଳେ ପୁରୁଷୋତ୍ତମପୁର ବ୍ଲକ୍‌ରେ ତାଙ୍କୁ କରାଯାଇଛି ଆକ୍ରମଣ। ଉତ୍ତେଜିତ ଲୋକେ ତାଙ୍କୁ ଠେଲାପେଲା କରିଥିଲେ। ଏମିତିକି ଜଣେ ବ୍ୟକ୍ତି ତାଙ୍କ ବେକରେ ଗାମୁଛା ପକାଇ ତାଙ୍କୁ ଟାଣିବାକୁ ପ୍ରୟାସ କରିଥିଲେ। ତେବେ ଉପସ୍ଥିତ କିଛି ଲୋକ ଓ ସୁରକ୍ଷାକର୍ମୀମାନେ ବିଧାୟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତା'ପରେ ବିଧାୟକ ନିଜ ଗାଡ଼ି ଭିତରେ ଯାଇ ବସିଥିଲେ।

ବିଧାୟକ ଶ୍ରୀ ସେଠୀ କହିଛନ୍ତି ଯେ କୁମ୍ଭାରୀ ଗାଁରେ କିଛି ଲୋକ ରୁଷ୍ଟ ହୋଇଥିଲେ। କ'ଣ ହୋଇଛି, ଜାଣିବା ପାଇଁ ସେ କାର୍‌ରୁ ଓହ୍ଲାଇଥିଲେ। ସେମାନଙ୍କ ଗାଁରେ ଟ୍ରାନ୍ସଫର୍ମରରେ ପାଣି ପଶିଯାଇଛି। ନୂଆ ଟ୍ରାନ୍ସଫର୍ମର ବସାଇବା ପାଇଁ ସେମାନେ ଦାବି କରିଥିଲେ। ସେଠାରେ ବିଭିନ୍ନ ପ୍ରକାରର ଲୋକ ଉପସ୍ଥିଥିଲେ। ତେଣୁ କିଏ କାହାକୁ ଉସକାଇ ଦେଇଛନ୍ତି। ବୁଢ଼ା ଲୋକଟିଏ ଏମିତି କରିଥିଲେ। ସେ ନିହାତି ମଦ ପିଇଥିଲେ। ଲୋକଙ୍କର ବର୍ତ୍ତମାନ ଦୁଃଖର ସମୟ। ବହୁତ ଲୋକ ଦୁଃଖରେ ଅଛନ୍ତି। ତେଣୁ କିଏ କ'ଣ କରିଦେଲା, ସେଇଟା ଏତେ ବଡ଼ କଥା ନୁହେଁ। ଏସବୁ କଥାକୁ ଧରିଲେ ରାଜନୀତି କରି ହେବ ନାହିଁ। ସୂଚନାଯୋଗ୍ୟ, ବାତ୍ୟା ଅର୍ଣ୍ଣବରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଗଞ୍ଜାମ ଜିଲ୍ଲା। ପ୍ରବଳ ବର୍ଷା ଯୋଗୁ ଋଷିକୁଲ୍ୟା ନଦୀରେ ବନ୍ୟା ଆସି ଗଞ୍ଜାମ ଜିଲ୍ଲାର ୨୪୨ଟି ପଂଚାୟତ, ୩୮୬ଟି ଗାଁ ଓ ୧୦୬ଟି ସହରାଂଚଳ ୱାର୍ଡକୁ ଅଧିକ ପ୍ରଭାବିତ କରିଛି। ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତାଗୁଡ଼ିକ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ୧୦ ଜଣ ବରିଷ୍ଠ ଓଏଏସଙ୍କ ସମେତ ମୋଟ ୩୦ ଜଣ ଓଏଏସ୍ ଅଫିସର ଓ ୩ଟି ଇଞ୍ଜିନିୟରିଂ ଟିମ୍ ମଧ୍ୟ ଗଞ୍ଜାମକୁ ପଠାଯାଇଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏହି ଅଫିସରମାନେ ଗଞ୍ଜାମରେ କାର୍ଯ୍ୟ ଜାରି ରଖିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ରେଡ୍ ଫ୍ଲାଗ୍ ସତ୍ତ୍ୱେ ସମୁଦ୍ରକୁ ଗଲେ, ଟାଣିନେଲା ଜୁଆର

ପୁରୀ,୩୧।୧୦(ସଂଚାର ବ୍ୟୁରୋ): ପୁଣି ପୁରୀ ସମୁଦ୍ରରେ ଅଘଟଣା। ସମୁଦ୍ରରେ ସ୍ନାନ କରୁଥିବା ବେଳେ ଚାଲିଗଲା ଜଣେ ପର୍ଯ୍ୟଟକଙ୍କ ଜୀବନ। ପୁରୀ ବେଳାଭୂମିର ସେକ୍ଟର ୧୨ରେ ଘଟିଛି ଏହି ଦୁଃଖଦ ଘଟଣା। ମୃତ ପର୍ଯ୍ୟଟକ ପଶ୍ଚିମବଙ୍ଗର ସୁମନ୍ତ ମାଇତି ବୋଲି ଜଣାପଡ଼ିଛି।

ସେକ୍ଟର ୧୨ ବେଳାଭୂମିରେ ଆଜି ଅପରାହ୍ନରେ ସମୁଦ୍ର ସ୍ନାନ କରୁଥିଲେ ପଶ୍ଚିମବଙ୍ଗର କିଛି ପର୍ଯ୍ୟଟକ। ଏହି ସମୟରେ ବଡ଼ ଜୁଆର ଆସି ସୁମନ୍ତ ମାଇତିଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ସୁମନ୍ତ ସମୁଦ୍ରରେ ବୁଡ଼ି ଯାଉଥିବା ଦେଖି ବେଳାଭୂମିରେ ଥିବା ଅନ୍ୟ ପର୍ଯ୍ୟଟକ ଚିତ୍କାର କରିଥିଲେ। ପର୍ଯ୍ୟଟକଙ୍କ ଚିତ୍କାର ଶୁଣି ସଙ୍ଗେ ସଙ୍ଗେ ବେଳାଭୂମିରେ ନିୟୋଜିତ ଲାଇଫ୍ ଗାର୍ଡ ଓ ଅଗ୍ନିଶମ ବାହିନୀର କର୍ମଚାରୀ ତୁରନ୍ତ ସମୁଦ୍ର ଭିତରକୁ ଯାଇଥିଲେ। ଲାଇଫ୍ ଗାର୍ଡ ଗଭୀର ସମୁଦ୍ରକୁ ଯାଇ ପ୍ରାୟ ୧୫ ମିନିଟ୍ କାଳ ସମୁଦ୍ର ସହ ସଂଘର୍ଷ କରି ଶେଷରେ ଅଚେତ ଅବସ୍ଥାରେ ସୁମନ୍ତଙ୍କୁ କୂଳକୁ ଆଣିଥିଲେ। ଚିକିତ୍ସା ପାଇଁ ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ ଏକ ଅଟୋ ଯୋଗେ ପୁରୀ ମେଡିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାତ୍ୟା ଅର୍ଣ୍ଣବ ପରେ ସମୁଦ୍ର ଏବେ ବି ସମ୍ପୂର୍ଣ୍ଣ ଶାନ୍ତ ହୋଇନାହିଁ। ଏଣୁ ସମୁଦ୍ର କୂଳରେ ରେଡ୍ ଫ୍ଲାଗ୍ ଲଗାଇ ପର୍ଯ୍ୟଟକଙ୍କୁ ଗଭୀର ସମୁଦ୍ରକୁ ନଯିବାକୁ ବାରମ୍ବାର ସତର୍କ କରାଯାଉଛି। ହେଲେ ସୂଚନାକୁ ଅଣଦେଖା କରି ସମୁଦ୍ରକୁ ଯାଉଥିବାରୁ ଏପରି ଘଟୁଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ଆଜିର ସୁନା ଦର

ସୁନା କିଣିବାକୁ ଚାହୁଁଥିଲେ, ଆପଣଙ୍କ ପାଇଁ ଖୁସି ଖବର । କମିଲା ସୁନା ଓ ରୁପା ଦାମ୍ । ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ୧୮ କ୍ୟାରେଟ ସୁନା ଦାମ୍ ୧୦,୬୬୯ ଟଙ୍କା ରହିଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ରହିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ସୁନା ୧,୪୨,୨୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୪୦୦ ଟଙ୍କା ଛୁଇଁଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୪୧୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୪୦୦ ଟଙ୍କା ରହିଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ନଭେମ୍ବର ପହିଲାରୁ ବଦଳିପାରେ ୬ଟି ନିୟମ

ନୂଆଦିଲ୍ଲୀ, ୩୧।୧୦: ଅକ୍ଟୋବର ମାସ ଶେଷ ହେବାକୁ ଯାଉଛି। ଆସନ୍ତାକାଲିଠାରୁ ଆରମ୍ଭ ହେବ ନଭେମ୍ବର ମାସ। ନୂଆ ମାସ ଆରମ୍ଭ ହେବା ସହ ଦେଶରେ ଲାଗୁ ହୋଇପାରେ ଅନେକ ନୂଆ ନିୟମ। ଯାହାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ପକେଟ୍ ଉପରେ ପଡ଼ିପାରେ। LPG ସିଲିଣ୍ଡର ଦାମ୍ଠାରୁ ଆରମ୍ଭ କରି ଟୋଲ୍ ପାସ୍, GST, ଗାଡ଼ି ଚଳାଚଳ ଏବଂ ମୋବାଇଲ୍ କଲ୍ ପର୍ଯ୍ୟନ୍ତ ବଦଳିପାରେ ନିୟମ। ଏପରିକି ତାମିଲନାଡୁରେ ମଦ କିଣିବା ପାଇଁ ଡିଜିଟାଲ୍ ପେମେଣ୍ଟ ମଧ୍ୟ ବାଧ୍ୟତାମୂଳକ ହୋଇପାରେ। ତେବେ ନଭେମ୍ବର ୧ରୁ କେଉଁ କେଉଁ କ୍ଷେତ୍ରରେ କ'ଣ ପରିବର୍ତ୍ତନ ହେବାକୁ ଯାଉଛି, ଆସନ୍ତୁ ଜାଣିବା।

ପ୍ରତି ମାସର ପ୍ରଥମ ଦିନ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଏଲ୍ପିଜି ସିଲିଣ୍ଡରର ଦାମ୍ ସମୀକ୍ଷା କରିଥାନ୍ତି। ତେଣୁ ନଭେମ୍ବର ୧ରେ ମଧ୍ୟ ନୂଆ ଦର ଘୋଷଣା ହୋଇପାରେ। ଗତ ଅକ୍ଟୋବର ୧ରେ ୧୯ କିଲୋଗ୍ରାମ୍ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡରର ଦାମ୍ରେ ୬୨ ଟଙ୍କା ୫୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ତେବେ ଘରୋଇ ୧୪ କିଲୋଗ୍ରାମ୍ ସିଲିଣ୍ଡରର ଦାମ୍ ଅପରିବର୍ତ୍ତିତ ରହିଥିଲା। ଏଥର ଦରରେ କ'ଣ ପରିବର୍ତ୍ତନ ହେବ, ତାହା ନୂଆ ଘୋଷଣା ପରେ ସ୍ପଷ୍ଟ ହେବ। ଏହା ସହ ବିମାନ ଇନ୍ଧନ ଅର୍ଥାତ୍ ATF ଦର ମଧ୍ୟ ସଂଶୋଧନ ହୋଇପାରେ।

ଟୋଲ୍ ପ୍ଲାଜା ନିକଟରେ ରହୁଥିବା ଘରୋଇ ଗାଡ଼ି ମାଲିକଙ୍କ ପାଇଁ ୧,୫୦୦ ଟଙ୍କାର ବାର୍ଷିକ ଟୋଲ୍ ପାସ୍ ସମ୍ପର୍କିତ ନିୟମକୁ ନେଇ ଚର୍ଚ୍ଚା ହେଉଛି। ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ରହୁଥିବା ଘରୋଇ ଗାଡ଼ି ମାଲିକମାନେ ଏହାର ସୁବିଧା ପାଇପାରିବେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ପାସର ପ୍ରକୃତ ନିୟମ ଓ ଉପଲବ୍ଧତା ପାଇଁ ସରକାରୀ ନିର୍ଦ୍ଦେଶ ଯାଞ୍ଚ କରିବା ଜରୁରୀ।

ଯାନବାହନ ଚଳାଚଳ କ୍ଷେତ୍ରରେ ମଧ୍ୟ କିଛି ପରିବର୍ତ୍ତନ ସମ୍ପର୍କରେ ରିପୋର୍ଟ ଆସିଛି। ଦିଲ୍ଲୀରେ ଅନ୍ୟ ରାଜ୍ୟରେ ପଞ୍ଜୀକୃତ ପୁରୁଣା ନନ୍-BS6 ଗାଡ଼ିର ପ୍ରବେଶ ଉପରେ କଟକଣା ଲାଗିବା ନେଇ ସୂଚନା ରହିଛି। ସେହିପରି ମୁମ୍ବାଇ-ପୁଣେ ଏକ୍ସପ୍ରେସୱେର ନୂଆ କନେକ୍ଟିଂ ଲିଙ୍କରେ ମାଲ୍ବାହୀ ଗାଡ଼ି ଚଳାଚଳ ଉପରେ ସ୍ଥାୟୀ ରୋକ୍ ଲଗାଇବାକୁ ମହାରାଷ୍ଟ୍ର ହାଇୱେ ପୁଲିସ୍ ନିଷ୍ପତ୍ତି ନେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ତାମିଲନାଡୁରେ ମଦ କିଣିବା ସମୟରେ ପେମେଣ୍ଟ ନିୟମରେ ପରିବର୍ତ୍ତନ ହେବା ନେଇ ରିପୋର୍ଟ ରହିଛି। ତାମିଲନାଡୁ ରାଜ୍ୟ ବିପଣନ ନିଗମ (TASMAC) ର ନିଷ୍ପତ୍ତି ଅନୁଯାୟୀ, ୧,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ମଦ ବୋତଲ କିଣିବା ପାଇଁ ଡିଜିଟାଲ୍ ପେମେଣ୍ଟ ବାଧ୍ୟତାମୂଳକ ହୋଇପାରେ। ଅର୍ଥାତ୍, ଏଭଳି କ୍ରୟ ପାଇଁ ନଗଦ ଟଙ୍କା ବଦଳରେ ଡିଜିଟାଲ୍ ମାଧ୍ୟମରେ ପେମେଣ୍ଟ କରିବାକୁ ପଡ଼ିପାରେ।

GST ନିୟମରେ ପରିବର୍ତ୍ତନ ହେଲେ ଛୋଟ ବ୍ୟବସାୟୀ ଓ ବ୍ୟବସାୟ କ୍ଷେତ୍ରକୁ ଆଶ୍ୱସ୍ତି ମିଳିପାରେ। ଟ୍ୟାକ୍ସ ରିଫଣ୍ଡରେ ବିଳମ୍ବ କମାଇବା ଏବଂ କାଗଜପତ୍ର ଦାଖଲ କରିବାର ବୋଝ ହ୍ରାସ କରିବା ପାଇଁ କେତେକ କ୍ଷେତ୍ରରେ ସ୍ୱୟଂଚାଳିତ ରିଫଣ୍ଡ ଅନୁମୋଦନ ବ୍ୟବସ୍ଥା ଆସିପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏଥିସହ ବାର୍ଷିକ ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା କେତେକ ବ୍ୟବସାୟୀଙ୍କ ପାଇଁ ନୂଆ ରିଟର୍ଣ୍ଣ ବ୍ୟବସ୍ଥା ଆସିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ କଲିଂ ନେମ୍ ପ୍ରେଜେଣ୍ଟେସନ୍ ବା CNAP ବ୍ୟବସ୍ଥାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଫୋନକୁ କଲ୍ ଆସିବା ସମୟରେ କଲ୍ କରୁଥିବା ବ୍ୟକ୍ତିଙ୍କ ନାଁ ଦେଖିବାର ସୁବିଧା ମିଳିପାରେ। ଏଥିପାଇଁ ଟେଲିକମ୍ ବିଭାଗ (DoT) ଟେଲିକମ୍ ସେବା ପ୍ରଦାନକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ଫଳରେ ଅଜଣା ନମ୍ବରରୁ ଆସୁଥିବା କଲ୍କୁ ଚିହ୍ନିବାରେ ଲୋକଙ୍କୁ ସହାୟତା ମିଳିପାରେ। ତେବେ ନଭେମ୍ବର ମାସ ଆରମ୍ଭରୁ ଏହି ସବୁ ପରିବର୍ତ୍ତନର ପ୍ରଭାବ ଆପଣଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ିପାରେ। ତେଣୁ ନୂଆ ନିୟମ ଲାଗୁ ହେବା ପୂର୍ବରୁ ସଠିକ୍ ତଥ୍ୟ ଜାଣି ରଖନ୍ତୁ।

ନଭେମ୍ବରରେ ୧୬ ଦିନ ପାଇଁ ବନ୍ଦ ରହିବ ବ୍ୟାଙ୍କ!

ନୂଆଦିଲ୍ଲୀ,୩୧।୧୦: ନଭେମ୍ବର ମାସ ପର୍ବପର୍ବାଣୀ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଏହି ମାସରେ ଦୀପାବଳି, ଗୋବର୍ଦ୍ଧନ ପୂଜା, ଭାଇ ଦୂଜ, ଛଟ୍ ପୂଜା ଏବଂ ଗୁରୁ ନାନକ ଜୟନ୍ତୀ ଭଳି ଅନେକ ପର୍ବ ପାଳନ କରାଯିବ। ତେଣୁ ବ୍ୟାଙ୍କ ସମ୍ବନ୍ଧୀୟ କୌଣସି ଜରୁରୀ କାମ ଥିଲେ ତାହା ପୂର୍ବରୁ ଶେଷ କରିନେବା ଭଲ। ନଭେମ୍ବର ୨୦୨୬ରେ ରବିବାର ଏବଂ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ମିଶାଇ ମୋଟ ୭ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହାବ୍ୟତୀତ ବିଭିନ୍ନ ରାଜ୍ୟ ଓ ସହରରେ ପର୍ବପର୍ବାଣୀ ପାଇଁ ଆଉ ୯ ଦିନ ବ୍ୟାଙ୍କ ଶାଖା ବନ୍ଦ ରହିବ। ଏହିପରି ନଭେମ୍ବର ମାସରେ ମୋଟ ୧୬ ଦିନ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଶାଖା ବନ୍ଦ ରହିଲେ ମଧ୍ୟ ସମସ୍ତ ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ବନ୍ଦ ହୋଇଯିବ ନାହିଁ। ଛୁଟି ଦିନରେ ମଧ୍ୟ ଗ୍ରାହକମାନେ ଏଟିଏମ୍ରୁ ଟଙ୍କା ଉଠାଇବା, ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ ମାଧ୍ୟମରେ ପେମେଣ୍ଟ, ଟଙ୍କା ଟ୍ରାନ୍ସଫର୍ ଏବଂ ଅନଲାଇନ୍ରେ ବାଲାନ୍ସ ଯାଞ୍ଚ ଭଳି ସେବା ପାଇପାରିବେ। ବ୍ୟାଙ୍କ ଛୁଟି ରାଜ୍ୟ ଓ ସହର ଅନୁସାରେ ଭିନ୍ନ ହୋଇଥାଏ। ତେଣୁ ବ୍ୟାଙ୍କ ଯିବା ପୂର୍ବରୁ ନିଜ ଅଞ୍ଚଳର ଛୁଟି ତାଲିକା ଯାଞ୍ଚ କରିନିଅନ୍ତୁ।

ଜିଓର ୫ଜି ୟୁଜର୍ସ ୩୦ କୋଟି ପାର୍

ମୁମ୍ବାଇ, ୩୧।୧୦: ରିଲାଏନ୍ସ ଜିଓର ୫ଜି ଗ୍ରାହକଙ୍କ ସଂଖ୍ୟା ୩୦ କୋଟିରେ ପହଞ୍ଚିଛି। ଜିଓ ପ୍ଲାଟଫର୍ମସର ଅନଅଡିଟେଡ୍ ତ୍ରୈମାସିକ ଆର୍ଥିକ ଫଳାଫଳ ଅନୁଯାୟୀ, ଗତ ୧୨ ମାସ ଅର୍ଥାତ୍ ୧ ଅକ୍ଟୋବର ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଜିଓର ୫ଜି ଗ୍ରାହକ ସଂଖ୍ୟାରେ ୬.୬ କୋଟି ବୃଦ୍ଧି ଘଟିଛି। ଫିକ୍ସଡ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ କମ୍ପାନୀ ୩ କୋଟି ଗ୍ରାହକ ହାସଲ ମାଇଲଖୁଣ୍ଟ ଅତିକ୍ରମ କରିଛି। ଜିଓର ମୋଟ ଗ୍ରାହକ ସଂଖ୍ୟା ୫୪.୨ କୋଟି ଅତିକ୍ରମ କରିଛି। ଜିଓ ନେଟୱର୍କରେ ଡାଟା ବ୍ୟବହାର ମଧ୍ୟ ଦ୍ରୁତଗତିରେ ବଢ଼ିଛି। ପ୍ରତ୍ୟେକ ଗ୍ରାହକଙ୍କ ହାରାହାରି ମାସିକ ଡାଟା ବ୍ୟବହାର ୪୪.୨ ଜିବିରେ ପହଞ୍ଚିଛି। କମ୍ପାନୀର ମୋଟ ୱାୟାରଲେସ୍ ଡାଟା ଟ୍ରାଫିକରେ ୫ଜିର ଭାଗ ଏବେ ପ୍ରାୟ ୫୬ ପ୍ରତିଶତ ହୋଇଛି। ସେପ୍ଟେମ୍ବର ତ୍ରୈମାସିକରେ ଜିଓର ମୋଟ ଡାଟା ଟ୍ରାଫିକ୍ ବାର୍ଷିକ ଭିତ୍ତିରେ ୨୨.୧ ପ୍ରତିଶତ ବୃଦ୍ଧି ପାଇ ୭୧ ଏକ୍ସାବାଇଟରେ ପହଞ୍ଚିଛି। ଏହି ସଂଖ୍ୟା ଜିଓ ନେଟୱର୍କରେ ଡାଟା ବ୍ୟବହାରର କ୍ରମାଗତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଫିକ୍ସଡ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓ ଏୟାରଫାଇବରର ଭୂମିକା ମଧ୍ୟ କ୍ରମାଗତ ଭାବେ ବଢ଼ୁଛି। ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧ କୋଟି ୫୧ ଲକ୍ଷରେ ପହଞ୍ଚିଛି। ଗତ ଏକ ବର୍ଷ ମଧ୍ୟରେ ଜିଓର ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକ ସଂଖ୍ୟାରେ ହୋଇଥିବା ମୋଟ ନେଟ୍ ବୃଦ୍ଧିରେ ଏୟାରଫାଇବରର ଯୋଗଦାନ ୭୫ ପ୍ରତିଶତରୁ ଅଧିକ ରହିଛି। ଏହି ସମୟ ମଧ୍ୟରେ ଜିଓର ମୋଟ ଗ୍ରାହକ ସଂଖ୍ୟାରେ ୩ କୋଟି ୬୦ ଲକ୍ଷ ନେଟ୍ ବୃଦ୍ଧି ହୋଇଥିବା ବେଳେ କେବଳ ସେପ୍ଟେମ୍ବର ତ୍ରୈମାସିକରେ ୯୧ ଲକ୍ଷ ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି। ଗ୍ରାହକ ସଂଖ୍ୟା ବୃଦ୍ଧି ଏବଂ ଡିଜିଟାଲ୍ ସେବାର ସମ୍ପ୍ରସାରଣ କମ୍ପାନୀର ଆର୍ଥିକ ପ୍ରଦର୍ଶନରେ ମଧ୍ୟ ପ୍ରତିଫଳିତ ହୋଇଛି। ଜିଓ ପ୍ଲାଟଫର୍ମସର ତ୍ରୈମାସିକ ମୋଟ ରାଜସ୍ୱ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୪୭,୪୮୫ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୧୬.୬ ପ୍ରତିଶତ ବୃଦ୍ଧି ପାଇ ୨୧,୮୭୯ କୋଟି ଟଙ୍କାରେ ପହଞ୍ଚିଛି। ପ୍ରତି ଗ୍ରାହକ ପିଛା ହାରାହାରି ମାସିକ ଆୟ (ଆର୍ପୁ) ମଧ୍ୟ ବୃଦ୍ଧି ପାଇ ୨୧୮.୮ ଟଙ୍କା ହୋଇଛି। ଏହା ପୂର୍ବରୁ ଅକ୍ଟୋବର ୨୮ ତାରିଖରେ ଜିଓ ପ୍ଲାଟଫର୍ମସର ସେୟାର ବଜାରରେ ଚମତ୍କାର ଲିଷ୍ଟିଂ ହୋଇଥିଲା। କମ୍ପାନୀର ୩୦,୧୮୮ କୋଟି ଟଙ୍କାର ଆଇପିଓ ଭାରତୀୟ ଇତିହାସର ସବୁଠାରୁ ବଡ଼ ଆଇପିଓ ହୋଇଥିବା ବେଳେ ଏହା ୨୨ ଗୁଣରୁ ଅଧିକ ସବ୍ସ୍କ୍ରାଇବ୍ ହୋଇଥିଲା। ଲିଷ୍ଟିଂ ପରେ ବଜାର ପୁଞ୍ଜିକରଣ ଦୃଷ୍ଟିରୁ ଜିଓ ପ୍ଲାଟଫର୍ମସ ଦେଶର ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନୀର ମାନ୍ୟତା ହାସଲ କରିଛି।

ବିଦେଶରେ ପେଟ୍ରୋଲ ବିକିଲେ ଲାଗିବନି ଟ୍ୟାକ୍ସ

ଡିଜେଲ ଓ ଏଟିଏଫ୍ ରପ୍ତାନୀ ଶୁଳ୍କ ବଢ଼ିଲା

ନୂଆଦିଲ୍ଲୀ,୩୧।୧୦: ଅନ୍ତର୍ଜାତୀୟ ଚାପ ଯୋଗୁ ତୈଳ ଦର ବଢ଼ୁଥିବା ବେଳେ ଦେଶରେ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ଏନେଇ ଶନିବାର ଏକ ବଡ଼ ପଦକ୍ଷେପ ନିଆଯାଇଛି।ବିଦେଶକୁ ତୈଳ ରପ୍ତାନୀ ପାଇଁ ଲାଗୁଥିବା ଟ୍ୟାକ୍ସ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ କମ୍ପାନୀଗୁଡ଼ିକୁ ବିଦେଶରେ ପେଟ୍ରୋଲ ବିକିବା ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଏଥିପାଇଁ କମ୍ପାନୀଗୁଡ଼ିକୁ ଲିଟର ପ୍ରତି ୨.୫୦ ଟଙ୍କା ଶୁଳ୍କ ଦେବାକୁ ପଡୁଥିଲା। ହେଲେ ସରକାର ଏବେ ଏହି ବୋଝକୁ ହାଲୁକା କରିଦେଇଛନ୍ତି। ତେବେ ଡିଜେଲ ରପ୍ତାନୀ ଓ ବିମାନ ଇନ୍ଧନ ରପ୍ତାନୀ ଉପରେ କିନ୍ତୁ ଶୁଳ୍କ ବୃଦ୍ଧି କରାଯାଇଛି।

ଡିଜେଲ ଉପରେ ଏକ୍ସପୋର୍ଟ ଡ୍ୟୁଟି ୩ ଟଙ୍କା ଓ ବିମାନ ଉଡ଼ାଣ ପାଇଁ ଦରକାରୀ ଇନ୍ଧନ(ଏଟିଏଫ୍) ଉପରେ ୬୦ ପଇସା ବଢ଼ାଇ ଦିଆଯାଇଛି। ନୂଆ ଦର ଲାଗୁ ହେବା ଏବେ ବିଦେଶକୁ ଡିଜେଲ ରପ୍ତାନୀ କଲେ ପରେ କମ୍ପାନୀଗୁଡ଼ିକୁ ସରକାରଙ୍କୁ ୧୧.୫୦ ପଇସା ଓ ଜେଟ୍ ଫ୍ୟୁଲ ରପ୍ତାନୀ କଲେ ୧୧ ଟଙ୍କା ଟ୍ୟାକ୍ସ ଦେବାକୁ ହେବ। ମଧ୍ୟପ୍ରାଚ୍ୟରେ ଚାଲୁଥିବା ଉତ୍ତେଜନା ସ୍ଥିତି ମଧ୍ୟରେ ଭାରତରେ ଯେମିତି ଡିଜେଲ-ପେଟ୍ରୋଲର କୌଣସି ଅଭାବ ନ ରହିବା ଏଥିପାଇଁ ସରକାର ବିଭିନ୍ନ ଦିଗରୁ କାମ ଜାରି ରଖିଛନ୍ତି। ବିଦେଶକୁ ପରେ ରପ୍ତାନୀ ହେବ ଆଗ ଦେଶର ଲୋକଙ୍କ ଆବଶ୍ୟକତା ପୂରା କରିବା ସରକାରଙ୍କର ପ୍ରମୁଖ ଲକ୍ଷ୍ୟ ରହିଛି।

ମଧ୍ୟପ୍ରଚ୍ୟରେ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦର ମହଙ୍ଗା ହୋଇଛି। କିନ୍ତୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ଯଦିଓ ନାୟରା ଭଳି ଘରୋଇ କମ୍ପାନୀ ଉଭୟ ତେଲରେ ୫ ଟଙ୍କା ଲେଖାଏ ବୃଦ୍ଧି କରିଛି, ତଥାପି ସରକାରୀ ନିୟନ୍ତ୍ରଣ କମ୍ପାନୀଗୁଡିକ ଦର ଏପର୍ଯ୍ୟନ୍ତ ସୁଦ୍ଧା ସ୍ଥିର ରଖିଛନ୍ତି। ରପ୍ତାନୀ ଉପରେ ଶୁଳ୍କ ବଢ଼ିବା ଦ୍ୱାରା ସାଧାରଣ ଜନତାଙ୍କ ଉପରେ ଏହାର କୌଣସି ପ୍ରବାବ ପଡ଼ିବ ନାହିଁ। ଦେଶରେ ଭିତରେ ତୈଳ ପ୍ରବାହ ଜାରି ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀ ମାର୍କେଟ୍ରେ ତୈଳ ଦର ବଢ଼ି ଯାଇଛି। ତେଣୁ ଅଧିକ ଲାଭ ପାଇଁ ଭାରତୀୟ ତୈଳ କମ୍ପାନୀଗୁଡିକ ବିଦେଶରେ ବିପୁଳ ମାତ୍ରାରେ ତେଲ ବିକିବା ଆରମ୍ଭ କରିଥିଲେ। ଏହାକୁ ରୋକିବାକୁ ସହିତ ଦେଶର ପେଟ୍ରୋଲ ଓ ଡିଜେଲର ସପ୍ଲାଏ ଜାରି ରଖିବାକୁ ସରକାର ମାର୍ଚ୍ଚ ମାସରେ ରପ୍ତାନୀ ଶୁଳ୍କ ଲଗାଇଥିଲେ। ତେବେ ଭାରତକୁ ବର୍ତ୍ତମାନ ତୈଳ ଆମଦାନୀ କରିବାକୁ ବଡ଼ ସମସ୍ୟା ହେଉଛି। କାରଣ ପୂର୍ବରୁ ଷ୍ଟ୍ରେଟ୍ ଅଫ୍ ହରମୁଜ ଦେଇ ଦେଶର ୪୫% ପ୍ରତିଶତ ତୈଳ ଆମଦାନୀ ହେଉଥିଲା। ହେଲେ ଏହା ବନ୍ଦ ଥିବାରୁ ଭାରତ ବର୍ତ୍ତମାନ ଅନ୍ୟ ଦେଶଗୁଡ଼ିକରୁ ତୈଳ ଆମଦାନୀ କରୁଛି।

ହିରୋ ପକ୍ଷରୁ ନୂଆ ରୂପରେ ଆସିଲା 'ଡେଷ୍ଟିନି ୧୧୦ କ୍ଲାସିକ୍ ଏଡିସନ୍'

ନୂଆଦିଲ୍ଲୀ,୩୧।୧୦: ଦେଶର ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ 'ହିରୋ ମୋଟୋକର୍ପ' ନିଜର ଲୋକପ୍ରିୟ ସ୍କୁଟର ଶ୍ରେଣୀରେ ଏକ ନୂତନ ମଡ଼େଲ 'Hero Destini 110 Classique Edition' କୁ ଭାରତୀୟ ବଜାରରେ ଲଞ୍ଚ କରିଛି। ଏହାର ଆନୁଷ୍ଠାନିକ ଏକ୍ସ-ଶୋରୁମ୍ (ଦିଲ୍ଲୀ) ମୂଲ୍ୟ ୭୬,୪୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପାର୍ବଣର ଋତୁକୁ ଦୃଷ୍ଟିରେ ରଖି କମ୍ପାନୀ ଏହି ସ୍ୱତନ୍ତ୍ର ସଂସ୍କରଣକୁ ବଜାରକୁ ଆଣିଛି, ଯାହା ଗ୍ରାହକଙ୍କୁ ନିଓ-ରେଟ୍ରୋ (Neo-retro) ଲୁକ୍ ପ୍ରଦାନ କରିବ। ଡିଜାଇନ୍ ଏବଂ ଲୁକ୍:ଏହି ନୂତନ କ୍ଲାସିକ୍ ଏଡିସନରେ ଆକର୍ଷକ ଡୁଆଲ୍-ଟୋନ୍ ରଙ୍ଗ, ସ୍ୱତନ୍ତ୍ର ଷ୍ଟ୍ରାଇପ୍ ଡିଜାଇନ୍, ରଙ୍ଗୀନ ମିରର୍ (କ୍ରୋମ୍ ଫିନିଶ୍) ଏବଂ ସିଟ୍ ସହିତ ମେଳ ହେଉଥିବା ଇନର୍ ପ୍ୟାଲେଟ୍ ଦ୍ୱାରା ଏହାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରାଯାଇଛି। ଏଥିସହିତ ସ୍କୁଟରରେ ଏକ ସ୍ୱତନ୍ତ୍ର 'Classique Edition' 3D ବ୍ୟାଜ୍ ମଧ୍ୟ ଦିଆଯାଇଛି। ଇଞ୍ଜିନ୍ ଏବଂ ପରଫରମାନ୍ସ:ଏହି ସ୍କୁଟରର ଇଞ୍ଜିନ୍ ଏବଂ ମେକାନିକାଲ୍ ପାର୍ଶ୍ୱରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏଥିରେ ୧୧୦.୯ ସିସିର ଏୟାର-କୁଲ୍ଡ, ୪-ଷ୍ଟ୍ରୋକ୍ ଇଞ୍ଜିନ୍ ରହିଛି। ଇନ୍ଧନ ସଞ୍ଚୟ ପାଇଁ ଏଥିରେ ହିରୋର ଆଇ୩ଏସ ଟେକ୍ନୋଲୋଜି ମଧ୍ୟ ସାମିଲ ରହିଛି। ପ୍ରମୁଖ ଫିଚର୍ସ କଥା କହିବାକୁ ଗଲେ ଦୀର୍ଘ ଯାତ୍ରାକୁ ସହଜ କରିବା ପାଇଁ ଏଥିରେ ୭୮୫ମିମି ପର୍ଯ୍ୟନ୍ତ ଲମ୍ବା ଏବଂ ଆରାମଦାୟକ ସିଟ୍ ରହିଛି। ସେହିପରି ସ୍କୁଟର ଭିତରେ ୧୯ ଲିଟରର ବଡ଼ ଅଣ୍ଡର-ସିଟ୍ ଷ୍ଟୋରେଜ୍ ଏବଂ ଫ୍ରଣ୍ଟ କମ୍ପାର୍ଟମେଣ୍ଟରେ ମୋବାଇଲ୍ ଚାର୍ଜିଂ ସୁବିଧା ମିଳିବ। ସ୍କୁଟରରେ ଉଭୟ ଆଗ ଓ ପଛ ପଟେ ୧୨-ଇଞ୍ଚର ଆଲୟ ହ୍ୱିଲ୍ ଏବଂ କମ୍ବି-ବ୍ରେକିଂ ସିଷ୍ଟମ୍ (CBS) ସହିତ ଡ୍ରମ୍ ବ୍ରେକ୍ ରହିଛି। ଏହି ନୂତନ ଡେଷ୍ଟିନି ୧୧୦ କ୍ଲାସିକ୍ ଏଡିସନ୍ ବଜାରରେ ନିଜର ଭିଏକ୍ସ ଏବଂ ଜେଡଏକ୍ସ ଭାରିଏଣ୍ଟ୍ ମଧ୍ୟରେ ସ୍ଥାନ ପାଇଥିବାବେଳେ ଏହା ପରିବାରର ଦୈନନ୍ଦିନ ଯାତାୟାତ ପାଇଁ ଏକ ବେଷ୍ଟ୍ ଅପ୍ସନ୍ ହୋଇପାରିବ ବୋଲି ଆଶା କରାଯାଉଛି।

ରିଲାଏନ୍ସର ତ୍ରୈମାସିକ ଲାଭ ରେକର୍ଡ ୨୯,୫୫୦ କୋଟି

ମୁମ୍ବାଇ ୩୧।୧୦: ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ସତ୍ତ୍ୱେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେପ୍ଟେମ୍ବର ତ୍ରୈମାସିକରେ ରେକର୍ଡ ପ୍ରଦର୍ଶନ କରିଛି। ଜିଓ ପ୍ଲାଟଫର୍ମସର ବର୍ଦ୍ଧିତ ଆୟ ଏବଂ ତୈଳ-ରସାୟନ (ଅଏଲ୍-କେମିକାଲ୍) ବ୍ୟବସାୟର ରେକର୍ଡ ପ୍ରଦର୍ଶନ କମ୍ପାନୀର ଆର୍ଥିକ ଫଳାଫଳକୁ ମଜଭୁତ କରିଛି। ରିଲାଏନ୍ସର ସମନ୍ୱିତ ନେଟ୍ ଲାଭ ବାର୍ଷିକ ଭିତ୍ତିରେ ୩୩.୮ ପ୍ରତିଶତ ବୃଦ୍ଧି ପାଇ ୨୯,୫୫୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଏପର୍ଯ୍ୟନ୍ତ କମ୍ପାନୀର ସର୍ବାଧିକ ତ୍ରୈମାସିକ ଲାଭ। କମ୍ପାନୀର ମୋଟ ରାଜସ୍ୱ ମଧ୍ୟ ୨୭.୮ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୩,୬୨,୨୬୮ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ରିଲାଏନ୍ସର ମୋଟ ନେଟ୍ ଲାଭ ପ୍ରଥମ ଥର ପାଇଁ ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ରିଲାଏନ୍ସର ଏହି ଉଲ୍ଲେଖନୀୟ ପ୍ରଦର୍ଶନରେ କମ୍ପାନୀର ତୈଳରୁ ରସାୟନ (ଅଏଲ୍-ଟୁ-କେମିକାଲ୍) ବ୍ୟବସାୟର ବଡ଼ ଭୂମିକା ରହିଛି। ଗତବର୍ଷର ସମାନ ତ୍ରୈମାସିକ ତୁଳନାରେ ଏହି ବ୍ୟବସାୟର ଇବିଆଇଟିଡିଏ ୬୭.୯ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୨୫,୨୦୩ କୋଟି ଟଙ୍କାରେ ପହଞ୍ଚିଛି। ଏହି ବ୍ୟବସାୟର ରାଜସ୍ୱ ମଧ୍ୟ ୪୪.୨ ପ୍ରତିଶତ ବୃଦ୍ଧି ପାଇ ୨,୩୧,୬୦୧ କୋଟି ଟଙ୍କା ହୋଇଛି। ପରିବହନ ଇନ୍ଧନର ବିଶୋଧନ ମାର୍ଜିନରେ ଦ୍ରୁତ ବୃଦ୍ଧି ଏବଂ ପଲିଷ୍ଟର ବ୍ୟବସାୟର ମାର୍ଜିନ୍ ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ଏହି ସଫଳତାର ପ୍ରମୁଖ କାରଣ ରହିଛି। ଏହି ସମୟରେ ରିଲାଏନ୍ସ ଅଶୋଧିତ ତୈଳ ଯୋଗାଣ ସହ ଜଡ଼ିତ ଆହ୍ୱାନଗୁଡ଼ିକର ମଧ୍ୟ ସଫଳ ମୁକାବିଲା କରିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଯୋଗାଣ ବାଧାପ୍ରାପ୍ତ ହେବା ସତ୍ତ୍ୱେ କମ୍ପାନୀ ଲାଟିନ୍ ଆମେରିକା, ଉତ୍ତର ଆମେରିକା ଏବଂ ଭୂମଧ୍ୟସାଗରୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଅଶୋଧିତ ତୈଳ ଯୋଗାଣ ସୁନିଶ୍ଚିତ କରିବା ସହ ରେକର୍ଡ ପରିମାଣର ଅଶୋଧିତ ତୈଳ ବିଶୋଧନ କରିଛି। ଏହା ଦେଶର ଘରୋଇ ଇନ୍ଧନ ଚାହିଦା ପୂରଣ କରିବାରେ ସହାୟକ ହୋଇଛି। ରିଲାଏନ୍ସର ଅନ୍ୟ ବ୍ୟବସାୟଗୁଡ଼ିକ ମଧ୍ୟ କମ୍ପାନୀର ଏହି ସଫଳତାରେ ଯୋଗଦାନ ଦେଇଛନ୍ତି। ଜିଓ ପ୍ଲାଟଫର୍ମସର ରାଜସ୍ୱ ଓ ଲାଭରେ ବୃଦ୍ଧି ଘଟିଥିବା ବେଳେ ରିଲାଏନ୍ସ ରିଟେଲ୍ ଏହି ତ୍ରୈମାସିକରେ ୩୦୩ଟି ନୂଆ ଷ୍ଟୋର୍ ଖୋଲିବା ସହ ଡିଜିଟାଲ୍ କମର୍ସର ସମ୍ପ୍ରସାରଣ କରିଛି। ଜିଓଷ୍ଟାରର ରାଜସ୍ୱରେ ମଧ୍ୟ ବୃଦ୍ଧି ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ, ଅଏଲ୍ ଆଣ୍ଡ ଗ୍ୟାସ୍ ବ୍ୟବସାୟର ରାଜସ୍ୱ ପ୍ରାୟ ସ୍ଥିର ରହିଥିବା ବେଳେ ସିବିଏମ ଉତ୍ପାଦନରେ ବୃଦ୍ଧି ଘଟିଛି। ଏହି ସବୁ କାରଣରୁ ରିଲାଏନ୍ସର ସମନ୍ୱିତ ଇବିଆଇଟିଡିଏ ୨୩.୯ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୬୨,୪୦୯ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ କମ୍ପାନୀର ନ୍ୟୁ ଏନର୍ଜି ବା ନୂତନ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡ଼ିକରେ ନିବେଶ ଜାରି ରହିଛି।

କଇଁଛ ସୁରକ୍ଷା ନାଁରେ କୋଟିଏ ଟଙ୍କା ଲୁଟ୍ ଅଭିଯୋଗ

ଭିଜିଲାନ୍ସ ଓ ଇଓଡବ୍ଲୁ ତଦନ୍ତ ଦାବି

'ସଂଚାର' ଧାରାବାହିକ ଖୁଲାସା ଭାଗ -୧

କାକଟପୁର/ଅସ୍ତରଙ୍ଗ, ୩୧।୧୦ (ସଂଚାର ବ୍ୟୁରୋ)ଃ ଅଲିଭ୍ ରିଡଲେ ବିରଳ କଇଁଛ ସୁରକ୍ଷା ନାଁରେ ସରକାରୀ ରାଜକୋଷରୁ କୋଟିଏ ଟଙ୍କା ଲୁଟ୍ ହେଉଥିବା ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ପୁରୀ ବନ୍ୟପ୍ରାଣୀ ଡିଭିଜନର ଦେବୀ ମୁହାଣରେ ଡଙ୍ଗା(ଟ୍ରଲର /ବୋଟ)ଭଡ଼ା ଟେଣ୍ଡର -୦୨/୨୦୨୬-୨୭ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛି ଅସ୍ତରଙ୍ଗ ଟ୍ରଲର ମାଲିକ ମହାସଂଘ ଓ ପରିବେଶବିତ୍ ଡା. ଲକ୍ଷ୍ମୀଧର ବିଶ୍ୱାଳ। ଏ ନେଇ ସେମାନେ ମୁଖ୍ୟ ବନ ସଂରକ୍ଷକ, ଅର୍ଥ ବିଭାଗ, ଜିଲ୍ଲାପାଳ ଓ ଭିଜିଲାନ୍ସକୁ ସମସ୍ତ ଦସ୍ତାବିଜ ସହ ଅଭିଯୋଗ କରିଛନ୍ତି ଏବଂ ଅସ୍ତରଙ୍ଗ ନୂଆଗଡ ସାମୁଦ୍ରିକ ଥାନାରେ ଏଫଆଇଆର ପାଇଁ ଆବେଦନ କରିଛନ୍ତି।

ତିନି ବର୍ଷର ସରକାରୀ ଟେଣ୍ଡର କାଗଜ ତୁଳନା କଲେ ଘୋଟାଲା ସ୍ପଷ୍ଟ ଜଣାପଡୁଛି ବୋଲି ସଂଘ କହିଛି। ପ୍ରଥମ ପ୍ରମାଣ ତେଲ ନିୟମରେ ଖେଳ। ୨୦୨୪-୨୫ରେ ୪୦୦ ଏଚପି ଡଙ୍ଗା(ବୋଟ)କୁ ଘଣ୍ଟାକୁ ୧୦ ଲିଟର ହିସାବରେ ୬ ମାସ ପାଟ୍ରୋଲିଂ ହୋଇଥିଲା।ଯାହା ଫଳରେ କିଛି ବେଆଇନି ଟ୍ରଲର ମାଛ ମାରୁଥିଲେ ଧରା ହୋଇଥିଲା। ୨୦୨୫-୨୬ରେ ସେହି ଗୋଷ୍ଠୀକୁ ଆଣିବା ପାଇଁ ଦ୍ୱିତୀୟ ଟେଣ୍ଡର ରେ ୪୦୦ ଏଚପିକୁ ୩୫ ଲିଟର ଘଣ୍ଟା କରାଗଲା। ଏବେ ଚଳିତ ବର୍ଷର ବିବାଦୀୟ ଟେଣ୍ଡର ୦୨/୨୦୨୬-୨୭ରେ 'ଯେତିକି ଖର୍ଚ୍ଚ ହେବ ସେତିକି ଦିଆଯିବ' ବୋଲି ଅସୀମିତ କରାଯାଇଛି। ଅର୍ଥାତ୍ ଆଉ କୌଣସି ସୀମା ନାହିଁ। ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଟେଣ୍ଡର ନମ୍ବର ୪୪-ଆରଏଫପି-୦୧/୨୦୨୪-୨୫ରେ ୩୫୦ ଏଚପି ଡଙ୍ଗାକୁ ଦିନକୁ ୨୦୦ ଲିଟର ସୀମା ରଖାଯାଇଥିବା ବେଳେ ବନ ବିଭାଗରେ ଅସୀମିତ କାହିଁକି ବୋଲି ପ୍ରଶ୍ନ ଉଠିଛି।

ସଂଘ ଆହୁରି ସଙ୍ଗୀନ ଅଭିଯୋଗ କରିଛି ଗୋଟିଏ ଗୋଷ୍ଠୀର ୮ଟି ଡଙ୍ଗାରୁ ୧-୨ଟି ଦେବୀ ମୁହାଣରେ ଦେଖାଇ ବାକି ଡଙ୍ଗା ନିଷିଦ୍ଧ ଅଞ୍ଚଳରେ ମାଛ ଧରୁଛି ଏବଂ ପାଟ୍ରୋଲିଂ ସୂଚନା ଆଗୁଆ ଜଣାଇ ଦିଆଯାଉଛି। ଜିପିଏସ ଓ ଭିଏମଏସ ଟ୍ରାକିଂ ଯାଞ୍ଚ ହେଉନି।

ସଂଘ ଦାବି କରିଛି ବର୍ତ୍ତମାନ ଟେଣ୍ଡର ବାତିଲ କରି ସ୍ୱଚ୍ଛ ଟେଣ୍ଡର କରାଯାଉ, ସମୁଦ୍ରରେ ବେଗ ପରୀକ୍ଷା ଓ ଇଞ୍ଜିନ ଯାଞ୍ଚ କରାଯାଉ, ନଚେତ୍ ନଭେମ୍ବର ୧ ତାରିଖରୁ ଅସ୍ତରଙ୍ଗ ନୂଆଗଡ ଥାନା ସାମ୍ନାରେ ଧାରଣା ଦିଆଯିବ ଏବଂ ଇଓଡବ୍ଲୁ କୁ ନିଆଯିବ।

ପ୍ରତିଶ୍ରୁତି ରଖିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ମା' ବୁଢ଼ୀ ଜାଗୁଲାଇ ପୀଠରେ ହେବ ଉନ୍ନତୀକରଣ

ଧାମନଗର, ୩୧।୧୦ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ଭଗବାନପୁର ଗ୍ରାମ ର ଅଧିଷ୍ଠ ଦେବୀ ମା ବୁଢ଼ୀ ଜାଗୁଲାଇ ଠାକୁରାଣୀ ପୀଠରେ ହେବ ଉନ୍ନତି କରଣ ହେବା ନେଇ ସରକାରଙ୍କ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬-୨୭ ରେ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ଭଗବାନପୁର ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ସୂଚନା ଯୋଗ୍ୟ ଯେ ଭଗବାନପୁର ଗ୍ରାମର ମଧ୍ୟଭାଗ ରେ କେଉଁ ଆବହାନ କାଳରୁ ମା' ବୁଢ଼ୀ ଜାଗୁଲାଇ ଠାକୁରାଣୀ ପୂଜାପାଇ ଆସୁଛନ୍ତି। ପଞ୍ଜିକା ଗଣନା ଅନୁଯାୟୀ ପ୍ରତ୍ୟେକ ବର୍ଷ ଚୈତ୍ର କିମ୍ବା ବୈଶାଖ ମାସରେ ମାଙ୍କ ଚଣ୍ଡୀପାଠ ଓ ଅନ୍ୟାନ୍ୟ ରୀତିନୀତି ପୂଜା ଅନୁଷ୍ଠିତ ହେବାପରେ ୪ ଦିନ ବ୍ୟାପି ବାଦୀପାଲା ଅନୁଷ୍ଠିତ ହୋଇଥାଏ। ଦୁଇ ବର୍ଷ ପୂର୍ବରୁ ପାଲା ପରିବେଷଣ ସମୟରେ ପୂର୍ବତନ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ ଏବଂ ଉପଜିଲ୍ଲାପାଳ କାର୍ତ୍ତିକ ମଣ୍ଡଳ ଉଭୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସମୟରେ ମା' ବୁଢ଼ୀ ଜାଗୁଲାଇ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀଙ୍କ ପକ୍ଷରୁ ମା'ଙ୍କ ମନ୍ଦିର ତଥା ଚତୁରପାର୍ଶ୍ୱ ଉନ୍ନତିକରଣ ନେଇ ଦାବି ଉପସ୍ଥାପନ କରିଥିଲେ। ଏହାର ପରବର୍ତ୍ତୀ ସମୟରେ ପରିଷଦର କର୍ମକର୍ତ୍ତା ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରି ମା'ଙ୍କ ମନ୍ଦିର ଉନ୍ନତିକରଣ ଓ ନବୀକରଣ ନେଇ ଅନୁରୋଧ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଉକ୍ତ ବିଷୟକୁ ହୃଦୟଙ୍ଗମ କରି ଆର୍ଥିକ ବର୍ଷ ୨୦୨୬-୨୭ ବର୍ଷରେ ସରକାରୀ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ଆର୍ଥିକ ବର୍ଷ ୨୦୨୬-୨୭ରେ ବିଜିବିଓ ଯୋଜନାରେ ଅଟକଳ ମୂଲ୍ୟ ୬ ଲକ୍ଷ ୨୫ ହଜାର ୩ ଶହ ଟଙ୍କା ବ୍ୟୟରେ ମା ବୁଢ଼ୀ ଜାଗୁଲାଇ ଠାକୁରାଣୀ ମନ୍ଦିର ନିକଟରେ ଏକ ଭୋଗ ମଣ୍ଡପ ନିର୍ମାଣ କାର୍ଯ୍ୟ ହେବାକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ଭଗବାନପୁର ଅଞ୍ଚଳରେ ଖୁସିର ଲହରୀ ଖେଳି ଯିବା ସହ ଗ୍ରାମବାସୀ ଓ ପରିଷଦର କର୍ମକର୍ତ୍ତା ମାନେ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଉକ୍ତ ପୀଠ କୁ ରାସ୍ତା, ମନ୍ଦିରର ନବୀକରଣ ଓ ପାଚେରୀ, ଚତୁଃର୍ପାର୍ଶ୍ୱରେ କଂକ୍ରିଟ ଓ ପେବର୍ ଟାଇଲ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନତିକରଣ କରାଗଲେ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଏକ ଧାର୍ମିକ, ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଓଡ଼ିଶାର କଳା ଓ ସାଂସ୍କୃତିକ ପରମ୍ପରା ଉଜ୍ଜୀବିତ ହୋଇରହିବ।

ବିଡିଓଙ୍କୁ ଭିନ୍ନକ୍ଷମ ଯତ୍ନକାରୀ ସଂଘ ପକ୍ଷରୁ ଦାବିପତ୍ର

ବୈପାରୀଗୁଡ଼ା,୩୧।୧୦ (ସଂଚାର ବ୍ୟୁରୋ)ଃ ଯତ୍ନ କାରୀ ଦିବସ ଅବସରରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ଯତ୍ନକାରୀ ସଙ୍ଘ ତରଫରୁ ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁଙ୍କୁ ଦାବି ପ୍ରଦାନ କରାଯାଇଛି। ଯତ୍ନକାରୀମାନେ ବର୍ଷ ତମାମ ଭିନ୍ନକ୍ଷମଙ୍କ ଯତ୍ନରେ ନିୟୋଜିତ ରହୁଛନ୍ତି । ଯାଦ୍ୱାରା କି ସେମାମଙ୍କ ଆର୍ଥିକ, ଶାରୀରିକ ଓ ମାନସିକ ଚାପ ରହୁଛି । ଏଣୁ ଏହି ସମସ୍ୟା ସମାଧାନ ନିମନ୍ତେ ସଂଘ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର କରାଯାଇଛି।

ପ୍ରଥମେ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରେଡ଼ ତରଫରୁ ଯତ୍ନକାରୀ ଦିବସ ପାଳିତ ହୋଇଥିଲା। ଏହାପରେ ଭିନ୍ନକ୍ଷମ ଯତ୍ନକାରୀମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଥିବା ବେଳେ ସେମାନଙ୍କ ସମସ୍ୟାର ସମାଧାନ ଓ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଡ଼ିଓ ଏହାର ଆବଶ୍ୟକୀୟ ବିଚାର କରିବାକୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି । ଏହି ଅବସରରେ ଗ୍ରେଡ଼ ଅନୁଷ୍ଠାନର ନବୀନ ଚନ୍ଦ୍ର ବିଶୋଇ, ନିର୍ମଳା ମାଝୀ, ଜଗନ୍ନାଥ ନାୟକ ପ୍ରମୁଖ ସହଯୋଗ କରିଛନ୍ତି।

ମାଲକାନଗିରିରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ମାଲକାନଗିରି, ୩୧।୧୦ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖା, ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଜିଲ୍ଲାପାଳ ପୂର୍ବାହ୍ନରେ ପତାକା ଦେଖାଇ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ ଡି ଏନ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଉପସ୍ଥିତ ରହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଶୋଭାଯାତ୍ରା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ସାଧାରଣ ଜନତା ଦୁର୍ନୀତିମୁକ୍ତ ସମାଜ ଗଠନ ଏବଂ ଦୁର୍ନୀତି ନିବାରଣ ପାଇଁ ସାମୂହିକ ଶପଥ ପାଠ କରିଥିଲେ।

ସଇଁତଳା ବ୍ଲକ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଛାତ୍ରଛାତ୍ରୀଙ୍କ ସହ ଅଧିକାରୀ ଓ ଜନପ୍ରତିନିଧି ସାମିଲ

ସଇଁତଳା, ୩୧।୧୦ (ସଂଚାର ବ୍ୟୁରୋ)ଃ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସଇଁତଳା ବ୍ଲକ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଇଁତଳା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ ଓ ବିନୋଦ ନାଗ ଯୋଗଦେଇଥିଲେ। ସେହିପରି ବଲାଙ୍ଗୀର ସାଂସଦଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣାଙ୍କ ସମେତ ବ୍ଲକର ବିଭିନ୍ନ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ସହ ଜାତୀୟ ଭାବନାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ 'ଗଣତନ୍ତ୍ର ବଞ୍ଚାଅ' ବୁଦ୍ଧିଜୀବୀ ସମ୍ମିଳନୀ

ମାଲକାନଗିରି,୩୧।୧୦ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆଜି "ଗଣତନ୍ତ୍ର ବଞ୍ଚାଅ,କୁ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ରାଜମହେନ୍ଦ୍ରୀ ଶ୍ରୀମତୀ ଡି. ପୁରନ୍ଦେଶ୍ୱରୀ ମୁଖ୍ୟ ଅତିଥି ରହିଥିବା ବେଳେ ସାଂସଦ ବଳଭଦ୍ର ମାଝୀ ଓ ବିଧାୟକ ନରସିଂହ ମାଡକାମୀ ସମେତ ସାବିତ୍ରୀ ପଡିଆମି ମଞ୍ଚାସୀନ ରହିଥିଲେ।

ମୁଖ୍ୟ ବକ୍ତା ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଥିଲେ ଯେ, ବର୍ତ୍ତମାନ ଦେଶରେ କିଛି ବିରୋଧୀ ଶକ୍ତି ଲୋକତନ୍ତ୍ରକୁ ଦୁର୍ବଳ କରି ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ବିଦେଶୀ ଶତ୍ରୁମାନେ କିଭଳି ଦେଶରେ ଅସ୍ଥିରତା ସୃଷ୍ଟି କରି ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆମେରିକାରୁ ଆସିଥିବା ମାର୍କ ରୁବିଓ ଭାରତ ଗସ୍ତରେ ଆସିଥିବା ସମୟରେ କହିଥିଲେ ଯେ ଜର୍ଜ ସୋରୋସଙ୍କ ଭଳି କିଛି ଲୋକ ଭାରତରେ ଅରାଜକତା ସୃଷ୍ଟି କରିବା ପାଇଁ ଅର୍ଥ ପ୍ରଦାନ କରି ବିଭିନ୍ନ ବିରୋଧୀ ଦଳ ଓ ଦେଶ ବିରୋଧୀ ସଂଗଠନଙ୍କୁ ଅର୍ଥ ଯୋଗାଉଛନ୍ତି, ଯାହା ଦ୍ୱାରା ଦେଶରେ ଗୃହଯୁଦ୍ଧ ସୃଷ୍ଟି କରି ନିର୍ବାଚିତ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହା ଯୋଗୁଁ ସାଧାରଣ ଲୋକେ ପ୍ରଭାବିତ ହେଉଛନ୍ତି।

କାର୍ଯ୍ୟକ୍ରମ ଅବସରରେ ବୁଦ୍ଧିଜୀବୀମାନଙ୍କ ପ୍ରଶ୍ନର ଉତ୍ତର ମଞ୍ଚାସୀନ ଅତିଥିମାନେ ରଖିଥିଲେ। କଂଗ୍ରେସ ଓ ବିଭିନ୍ନ ବିରୋଧୀ ଦଳ ନିର୍ବାଚନ ଆୟୋଗ ଓ ବିଜେପି ସରକାର ବିରୋଧରେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା ପ୍ରଚାର କରୁଛନ୍ତି ବୋଲି କୁହାଯାଇଥିଲା।

ଆଜିର ଏହି ସମ୍ମିଳନୀରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବ୍ୟବସାୟୀ ସମେତ ଶତାଧିକ ବରିଷ୍ଠ ନେତା ଓ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'

୬୮୪ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଧାମନଗର, ୩୧।୧୦ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ଶହୀଦ ନଗର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ଲୁକ୍କାୟିତ କଳାକୌଶଳକୁ ଲୋକଲୋଚନକୁ ଆଣିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଧାମନଗର ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭୀମସେନ ହୋ ସ୍ୱାଗତ ଭାଷଣ ସହ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଆଲୁମିନି ପ୍ରତିନିଧି ରଘୁନାଥ ଲେଙ୍କା, ସରପଞ୍ଚ ପ୍ରତିନିଧି ସୁରମା ନନ୍ଦ ନାୟକ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରାଜେନ୍ଦ୍ର ବେହେରା ଏବଂ ସମାଜସେବୀ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ।

ଏହି ଅବସରରେ ରେ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏହିପରି ତିନୋଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କ, ବକ୍ତୃତା, ପ୍ରବନ୍ଧ, କୁଇଜ୍, ହସ୍ତାକ୍ଷର ଲିଖନ, ଚିତ୍ରାଙ୍କନ ଓ ସଙ୍ଗୀତ ସମେତ ମୋଟ ୩୩ଟି ବିଭିନ୍ନ ପ୍ରତିଯୋଗିତାରେ ୬୮୪ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

ବିଜେପି ନୂତନ ଜିଲ୍ଲା ଉପସଭାପତି ଭାବେ ଆଡ଼ମା ରାବାଙ୍କ ଦାୟିତ୍ୱ

ମାଲକାନଗିରି,୩୧।୧୦ (ସଂଚାର ବ୍ୟୁରୋ)ଃମାଲକାନଗିରି ଜିଲ୍ଲା ବିଜେପିର ନୂତନ ଉପ-ସଭାପତି ଭାବେ ବରିଷ୍ଠ ନେତା ଆଡ଼ମା ରାବା ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଜିଲ୍ଲା କାର୍ଯ୍ୟାଳୟରେ ଓଡ଼ିଶା ପ୍ରଭାରି ତଥା ମାନ୍ୟବର ସାଂସଦ, ରାଜମହେନ୍ଦ୍ରୀ ଶ୍ରୀମତୀ ଡି. ପୁରନ୍ଦେଶ୍ୱରୀ ମୁଖ୍ୟ ଅତିଥି ରହିଥିବା ବେଳେ ସାଂସଦ ବଳଭଦ୍ର ମାଝୀ ଓ ବିଧାୟକ ନରସିଂହ ମାଡକାମୀ ଓ ଜିଲ୍ଲା ସଭାପତି ଅଶୋକ ପରିଡ଼ା ଙ୍କ ଉପସ୍ଥିତିରେ ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଥିବାରୁ ଜିଲ୍ଲାର ବିଭିନ୍ନ ମଣ୍ଡଳରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ଅବସରରେ ଆୟୋଜିତ ସ୍ୱାଗତ ସମାରୋହରେ ଦଳର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ତାଙ୍କର ଅଭିଜ୍ଞ ନେତୃତ୍ୱ ଓ ସାଂଗଠନିକ ଦକ୍ଷତା ଦ୍ୱାରା ଜିଲ୍ଲାରେ ବିଜେପି ସଂଗଠନ ଆହୁରି ମଜବୁତ, ସୁଦୃଢ଼ ଓ ସମୃଦ୍ଧ ହେବ ବୋଲି ଦଳୀୟ କର୍ମୀମାନେ ଆଶା ପ୍ରକଟ କରିଛନ୍ତି। ନୂତନ ଦାୟିତ୍ୱ ମିଳିବା ପରେ କାଲିମେଳା ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ କର୍ମୀମାନେ ତାଙ୍କୁ ଭେଟି ଫୁଲମାଳ ଦେଇ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କ ନିଯୁକ୍ତି ଯୋଗୁଁ ତୃଣମୂଳ ସ୍ତରର କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି ।

ପ୍ରଧାନ ଶିକ୍ଷକଙ୍କ ବଦଳି ନେଇ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରତିବାଦ

'ଆମ ସାରଙ୍କୁ ଫେରାଇ ଦିଅ' ନାରାରେ କମ୍ପିଲା ବିଦ୍ୟାଳୟ ପରିସର

ପୁନଃ ନିଯୁକ୍ତି ଦାବିରେ ଦାବି

ବାଲିକୁଦା,୩୧।୧୦ (ସଂଚାର ବ୍ୟୁରୋ)ଃ ପ୍ରିୟ ଶିକ୍ଷକଙ୍କ ବଦଳିକୁ ସହଜରେ ଗ୍ରହଣ କରିପାରିଲେ ନାହିଁ କୁନି କୁନି ଛାତ୍ରଛାତ୍ରୀ। ନିଜ ପ୍ରିୟ ଶିକ୍ଷକଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ଦାବିରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇ ଅଭିନବ ପ୍ରତିବାଦ କରିଛନ୍ତି ଶତାଧିକ ଛାତ୍ରଛାତ୍ରୀ। ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରଘୁନାଥ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏଭଳି ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ବାରିକଙ୍କ ପଦୋନ୍ନତିଜନିତ ବଦଳି ଖବର ପ୍ରଚାର ହେବା ପରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ବସି 'ଆମ ସାରଙ୍କୁ ଫେରାଇ ଦିଅ' ବୋଲି ସ୍ଲୋଗାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ମାନସ ସାର କେବଳ ପାଠ ପଢ଼ାଉ ନଥିଲେ, ବରଂ ଜଣେ ଅଭିଭାବକଙ୍କ ଭଳି ସେମାନଙ୍କ ଯତ୍ନ ନେଉଥିଲେ। ପାଠପଢ଼ା ଶୈଳୀ, ପିଲାଙ୍କ ପ୍ରତି ସ୍ନେହଶ୍ରଦ୍ଧା ଏବଂ ବିଦ୍ୟାଳୟରେ ଉଚ୍ଚମାନର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରତି ତାଙ୍କର ଯତ୍ନଶୀଳ ମନୋଭାବ ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଏପରିକି କୌଣସି ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ନିଜ ପରିବାର ସଦସ୍ୟଙ୍କ ଭଳି ଯତ୍ନ ନେଇ ସେମାନଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବାର ବ୍ୟବସ୍ଥା କରୁଥିଲେ। ଅନ୍ୟପକ୍ଷରେ ଅଭିଭାବକମାନେ ମଧ୍ୟ ମାନସ ବାରିକଙ୍କ ପୁନଃ ନିଯୁକ୍ତି ଦାବିକୁ ସମର୍ଥନ କରିଥିଲେ। ଯଦି ତାଙ୍କୁ ପୁନର୍ବାର ଏହି ବିଦ୍ୟାଳୟରେ ନିଯୁକ୍ତି ଦିଆନଯାଏ, ତେବେ ସେମାନେ ନିଜ ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇଯିବେ ବୋଲି ମତପ୍ରକାଶ କରିଥିଲେ।

ଖବର ପାଇ ରଘୁନାଥ ଜୀଉ କ୍ଲଷ୍ଟରର ସିଆରସି ଦୀପ୍ତି ରଞ୍ଜନ ଶତପଥି ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ନିୟମ ଅନୁଯାୟୀ ମାନସ ବାରିକଙ୍କ ପଦୋନ୍ନତି ହୋଇଥିବାରୁ ତାଙ୍କର ବଦଳି ହୋଇଥିବା ସେ ସ୍ପଷ୍ଟ କରିଥିଲେ। ତେବେ ମାନସ ବାରିକଙ୍କୁ ପୁନର୍ବାର ଏହି ବିଦ୍ୟାଳୟରେ ନିଯୁକ୍ତି ଦେବା ନିମନ୍ତେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସିଆରସିଙ୍କ ଜରିଆରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ଉପରେ ବିଚାର କରାଯିବ ବୋଲି ସିଆରସି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜଣେ ଶିକ୍ଷକଙ୍କ ପ୍ରତି ଛାତ୍ରଛାତ୍ରୀଙ୍କ ଏଭଳି ଅଗାଧ ଭଲପାଇବା ଓ ସମ୍ମାନ ଶିକ୍ଷକ-ଛାତ୍ର ସମ୍ପର୍କର ଏକ ନିଆରା ଉଦାହରଣ ସୃଷ୍ଟି କରିଛି।

ହରିଡ଼ାଗୁଡ଼ା ପଞ୍ଚାୟତରେ ଦୁର୍ନୀତିର ଗନ୍ଧ

ଯୋଗାଣ ସହାୟକଙ୍କ ବିରୋଧରେ ଅଭିଯୋଗର ପାହାଡ଼

କାମ ଅଧା, ବିଲ୍ ପୂରା, ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗରେ ତାତିଲେ ଗ୍ରାମବାସୀ

ଯୋଗାଣ ସହାୟକଙ୍କ ନାଁରେ ସଙ୍ଗିନ ଅଭିଯୋଗ

ଭିଜିଲାନ୍ସ ତଦନ୍ତ ଦାବି

କୋରାପୁଟ,୩୧।୧୦ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରିଡ଼ାଗୁଡ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି । ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକ ଅବିନାଶ ବେନ୍ୟାଙ୍କ ବିରୋଧରେ ଆର୍ଥିକ ଅନିୟମିତତା, ସରକାରୀ ଅନୁଦାନ ହଡ଼ପ, ଭତ୍ତା ଟଙ୍କା ଆତ୍ମସାତ୍ ଏବଂ ନିମ୍ନମାନର ନିର୍ମାଣ କାର୍ଯ୍ୟ ଭଳି ଏକାଧିକ ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ। ଏହାର ନିରପେକ୍ଷ ତଦନ୍ତ ଓ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ବିଭିନ୍ନ ଗ୍ରାମର ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯୋଗାଣ ସହାୟକ ଅବିନାଶ ବେନ୍ୟା ନିଯୁକ୍ତି ପାଇବା ପରଠାରୁ ବ୍ଲକ ଓ ପଞ୍ଚାୟତର କେତେକ ଅଧିକାରୀଙ୍କ ସହଯୋଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅନୁଦାନରେ ଅନିୟମିତତା କରିଆସୁଛନ୍ତି। ଏପରିକି ପଞ୍ଚାୟତର ଅନେକ ବୃଦ୍ଧବୃଦ୍ଧାଙ୍କ ଭତ୍ତା ଖାତା ନିଜ ପାଖରେ ରଖି ସେମାନଙ୍କ ପ୍ରାପ୍ୟ ଭତ୍ତା ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ଘଟଣା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସମ୍ପୃକ୍ତ ଯୋଗାଣ ସହାୟକ ହିତାଧିକାରୀଙ୍କୁ ଭତ୍ତା ଖାତା ଓ ଟଙ୍କା ଫେରସ୍ତ କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧୀନରେ ଚାଉଳ ବଣ୍ଟନ ସମୟରେ ମଧ୍ୟ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ପରିମାଣଠାରୁ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। ଇଲେକ୍ଟ୍ରୋନିକ୍ ଓଜନ ଯନ୍ତ୍ର ପରିବର୍ତ୍ତେ ପାରମ୍ପରିକ ନିକିତି ବ୍ୟବହାର କରି ଚାଉଳ ଓଜନରେ ହେରଫେର କରାଯାଉଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟ ପକ୍ଷରେ। ପଞ୍ଚାୟତର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଡମ୍ବୁରୁଞ୍ଜି, ଧବାପଦର, ପଟାରଙ୍ଗିଣି ଓ ଚାନ୍ଦବେଡ଼ା ଗ୍ରାମର ପ୍ରାୟ ୫୦ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ନିର୍ମାଣ କରିଦେବା ପ୍ରତିଶ୍ରୁତି ଦେଇ ଅର୍ଥ ଉଠାଣ କରାଯାଇଥିଲେ ମଧ୍ୟ ଅନେକ ଘରର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଗ୍ରାମବାସୀ କହିଛନ୍ତି। ଘର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଦାବି କଲେ ଧମକ ମିଳୁଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଚାନ୍ଦବେଡା ଗ୍ରାମରେ ପର୍ଯ୍ୟଟନ ସମ୍ପର୍କିତ ଏକ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମ୍ପୂର୍ଣ୍ଣ ବିଲ୍ ଉଠାଇ ହଡ଼ପ କରିଥିବା ଅଭିଯୋଗ ହୋଇଛି। ସେହିଭଳି ଡମ୍ବୁରୁଞ୍ଜିରୁ ଧବାପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଅଧାରେ ଅଟକିଥିବା ବେଳେ ସମ୍ପୂର୍ଣ୍ଣ ଅର୍ଥ ଉଠାଯାଇଥିବା ଏବଂ ସୁନାଜାମରୁ ଧବାପଦର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନହୋଇ ୮ ଲକ୍ଷ ଟଙ୍କା ଉଠାଣ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ୫ଟି ଅଧୀନରେ ହୋଇଥିବା ବିଭିନ୍ନ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଏବଂ ବର୍ତ୍ତମାନ ମଧ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟ ସମ୍ପୃକ୍ତ ଯୋଗାଣ ସହାୟକ ନିଜେ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଜଣେ ଯୋଗାଣ ସହାୟକ ନିଜର ନିର୍ଦ୍ଧାରିତ ସରକାରୀ ଦାୟିତ୍ୱ ଛାଡ଼ି କିପରି ବିଭିନ୍ନ ଠିକା କାର୍ଯ୍ୟରେ ସମ୍ପୃକ୍ତ ରହୁଛନ୍ତି, ତାହାର ତଦନ୍ତ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

ସଇଁତଳା ଷ୍ଟାଡିୟମକୁ ମିଳିଲା ପ୍ରଶାସନିକ ମଞ୍ଜୁରୀ

୧୪.୬୪ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ

ସରପଞ୍ଚଙ୍କ ଆନ୍ଦୋଳନ ପରେ ମିଳିଲା ସଫଳତା

ସଇଁତଳା,୩୧।୧୦ (ସଂଚାର ବ୍ୟୁରୋ)ଃ ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଶାସନିକ ପ୍ରକ୍ରିୟା ଆଗେଇଛି। ଏଠାରେ ଏକ ବ୍ଲକସ୍ତରୀୟ ଷ୍ଟାଡିୟମ ସହ ଇନ୍‌ଡୋର ହଲ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ପ୍ରକଳ୍ପର ମୂଲ୍ୟ ଜିଏସ୍‌ଟି ବ୍ୟତୀତ ପ୍ରାୟ ୧୪.୬୪ କୋଟି ଟଙ୍କା ରହିଥିବା ଟେଣ୍ଡର ବିଜ୍ଞପ୍ତିରୁ ଜଣାପଡ଼ିଛି। ଏହାକୁ ନେଇ ସଇଁତଳା ଅଞ୍ଚଳର ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଓଡ଼ିଶା ସରକାରଙ୍କ ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍) କାର୍ଯ୍ୟାଳୟ, ନିର୍ମାଣ ସୌଧ, ଭୁବନେଶ୍ୱର ପକ୍ଷରୁ ୨୯ ସେପ୍ଟେମ୍ବର ୨୦୨୬ରେ ଜାରି ହୋଇଥିବା ଟେଣ୍ଡର ବିଜ୍ଞପ୍ତିରେ ସଇଁତଳା ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ସହ ଇନ୍‌ଡୋର ହଲ୍ କାର୍ଯ୍ୟ ଉଲ୍ଲେଖ ରହିଛି। ଏହି କାର୍ଯ୍ୟ ଶେଷ କରିବା ପାଇଁ ୧୮ ମାସ ସମୟସୀମା ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଥାଉକି, ସଇଁତଳାରେ ଏକ ଷ୍ଟାଡିୟମ ନିର୍ମାଣ ଦାବିରେ ସରପଞ୍ଚ ସୁବ୍ରତ ନାଗ ଙ୍କ ନେତୃତ୍ୱରେ ଦୀର୍ଘ ଏକ ମାସ ଧରି ଆନ୍ଦୋଳନ ଚାଲିଥିଲା। ଅଞ୍ଚଳରେ ଖେଳକୁଦର ବିକାଶ ଏବଂ ଯୁବପିଢ଼ିଙ୍କୁ ଉନ୍ନତ କ୍ରୀଡ଼ା ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଦାବି ଜୋରଦାର ହୋଇଥିଲା। ଆନ୍ଦୋଳନ ପରେ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। ଶେଷରେ ଷ୍ଟାଡିୟମ ନିର୍ମାଣ ପାଇଁ ମଞ୍ଜୁରୀ ମିଳିବା ସହ ଟେଣ୍ଡର ଆହ୍ୱାନ ହୋଇଥିବାରୁ ସରପଞ୍ଚ ସୁବ୍ରତ ନାଗ ଓ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାର ଆଶା ଉଜ୍ଜ୍ୱଳ ହୋଇଛି। ଏହି ସଫଳତା ପାଇଁ ସରପଞ୍ଚଙ୍କ ପକ୍ଷରୁ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଯାଇଛି।

ଋତୁଚକ୍ର ପାଇଁ 'ଚକ୍କି ଚଳନାସନ' ହିତକର

ଏହି ଆସନଦ୍ୱାରା ପେଟ ଓ ଅଙ୍ଗଗୁଡ଼ିକ ଏହି ଆସନ ଦ୍ୱାରା କାର୍ଯ୍ୟକ୍ଷମ ହୁଏ। ଋତୁଚକ୍ର ଭଲଭାବରେ ନିୟନ୍ତ୍ରଣ ହୁଏ। ଗର୍ଭାବସ୍ଥାରେ ୧ମାସ ଓ ୩ମାସ ଭିତରେ ଏହା ଅଭ୍ୟାସ କରାଯାଇପାରେ। ସନ୍ତାନ ଜନ୍ମ ପର ଅବସ୍ଥାରେ ଏହି ଆସନଦ୍ୱାରା ସ୍ୱାସ୍ଥ୍ୟ ଶୀଘ୍ର ଫେରିଆସେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର। ଏହି ଆସନ କରିବା ପାଇଁ ଗୋଡ଼ ଲମ୍ବାଇ ଭୂଇଁରେ ବସନ୍ତୁ, ପାଦ ଏକ ଫୁଟ୍ ଛଡ଼ାରେ ରହିବ। ଦୁଇ ହାତ ଛନ୍ଦି ସାମନାରେ ବଢ଼ାଇ ସିଧାରଖନ୍ତୁ। ଆସନ ଶେଷ ପର୍ଯ୍ୟନ୍ତ ହାତ ସିଧା ରହିବ। କହୁଣୀ ଭାଙ୍ଗିବ ନାହିଁ। ଯେତେପାର ଦେହକୁ ଆଗକୁ ଆଣନ୍ତୁ। ହାତରେ ପଥର ଚକି ଘୂରାଇଲାପରି ଅନୁମାନ କରିବେ। ଛନ୍ଦିଥିବା ହାତକୁ ଡାହାଣ ଗୋଡ଼ ଆଙ୍ଗୁଳି ଦେଇ ଘୂରାଇବେ, ଯେତେଦୂର ପାର ପାଦର ଡାହାଣକୁ ମୋଡ଼ିବେ। ପଛକୁ ହାତ ଘୂରାଇ ଆଣିଲାବେଳେ ଯେତେଦୂର ପାର ପଛକୁ ଝୁଲିବ। ଦେହକୁ ଅଣ୍ଟାରୁ ବୁଲାଇବେ। ଆଗକୁ ଘୂରାଇଲାବେଳେ ହାତକୁ ବାମପଟକୁ ଆଣି ବାମପାଦର ଆଙ୍ଗୁଳି ଦେଇ ପ୍ରଥମ ଅବସ୍ଥାକୁ ଆଣିବେ। ଗୋଟିଏ ଥର ଘୂରାଇବା ହେଉଛି ଗୋଟିଏ ଚକ୍ର। ୫ରୁ ୧୦ ଚକ୍ର ଘଣ୍ଟା କଣ୍ଟା ଦିଗରେ ଏବଂ ବିପରୀତ ଦିଗରେ ପୁନରାବୃତ୍ତି କରନ୍ତୁ।

ଦ୍ୱିତୀୟ ସ୍ଥିତି

ସେହି ବସିବା ଅବସ୍ଥାରେ ଦୁଇଗୋଡ଼କୁ ଯେତେଦୂର ପାର ଛଡ଼ାରେ ରଖନ୍ତୁ। ଗୋଡ଼ ସିଧା ରହିବ। ଦୁଇ ପାଦ ଉପରେ ଯେତେବଡ଼ ଚକ୍ର ଘୂରାଇପାର। ହାତ ଆଗକୁ ଘୂରାଇଲାବେଳେ ପାଦର ତେବେ ଆଗକୁ ନେଇପାରିବେ, ସେମିତି ଠିକ୍ ପଛକୁ ଯେତେ ଦୂର ଆଣିପାରିବେ। ୧୦ ଥର କରି ଦୁଇ ଦିଗରେ ଘୂରାନ୍ତୁ।

ସବୁବେଳେ ଆପଣଙ୍କ ଓଠ ଫାଟୁଛି କି ?

ଅଧିକାଂଶ ସମୟରେ ଆପଣଙ୍କ ଓଠ ଫାଟୁଛି କି ? ଏଥିରୁ ମୁକ୍ତି ପାଇବା ପାଇଁ କ'ଣ କରିବା ଆବଶ୍ୟକ ? ଆମ ଆଖପାଖରେ ଅନେକ କିଛି ଜିନିଷ ରହିଛି ଯାହା ନାନା ସମସ୍ୟାରୁ ରକ୍ଷା କରେ। ସେହି ସବୁ ମଧ୍ୟରୁ ଗୋଲାପ ଫୁଲ ଅନ୍ୟତମ। ଗୋଲାପ ପାଖୁଡ଼ାକୁ ସଫା ପାଣିରେ ଧୋଇ ତାକୁ କିଛି ସମୟ କ୍ଷୀରରେ ଭିଜାଇ ରଖିଦିଅନ୍ତୁ। ଏହାପରେ ଏହାର ଏକ ପେଷ୍ଟ ପ୍ରସ୍ତୁତ କରି ଓଠରେ ଲଗାନ୍ତୁ। ପାଖାପାଖି ୧୫ ମିନିଟ ପରେ ଓଠକୁ ଧୋଇ ଦିଅନ୍ତୁ। ଏଭଳି କରିବା ଦ୍ୱାରା ଓଠର ରୁକ୍ଷତା ଦୂର ହେବା ସହ ଗୋଲାପୀ ଦେଖାଯିବ। ଆଲୋଭେରା ଜେଲକୁ ନେଇ ଓଠରେ ମସାଜ କରନ୍ତୁ। ଏମିତି କରିବା ଦ୍ୱାରା ମଧ୍ୟ ଓଠର ଶୁଷ୍କତାକୁ ଦୂର କରିଥାଏ।

ମହୁରୁ ଅନେକ ପ୍ରକାରର ପୋଷକ ତତ୍ତ୍ୱ ମିଳିଥାଏ। ଯାହା ଓଠକୁ ନରମ ରଖିଥାଏ। ମହୁକୁ ଓଠରେ ମସାଜ କରନ୍ତୁ। ଯାହା ଆପଣଙ୍କର ଓଠକୁ ମୁଲାୟମ କରିବ। ରାତିରେ ଶୋଇବା ସମୟରେ ସୋରିଷ ତେଲକୁ ଉଷୁମ କରି ନାଭିରେ ଲଗାନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ଆପଣଙ୍କ ଓଠ ଫାଟିବାରୁ ମୁକ୍ତି ମିଳିବ। ଏଥିସହ ଓଠରେ ଅମୃତଭଣ୍ଡାର ରସ ଲଗାଇବା ଓଠ କୋମଳ ଏବଂ ନରମ ରହିଥାଏ। ଶୀତଦିନ ପାଇଁ କୌଣସି ଲିପ୍ ବାମ୍ ଏବଂ ବଡି ଲୋସନ ଅପେକ୍ଷା ନଡିଆ ତେଲ ଖୁବ୍ ଲାଭକାରୀ। ଯାହା ବ୍ୟବହାର କରିବା ଦ୍ୱାରା ଓଠ ଏବଂ ଚର୍ମକୁ ନରମ କରିଦେଇଥାଏ। ରଙ୍ଗହୀନତାକୁ ଦୂର କରିବା ପାଇଁ ଚାହୁଁଥିଲେ ଶୋଇବା ପୂର୍ବରୁ ନଡିଆ ତେଲ ଲଗାନ୍ତୁ। ଘିଅ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ବୋଲି ପ୍ରମାଣିତ ହୋଇଆସୁଅଛି। କିନ୍ତୁ ଘିଅ ବ୍ୟବହାର କରିବା ଦ୍ୱାରା ମଇଷ୍ଟରାଇଜ ରଖେ। ଏହା ଲିପ୍ ବାମ ଭଳି କାମ କରେ। ଘିଅ ବ୍ୟବହାର କରିବା ଦ୍ୱାରା ମଧ୍ୟ ଓଠକୁ ଗୋଲାପୀ ରଖିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଘରୋଇ ଉପାୟରେ ଆପଣମାନେ ମଧ୍ୟ ଲିପ୍ ବାମ୍ ତିଆରି କରିପାରିବେ। ଏହି ସବୁ ଜିନିଷ ପ୍ରାକୃତିକ ହୋଇଥିବାରୁ ଆମ ପାଇଁ ଭଲ ହୋଇଥାଏ। ତେବେ ଆସନ୍ତୁ ସେହି ଘରୋଇ ଲିପ୍ ବାମ୍ ସମ୍ପର୍କରେ ଜାଣିବା।

ଅଧ ଚାମଚ କ୍ରିମ୍, ଟିକେ ଡାଲଚିନି ଗୁଣ୍ଡ ଏବଂ ଚିମଚଟା, ହଳଦୀକୁ ଏକାଠି କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ଲିପ୍ ବାମକୁ ଓଠରେ ଲଗାନ୍ତୁ। ଯାହା ଲଗାଇବା ଫଳରେ ଓଠକୁ ମଇଷ୍ଟରାଇଜ୍ ରଖିବାରେ ବଡ଼ ଭୂମିକା ନିର୍ବାହ କରିଥାଏ।

କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଆପଣମାନେ ତ ଜାଣିଥିବେ ଶୀତଋତୁରେ ଅନେକ ପ୍ରକାରର ଫଳମୂଳ, ପନିପରିବା ଇତ୍ୟାଦି ଭରପୂର ପରିମାଣରେ ମିଳିଥାଏ। ଏହା ସହ ଶୀତଋତୁରେ ମଧ୍ୟ ଏହି ସବୁ ଜିନିଷର ଦର କମ ରହିଥାଏ। ଯାହାକୁ ଆପଣ ବହୁତ ସହଜରେ କିଣିପାରିବେ। କିନ୍ତୁ ମାର୍କେଟରୁ ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଲଗାଯାଇଥିବା ପନିପରିବା ଅଧିକ ଭଲ ହୋଇଥାଏ। ତେବେ ଯାହାକୁ ଖାଇ ନିଜକୁ ସୁସ୍ଥମନେ କରିପାରିବେ। କାହିଁକି ନା ମାର୍କେଟରେ ମିଳୁଥିବା ପରିବାରେ ସାର, ବିଶ ଇତ୍ୟାଦି ପଡିଥାଏ, ଯାହାକୁ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା

ବଢ଼ିବାକୁ ଲାଗିଥାଏ। ଏଥିପାଇଁ ଯଦି ଆପଣ ବାଡିରେ ଲଗାଯାଇଥିବା ପନିପରିବାକୁ ଖାଆନ୍ତି, ତାହେଲେ ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅନେକ ପ୍ରକାରର ରୋଗରୁ ମଧ୍ୟ ଆରୋଗ୍ୟ ପାଇପାରିବେ। କିନ୍ତୁ ଆପଣ ଜାଣିଛନ୍ତି କି, ଏମିତି ଏକ ଫଳ ଅଛି ଯାହା ସ୍ୱାଦରେ ପରିପୂର୍ଣ୍ଣ ରହିବା ସହ ଅନେକ ଭିଟାମିନରେ ଭରପୁର ରହିଛି। ତାହେଲେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ତେବେ ସେହି ଫଳର ନାମ ହେଉଛି 'କନ୍ଦମୂଳ'। ଯାହା ସ୍ୱାଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଅନେକ ପ୍ରକାରର ଭିଟାମିନ୍ ମଧ୍ୟ ଯୋଗାଇଥାଏ। ଯେଉଁଥିରେ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି' ଏବଂ ବି 6 ଗୁଣ ରହିଛି। ଏହା ବ୍ୟତୀତ ପୋଟାସିୟମ ଏବଂ ମାଙ୍ଗାନିଜ୍ ଭଳି ମିନେରାଲ ମଧ୍ୟ ରହିଛି। କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। କନ୍ଦମୂଳରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଶୀତଋତୁରେ ଆପଣ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ।

ତ୍ୱଚା ପାଇଁ ଲାଭଦାୟକଃ କନ୍ଦମୂଳରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇଥାଏ ଯାହା ସ୍କିନକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଏହା ସ୍କିନକୁ ଫ୍ରି' ରେଡିକାଲ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। କିଛି ପୁରୁଣା ରୋଗକୁ ଠିକ୍ କରିବାରେ ଏହି ଫଳ ସାହାଯ୍ୟ କରିଥାଏ। ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ, ଯେମିତିକି ସିଝାଇ ଖାଇପାରିବେ, ରୋଷେଇରେ ସାମିଲ୍ କରିପାରିବେ ଏବଂ ଏହାକୁ କେହି କେହି ପୋଡିକି ମଧ୍ୟ ଖାଇଥାନ୍ତି। ଏହା ସହ ଏହାକୁ ଖାଇଲେ ଅନେକ ରୋଗରୁ ମଧ୍ୟ ଆରୋଗ୍ୟ ହୋଇପାରିବେ।

ଆଖି ପାଇଁ ଲାଭଦାୟକଃ କନ୍ଦମୂଳରେ ଭିଟାମିନ୍ ଏ' ବହୁତ ପରିମାଣରେ ମିଳିଥାଏ। ଯାହା ଆଖି ପାଇଁ ବେସ୍ ଲାଭ ଦାୟକ ହୋଇଥାଏ। ଏହା ସହ ବିଟା-କ୍ୟାରୋଟିନ୍ ମିଳିଥାଏ ଯାହା ଷ୍ଟ୍ରେସକୁ କମ କରିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ବ୍ଲଡ୍ ପ୍ରେସରକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ।

ଡାଇବେଟିସ୍‌ରେ କନ୍ଦମୂଳ : ଆପଣମାନେ ତ ଜାଣିଥିବେ ସବୁ ଫଳ ଅପେକ୍ଷା କନ୍ଦମୂଳରେ ମିଠାର ପରିମାଣ କମ୍ ଥାଏ। ଯାହାକୁ ଡାଇବେଟିସ୍ ରୋଗୀମାନେ ମଧ୍ୟ ଖାଇପାରିବେ, ଏଥିରେ କୌଣସି ଅସୁବିଧା ହୁଏ ନାହିଁ। ଏହାସହ ଏହାର ଟେଷ୍ଟ ମଧ୍ୟ ବହୁତ ଭଲ ହୋଇଥାଏ। ଯାହାକୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ ଲୋକମାନେ ମଧ୍ୟ ଖାଇଥାନ୍ତି। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଏନର୍ଜି ଲେବୁଲ ବଢ଼ିଥାଏ।

ଓଜନକୁ କମ୍ କରେ 'କନ୍ଦମୂଳ': ଓଜନ କମ କରିବାରେ ସାହାଯ୍ୟ କରିଥାଏ କନ୍ଦମୂଳ। ଆପଣ ଏହାକୁ ଡାଏଟରେ ମଧ୍ୟ ସାମିଲ୍ କରିପାରିବେ। କନ୍ଦମୂଳ ଖାଇବା ଦ୍ୱାରା ଇମ୍ୟୁନିଟି ମଜବୁତ୍ ରହିଥାଏ। ଏଥିରୁ ମିଳୁଥିବା ଭିଟାମିନ୍ ସି' ଏବଂ ଇ' ଆପଣଙ୍କ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ। ଏହା ସହ ଏଥିରେ ମିଠାର ପରିମାଣ କମ୍ ଥିବାରୁ ଓଜନ କମ୍ ହୋଇଯାଇଥାଏ।

ଶ୍ରବଣ ଶକ୍ତିଜନିତ ସମସ୍ୟାର ଉପଚାର

ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ। ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ। ଆମେ ଆଉ ଶୁଣିପାରୁନା ଶ୍ରୁତି ମଧୁର ସଙ୍ଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ। ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶରୀରିକ ବିକଳାଙ୍ଗ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ। ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ। ପିଲାବେଳରୁ ସାଧାରଣତଃ ୫୦%ରୁ ଊର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ। ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡେ଼ରିରେ କହିବା ସହ ପାଟି ଲଗାଇ କହେ। ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ। ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ। ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ। କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ। ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ।

ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣଃ ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା। କାନ ବଧିରା ଲାଗିବା, କାନରେ ରିଂ ରିଂ ଶବ୍ଦ ହେବା। ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତ୍ତି ହୋଇଯିବା ଭଳି ଲାଗିବା। ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି। ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି। କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି ନାହିଁ। କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ। ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ୍ୟ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।

ଚିକିତ୍ସାଃ ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି। ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି। ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି। ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ। ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ୍ୟ ଶୁଣିପାରେ। କିନ୍ତୁ ଶ୍ରବଣଶକ୍ତି ହରାଉଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ। ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶ୍ରୁତିକଟୂ ହୋଇଥାଏ।

ଶ୍ରବଣ ହୀନତାର ଶ୍ରେଣୀ ବିଭାଗଃ

ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ

କଣ୍ଡକ୍ଟିଭ ହିୟରିଂ ଲସ୍ : କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ୍ୟ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ। ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ। ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ।

ସେନ୍ସରୀନ୍ୟୁରାଲ ହିୟରିଂ ଲସ୍: ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ। ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ। ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତ୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ।

ମିକ୍ସଡ୍ ହିୟରିଂ ଲସ୍ : ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଏହା ଅର୍ଥ କର୍ଣ୍ଣର ବର୍ହିପାର୍ଶ୍ୱ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ। ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ। ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ। ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ।

ରକ୍ତଦାନ କରି ଜୀବନ ବଞ୍ଚାଇଲେ ସୌମ୍ୟରଞ୍ଜନ

୧୦ ଥର ରକ୍ତଦାନ କରି ଅନ୍ୟଙ୍କ ପାଇଁ ସାଜିଛନ୍ତି ଜୀବନଦାତା

ମହାକାଳପଡ଼ା, ୩୧।୧୦(ସଂଚାର ବ୍ୟୁରୋ)ଃ ରକ୍ତଦାନ ମହତ୍ ଦାନ। ନିଜର ରକ୍ତଦାନ କରି ଅନ୍ୟର ମୁହଁରେ ହସ ଫୁଟାଇବା ସହ ଜୀବନ ବଞ୍ଚାଇବାରେ ନିଜକୁ ସମର୍ପିତ କରିଛନ୍ତି ଜଣେ ଯୁବକ। ରୋଗୀଙ୍କୁ ଜରୁରୀ ରକ୍ତର ଆବଶ୍ୟକତା ଥିବା ଖବର ପାଇବା ମାତ୍ରେ ସେ ବିଳମ୍ବ ନକରି ହସ୍ପିଟାଲରେ ପହଞ୍ଚି ନିଃସ୍ୱାର୍ଥପର ଭାବେ ରକ୍ତଦାନ କରିଥାନ୍ତି।

ଏଭଳି ଜଣେ ଯୁବ ସଚେତନ ନାଗରିକ ହେଉଛନ୍ତି ମହାକାଳପଡ଼ା ବ୍ଲକ ରାଜଗଡ଼ ପଞ୍ଚାୟତ ଅନ୍ତର୍ଗତ ଡିଆଁ ରାଜଗଡ଼ ଗ୍ରାମର କଳ୍ପତରୁ ଓଝାଙ୍କ ୩୦ ବର୍ଷୀୟ ପୁତ୍ର ସୌମ୍ୟରଞ୍ଜନ ଓଝା। ଆଜି ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଜଣେ ରୋଗୀଙ୍କୁ ଜରୁରୀ ରକ୍ତର ଆବଶ୍ୟକତା ଥିବା ଜାଣିବାକୁ ପାଇ ସେ ତୁରନ୍ତ ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରିଥିଲେ। ଏହାକୁ ମିଶାଇ ସୌମ୍ୟରଞ୍ଜନ ଏଯାବତ୍ ୧୦ ଥର ରକ୍ତଦାନ କରିସାରିଛନ୍ତି। ତାଙ୍କର ଏହି ମହତ୍ କାର୍ଯ୍ୟ ଅନେକ ଅସହାୟ ରୋଗୀଙ୍କ ପାଇଁ ଆଶାର ଆଲୋକ ସାଜିଛି। ନିଜର ଏହି ନିଃସ୍ୱାର୍ଥପର ସେବା ଓ ମାନବିକତା ପାଇଁ ସୌମ୍ୟରଞ୍ଜନ ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଛନ୍ତି। ଏ ଜୀବନ ଭଗବାନଙ୍କ ଦାନ।ତେଣୁ ଏ ରକ୍ତ ମାଂସ ଶରୀରର ଆଜି ଅଛି କାଲିକୁ ନଥିବ। ଯେତିକି ଦିନ ବଞ୍ଚିଛେ ଅନ୍ୟ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ପ୍ରୟାସ କରିଲେ ମଣିଷ ଜୀବନ ସାର୍ଥକ ହୋଇ ପାରିବ ବୋଲି ସେ କହିଛନ୍ତି।

ପୁଲିସ ପକ୍ଷରୁ ଏକତା ଦୌଡ଼

ପଟ୍ଟାମୁଣ୍ଡାଇ, ୩୧।୧୦(ସଂଚାର ବ୍ୟୁରୋ)ଃ ସାରା ଭାରତରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହେଉଥିବାବେଳେ କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ରାଷ୍ଟ୍ରୀୟ ଏକତା ସମ୍ପର୍କରେ ଯୁବ ଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକତା ଦୌଡ଼ ଆୟୋଜନ କରାଯାଇଥିଲା । ଏହି ଦୌଡ଼ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲା । ଏଥିରେ ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ରାଷ୍ଟ୍ରୀୟ ଏକତା ଦୌଡ଼ରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୋଲିସ ପକ୍ଷରୁ ଟି ସାର୍ଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଏମ ଏନ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁ ଶିକ୍ଷୟତ୍ରୀ ଅନିତା ଧଳ ସମାଜସେବୀ ବିନୋଦ ଦାସ ଓ ବୋଷ ବାବୁଙ୍କ ସମେତ ଥାନା କର୍ମଚାରୀ ପରିଚାଳନା କରିଥିଲେ ।

ଗଜେଶ୍ୱର ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ମହାକାଳପଡ଼ା, ୩୦।୧୦ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି କୃପାସିନ୍ଧୁ ଗୁରୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ମହାକାଳପଡ଼ା ବ୍ଲକର ଏବିଇଓ ବିଚିତ୍ରାନନ୍ଦ ସାମଲ, ମୀନତି ସେଠୀ, ରୋଜାଲିନ ବେହେରା, ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଅମିୟ କୁମାର ଚୌଧୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିତର୍କ, ବକ୍ତୃତା, କୁଇଜ୍, ଓଡ଼ିଆ ହସ୍ତାକ୍ଷର, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ଦଳଗତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା।

ଅନ୍ତେଇ ବିଜୁ ପଟ୍ଟନାୟକ କଲେଜରେ ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କୁ ସମ୍ବର୍ଦ୍ଧନା

ମାର୍ଶାଘାଇ,୩୧।୧୦(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ ଅନ୍ତେଇସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ମୁଖ୍ୟ କିରାଣି ନିରଞ୍ଜନ ପରିଡ଼ାଙ୍କ ଅବସର ଉପଲକ୍ଷେ ଶନିବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପରିଡ଼ାଙ୍କ ଦୀର୍ଘଦିନର କର୍ମମୟ ଜୀବନ ଓ ମହାବିଦ୍ୟାଳୟ ପ୍ରତି ତାଙ୍କର ନିଷ୍ଠାପର ସେବାକୁ ସ୍ମରଣ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ସମୟରୁ ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ ଆରମ୍ଭ କରି ସେ ନିଜର ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ବଳରେ ଅନୁଷ୍ଠାନର ଉନ୍ନତି ତଥା ଅଞ୍ଚଳର ସୁନାମ ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଥିବା କହିଥିଲେ। ଏଥିସହ ତାଙ୍କର ନିରନ୍ତର ସେବା ଓ ସମର୍ପଣ ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ।

ସଭାରେ ଶ୍ରୀ ପରିଡ଼ାଙ୍କୁ ଉତ୍ତରୀୟ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଚିନ୍ମୟ ରାଉତରାୟ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ, ଦେବଦତ୍ତ ବେହେରା, ଶୁଭେନ୍ଦ୍ର ବିଶ୍ୱାଳ, ଭାଗବତ ହେମ୍ବ୍ରମ, ହରେକୃଷ୍ଣ ବାରିକ, ବିଶ୍ୱରଞ୍ଜନ ପରିଡ଼ା, ବରିଷ୍ଠ କିରାଣି ମନୋରଞ୍ଜନ ମହାପାତ୍ର, ତଥ୍ୟ ପ୍ରବେଶ ଅଧିକାରୀ ଚିନ୍ମୟ ଦାସ ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଦେଶ ପାଇଁ ଏକତା, ମାଟି ପାଇଁ ଶପଥ

ରାଷ୍ଟ୍ରୀୟ ଏକତା ଦିବସ

ଛାତ୍ରଛାତ୍ରୀଙ୍କୁ ଏକତାର ଶପଥ

ପୁଲିସ କେବଳ ଆଇନ ରଖେନି, ସମାଜ ଯୋଡ଼େ



କାକଟପୁର /ଅସ୍ତରଙ୍ଗ,୩୧।୧୦ (ସଂଚାର ବ୍ୟୁରୋ)ଃ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ ସାମୁଦ୍ରିକ ଥାନା ପରିସରରେ ଏକ ନିଆରା ଓ ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ଯେଉଁଠି ସାଧାରଣତଃ ଅପରାଧ, ଅଭିଯୋଗ, ଏଫଆଇଆର ଓ ଆଇନ ଶୃଙ୍ଖଳା କଥା ଶୁଣିବାକୁ ମିଳେ, ସେଠି ଗୁଞ୍ଜରିତ ହେଉଛି ଏକ ଭାରତ ଶ୍ରେଷ୍ଠ ଭାରତର ମହାମନ୍ତ୍ର। ସାଧାରଣ ଦିନରେ ଥାନାର ଚିତ୍ର ସମ୍ପୂର୍ଣ୍ଣ ଅଲଗା ଥାଏ, କିନ୍ତୁ ଆଜି ଥାନା ପାଲଟିଛି ଏକତାର ମନ୍ଦିର। ସମୁଦ୍ର ଗର୍ଜନ ସହ ମିଶି ଯାଇଛି ଦେଶଭକ୍ତିର ସ୍ୱର।

ଆଜି ଅକ୍ଟୋବର ୩୧ ତାରିଖ ସାରା ଦେଶ ଯେତେବେଳେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ କରୁଛି, ସେତେବେଳେ ଅସ୍ତରଙ୍ଗ ବ୍ଲକ ନୂଆଗଡ ସାମୁଦ୍ରିକ ଥାନାରେ ମଧ୍ୟ ଧୁମଧାମରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ କେବଳ ଏକ ଜନ୍ମ ଜୟନ୍ତୀ ନୁହେଁ, ଏହା ହେଉଛି ଦେଶର ଅଖଣ୍ଡତା, ଏକତା ଓ ସାର୍ବଭୌମତ୍ୱକୁ ମନେ ପକାଇବାର ପବିତ୍ର ଦିନ। ଭାରତ ସରକାର ୨୦୧୪ ମସିହାରୁ ଅକ୍ଟୋବର ୩୧କୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରି ଆସୁଛନ୍ତି। ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜୁରାଟର ଜନ୍ମିତ ସର୍ଦ୍ଦାର ପଟେଲ ଦେଶର ପ୍ରଥମ ଗୃହମନ୍ତ୍ରୀ ଓ ଉପ-ପ୍ରଧାନମନ୍ତ୍ରୀ ଭାବେ ନିଜର ଲୌହ ସଂକଳ୍ପ ବଳରେ ୫୬୨ଟି ଛୋଟ ବଡ ଗଡଜାତ ରାଜ୍ୟକୁ ଏକାଠି କରି ଅଖଣ୍ଡ ଭାରତ ଗଢିଥିଲେ। ସ୍ୱାଧୀନ ଭାରତର ଏକତା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେଥିପାଇଁ ତାଙ୍କୁ ଭାରତର ବିସ୍ମାର୍କ ଓ ଲୌହ ମାନବ କୁହାଯାଏ। ତାଙ୍କ ସମ୍ମାନାର୍ଥେ ଗୁଜୁରାଟର ନର୍ମଦା ନଦୀ କୂଳରେ ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ ୟୁନିଟି ସ୍ଥାପିତ ହୋଇଛି।

ଏହି ପରିପ୍ରେକ୍ଷୀରେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟ ଅତିଥି ଶିକ୍ଷାବିତ୍ ସମ୍ପଦ କୁମାର ପାଢ଼ୀ, ବରିଷ୍ଠ ଶିକ୍ଷାବିତ୍ କୁଳମଣୀ ପାଣିଗ୍ରାହୀ, ସମାଜସେବୀ ଲକ୍ଷ୍ମଣ କାଣ୍ଡି, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଚନ୍ଦ୍ର ଦାଶ, ମାଷ୍ଟର ବିପ୍ରଚରଣ ସ୍ୱାଇଁ, ଏଏସଆଇ ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଅଞ୍ଚଳର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଥାନାର ଅନ୍ୟ କର୍ମଚାରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପୁଷ୍ପାଞ୍ଜଳି ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତେ ହାତ ଉଠାଇ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଆମେ ଦେଶର ଏକତା ପାଇଁ ନିଜକୁ ଉତ୍ସର୍ଗ କରିବୁ ଓ ଏହି ସଂକଳ୍ପକୁ ନିଜ ଚାରିପାଖରେ ପ୍ରଚାର କରିବୁ ବୋଲି ସମସ୍ତେ ଏକ ସ୍ୱରରେ ଶପଥ ନେଇଥିଲେ। ଏହି ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା। ସମସ୍ତଙ୍କ ମୁହଁରେ ଦେଶପ୍ରେମର ଭାବ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, କବିତା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏକତା ବିଷୟକ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଗଡ ଥାନା ଅଧିକାରୀ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ କହିଥିଲେ, ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଆଜିର ଯୁବପିଢ଼ୀ ପାଇଁ ପ୍ରେରଣା। ପୋଲିସ ଓ ଜନତାର ମିଳିତ ସହଯୋଗରେ ହିଁ ସମାଜରେ ଶାନ୍ତି ଓ ଏକତା ପ୍ରତିଷ୍ଠା ହୋଇପାରିବ। ପୋଲିସ କେବଳ ଆଇନ ରକ୍ଷା କରେନି, ସମାଜକୁ ଯୋଡେ ମଧ୍ୟ। ସମୁଦ୍ର କୂଳର ସୁରକ୍ଷା ସହ ଦେଶର ଏକତା ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଛାତ୍ରଛାତ୍ରୀମାନେ ଦେଶ ପ୍ରେମରେ ଉଦବୁଦ୍ଧ ହେବା ଦରକାର। ଶିକ୍ଷାବିତ୍ ମାନେ ମଧ୍ୟ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଏକତାର ମହତ୍ୱ ବୁଝାଇଥିଲେ। ସାମୁଦ୍ରିକ ଅଞ୍ଚଳରେ ପୋଲିସର ଏଭଳି ଜନ-ସଚେତନତା କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ଭୂରି ଭୂରି ପ୍ରଶଂସା କରିଛନ୍ତି। ବଙ୍ଗୋପସାଗର କୂଳରୁ ଏକତାର ଏହି ବାର୍ତ୍ତା ସାରା ଅସ୍ତରଙ୍ଗ ପାଇଁ ଏକ ଉଦାହରଣ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଜାତୀୟ ଏକତା ଦିବସରେ ଶପଥପାଠ, ଦୁର୍ନୀତି ବିରୋଧୀ ସଚେତନତା ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୩୧।୧୦ (ସଂଚାର ବ୍ୟୁରୋ)ଃ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଭାବନାକୁ ସୁଦୃଢ଼ କରିବା ସହ ଦୁର୍ନୀତିମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରସାର ଉପରେ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ଜିଲ୍ଲାସ୍ତରୀୟ ଶପଥପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଜାତୀୟ ଏକତା, ଅଖଣ୍ଡତା ଓ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ରକ୍ଷା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ କରାଇଥିଲେ। ସର୍ଦ୍ଦାର ପଟେଲଙ୍କ ଦେଶ ପ୍ରତି ଅବଦାନକୁ ସ୍ମରଣ କରିବା ସହ ଜାତୀୟ ସଂହତି ରକ୍ଷାରେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଭିଜିଲାନ୍ସ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣ, ଡେପୁଟି କଲେକ୍ଟର ଶୁଭଦର୍ଶିନୀ ଦାସ, ଚିନ୍ମୟୀ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

ସେହିପରି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ଜାତୀୟ ଏକତା ଦିବସକୁ ଆଧାର କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଦୁର୍ନୀତି ସମାଜର ବିକାଶରେ ଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଏହାର ନିରାକରଣ ପାଇଁ ପ୍ରଶାସନ ସହ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା।

ଇବ୍ ନଦୀରେ ଭାସିଗଲେ ଜଣେ ଯୁବକ

ଅଗ୍ନିଶମ ବାହିନୀର ସର୍ଚ୍ଚ ଅପରେସନ ଜାରି

ସୁନ୍ଦରଗଡ଼,୩୧।୧୦ (ସଂଚାର ବ୍ୟୁରୋ)ଃ ଏକ ଅଭାବନୀୟ ଘଟଣା ସୁନ୍ଦରଗଡ଼ ଜିଲ୍ଲା କଇଁତରା ଟୁଁଗୁରିପଡ଼ା ଗାଁର ଜଣେ ମାନସିକ ଅସୁସ୍ଥ ଯୁବକ ଇବ୍ ନଦୀର ପ୍ରଖର ସ୍ରୋତରେ ଭାସିଗଲେ । ଯୁବକ ଜଣକ ଭାସିଯାଉଥିବା ବେଳେ ଉପସ୍ଥିତ ଲୋକେ ଭିଡିଓ ଉତ୍ତୋଳନ କରିଥିଲେ, କିନ୍ତୁ ତାଙ୍କୁ ଉଦ୍ଧାର କରିବାକୁ କେହି ସାହସ ଜୁଟାଇ ପାରିନଥିବା ଜଣାପଡ଼ିଛି।

ଖବର ପାଇ ସୁନ୍ଦରଗଡ଼ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଝାରସୁଗୁଡ଼ା ଜିଲ୍ଲାର ତାଳପଟିଆ ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ମାତ୍ର ଯୁବକଙ୍କ କୌଣସି ପତ୍ତା ମିଳିନଥିଲା। ଅନ୍ଧାର ହେବାରୁ ସର୍ଚ୍ଚ ଅପରେସନ ବନ୍ଦ ରଖାଯାଇଥିବା ସୁନ୍ଦରଗଡ଼ ଅଗ୍ନିଶମ ବାହିନୀ ସୂଚନା ଦେଇଛି।

ବନ୍ୟାରେ ୧୦ କୃଷ୍ଣସାର ଉଦ୍ଧାର, ୨ ମୃତ

ଗଂଜାମ,୩୧।୧୦ (ସଂଚାର ବ୍ୟୁରୋ)ଃ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଋଷିକୁଲ୍ୟା ନଦୀରେ ବନ୍ୟାଜଳ ବୃଦ୍ଧି ଯୋଗୁଁ ଗଞ୍ଜାମ ବ୍ଲକ୍‌ର ବନ୍ୟାଞ୍ଚଳରେ କେତେକ କୃଷ୍ଣସାର ମୃଗ ଭାସିଯାଉଥିବା ଦେଖାଯାଇଥିଲା। ଏହି ସମୟରେ ପୁରୁଷୋତ୍ତମପୁର ବ୍ଲକ୍‌ର ବାଲିଆ ଅଞ୍ଚଳରୁ ୧୦ଟି କୃଷ୍ଣସାରଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଦୁଇଟିର ମୃତ୍ୟୁ ହୋଇଛି। ବ୍ରହ୍ମପୁର ଅଗ୍ନିଶମ ବାହିନୀ, ରମ୍ଭା ବନାଞ୍ଚଳର ବିରିଲୁଗଡ଼ ବିଟ୍ କର୍ମଚାରୀ, ସ୍ଥାନୀୟ ଲୋକ ଏବଂ SFF, Southern Range, Brahmapurର ଚାରିଜଣିଆ ଟିମ୍ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏଥିସହ ରମ୍ଭା, ପୁରୁଷୋତ୍ତମପୁର ଓ ଖଲ୍ଲିକୋଟ ଫରେଷ୍ଟରମାନେ ମଧ୍ୟ ସହଯୋଗ କରିଥିଲେ। ଏନେଇ ରମ୍ଭା ବନାଞ୍ଚଳର ରେଞ୍ଜର କୁଳେଶ କୁମାର ସାହୁ ସୂଚନା ଦେଇଛନ୍ତି।

ଉଦ୍ଧାର ହୋଇଥିବା କୃଷ୍ଣସାରଙ୍କୁ ଖଲ୍ଲିକୋଟ ବନାଞ୍ଚଳ ଅଧୀନ ଚିକିଲି ଜଙ୍ଗଲରେ ଛଡ଼ାଯାଇଛି। ସେଥିମଧ୍ୟରୁ ସାମାନ୍ୟ ଆହତ ହୋଇଥିବା ଗୋଟିଏକୁ ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯାଇଥିଲା। ମୃତ ଦୁଇଟିର ଶବ ଖଲ୍ଲିକୋଟ ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି।

ଗତକାଲି ଉମୁରି ଖଟିଆ ନିକଟରେ ୧୫ରୁ ୨୦ଟି ଏବଂ ଖଣ୍ଡିଦେଉଳ ରାସ୍ତାରେ ୬ଟି କୃଷ୍ଣସାରଙ୍କୁ ସ୍ଥାନୀୟ ଲୋକେ ଦେଖିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ପ୍ରସାର ହେବା ପରେ ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

ବନ ବିଭାଗର ଫେବୃଆରୀ ୨୦୨୬ ଗଣନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ୯,୨୮୭ଟି କୃଷ୍ଣସାର ମୃଗ ରହିଛନ୍ତି। ସେଥିମଧ୍ୟରେ ୫,୮୩୨ଟି ମାଈ, ୨,୧୦୪ଟି ପୁରୁଷ ଓ ୧,୩୫୧ଟି ଶାବକ ଅଛନ୍ତି। ୨୦୨୫ ଜାନୁଆରୀରେ ଏହି ସଂଖ୍ୟା ୮,୭୮୯ ଥିଲା।

ସୀମାନ୍ତ ଗ୍ରାମରେ ହାତୀ ଆତଙ୍କ

ରାଇଘର,୩୧।୧୦ (ସଂଚାର ବ୍ୟୁରୋ)ଃ କୁନ୍ଦେଇ ବନବିଭାଗ କାର୍ଯ୍ୟାଳୟ ଅଧୀନରେ ଥିବା ଖୁଡୁକ ପଞ୍ଚାୟତ କଲାରପାରା ଗ୍ରାମ୍ୟ ଜଙ୍ଗଲ ରେ ହାତୀକୁ ନେଇ ଅଞ୍ଚଳ ବାସୀ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି।

ବନବିଭାଗ କହିବା ଅନୁଯାୟୀ ସକାଳ ପ୍ରାୟ ୮ଟା ସମୟରେ ୱାଇଲଡ ଲାଇଫ ଗାର୍ଡ କର୍ମଚାରୀ ପେଟ୍ରୋଲିଙ୍ଗ କରିବା ସମୟରେ ରାଜପୁର ନିକଟରେ ଚାଷ ଜମିରେ ହାତୀ ପାଦ ଚିହ୍ନ ଦେଖିବାକୁ ପାଇଥିଲେ । ଚିହ୍ନ ଦେଖି ଟ୍ରାକ କରି ଜାଣିପିବାକୁ ପାଇଲେ କଲାରପାରା ଗ୍ରାମ୍ୟ ଜଙ୍ଗଲ ରେ ହାତୀ ଅଛନ୍ତି ।କିନ୍ତୁ କେତେଟା ହାତୀ ଆସିଛନ୍ତି ତାହା ଜାଣିବାକୁ ଡ୍ରନ କ୍ୟାମେରା ମଗାଇ ଦେଖିଥିଲେ ।ଜଙ୍ଗଲ ଘଞ୍ଚ ହୋଇଥିବାରୁ କିଛି ଜଣାପଡ଼ିନଥିଲା ହାତୀର ସନ୍ଧାନ । ଏହାପରେ ବନବିଭାଗ କର୍ମଚାରୀ ମାନେ ଜଙ୍ଗଲ ଭିତରକୁ ପ୍ରବେଶ କରି ସନ୍ଧ୍ୟା ପ୍ରାୟ ୬.୩୦ ମିନିଟ ରେ ଜଙ୍ଗଲ ମଧ୍ୟରେ ଥିବା ପୋଖରୀ ନିକଟରେ ତିନୋଟି ହାତୀ ଦେଖିବାକୁ ପାଇଥିଲେ । ଏହାପରେ ବାଣ ଫୁଟାଇ ଶବ୍ଦ କରି ହାତୀ ତିନୋଟି ଛତିଶଗଡ଼ ଜଙ୍ଗଲ କୁ ଚିଡେଇପାଣି ଦେଇ ଗୋଡ଼ାଇବାକୁ ଚେଷ୍ଟା କରିଥିଲେ।। କିନ୍ତୁ ହାତୀ ତିନୋଟି ନଯାଇ ପୁଣିଥରେ କଲାରପାରା ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ ।

ବର୍ତ୍ତମାନ ସୁଦ୍ଧା ହାତୀ ତିନୋଟି ଜଙ୍ଗଲରେ ଥିବାବେଳେ ବନବିଭାଗ କର୍ମଚାରୀମାନେ ଜଙ୍ଗଲକୁ ଚାରିପଟୁ ଘେରି ରହିଥିବା ଭବାନୀ ବିଶୋଇ ପ୍ରକାଶ କରିଛନ୍ତି ।କୁନ୍ଦେଇ ଫରେଷ୍ଟର ପର୍ଶୁ ହରିଜନ ,ରାଇଘର ଫରେଷ୍ଟର ଅନିରୁଦ୍ଧ ବିଶ୍ୱାଳ ,ଦିପକ ପ୍ରଧାନ ,ବୈକୁଣ୍ଠ ପ୍ରଧାନ ,ବୁଧେସ୍ୱର ପ୍ରଧାନ ଙ୍କ ସମେତ ରାଇଘର ରେଞ୍ଜ ର ସମସ୍ତ କର୍ମଚାରୀ ନିୟୋଜିତ ଥିବା ବେଳେ ଖୁଡୁକ ସରପଞ୍ଚ ଦୟାନନ୍ଦ ଗଣ୍ଡ ସହଯୋଗ କରୁଥିବା ଦେଖିବାକୁ ମିଳିଛି ।

ଏକତାର ଶପଥ ନେଲା କୋରାପୁଟ

ଦୁର୍ନୀତି ବିରୋଧରେ ସଚେତନତାର ବାର୍ତ୍ତା

କୋରାପୁଟ,୩୧।୧୦ (ସଂଚାର ବ୍ୟୁରୋ)ଃ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ସହ ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଇ କୋରାପୁଟରେ ପାଳିତ ହୋଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ଜାତୀୟ ଏକତା ଦିବସ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ସହ ଶପଥ ପାଠ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ହାତରେ ସଚେତନତାର ବାର୍ତ୍ତା ଓ ମନରେ ଏକତାର ଭାବନା ନେଇ ଏଥିରେ ସାମିଲ ହୋଇଥିଲେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଏନ୍‌ସିସି କ୍ୟାଡେଟ୍, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ। ଶୋଭାଯାତ୍ରାଟି ସହର ପରିକ୍ରମା କରି ସଦ୍‌ଭାବନା ସଭାଗୃହରେ ପହଞ୍ଚିଥିଲା। ସେଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଦେଶର ଅଖଣ୍ଡତା ଓ ଏକତା ପ୍ରତିଷ୍ଠାରେ ପଟେଲଙ୍କ ଅବଦାନକୁ ସ୍ମରଣ କରିବା ସହ ତାଙ୍କର ମହାନ ବାଣୀକୁ ଉଦ୍ଧାର କରାଯାଇଥିଲା। ଏହାପରେ ଉପସ୍ଥିତ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅନ୍ୟ ଅଂଶଗ୍ରହଣକାରୀ ଜାତୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଶପଥ ନେଇଥିଲେ।

ସେହିପରି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଯାଇଥିଲା। ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ସତ୍ୟନିଷ୍ଠା ବଜାୟ ରଖିବା ସହ ନିଜ ଦାୟିତ୍ୱକୁ ନିରପେକ୍ଷ ଓ ନିଷ୍ଠାର ସହ ତୁଲାଇବାକୁ ସମସ୍ତେ ସଂକଳ୍ପ ନେଇଥିଲେ। କେବଳ ଶପଥରେ ସୀମିତ ରହିନଥିଲା କାର୍ଯ୍ୟକ୍ରମ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜୟପୁର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, କୋରାପୁଟ ଏସ୍‌ପି ରୋହିତ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ସବର, ପିଏ ଆଇଟିଡିଏ ସ୍ନେହପ୍ରଭା ମାଝୀ ଓ ତୃପ୍ତି ବାରାଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଭିଜିଲାନ୍ସ ବିଭାଗର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାରିପଦା,୩୧।୧୦ (ସଂଚାର ବ୍ୟୁରୋ)ଃ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସାମୂହିକ ରାଷ୍ଟ୍ରୀୟ ଏକତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦେଶର ଜଣେ ମହାନ ରାଷ୍ଟ୍ରନାୟକ ତଥା ଜାତୀୟ ଏକତାର ପ୍ରତୀକ ଭାବେ ସ୍ମରଣ କରିଥିଲେ । ଦେଶର ଏକତା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଓ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଉଲ୍ଲେଖ କରିବା ସହ ଏକ ସୁଦୃଢ଼ ଓ ଏକତାବଦ୍ଧ ରାଷ୍ଟ୍ର ଗଠନ ପାଇଁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ ।

ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ନବରଙ୍ଗପୁର,୩୧।୧୦ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପଞ୍ଚାୟତ ବିଭାଗର ଉପ ବିଭାଗୀୟ ଅଧିକାରୀ କୈଳାଶ ଚନ୍ଦ୍ର ଦାସ ଷାଠିଏ ବର୍ଷ ବୟସରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବା ଅବସରରେ ଜିଲ୍ଲାପାଳ ନବରଙ୍ଗପୁର ମଧୁମିତାଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।

ଶ୍ରୀ ଦାସଙ୍କ ସର୍ବମୋଟ ୨୯ ବର୍ଷ ଦୁଇ ମାସ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାର ନବରଙ୍ଗପୁର ତହସିଲ, ଡାବୁଗାଁ ତହସିଲ, ପାପଡାହାଣ୍ଡି ତହସିଲ, ତେନ୍ତୁଳୀଖୁଣ୍ଟି ତହସିଲ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଫଳତାର ସହିତ କାର୍ଯ୍ୟ କରିବା ସହ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟରେ ଲିପ୍ତ ଥିଲେ । ଏହି ଭବ୍ୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଦାସଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପେନସନ ପେପର ପ୍ରଦାନ କରାଯାଇ ଥିଲା । ବିଦାୟ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଦାସଙ୍କ ବିଭିନ୍ନ ଗୁଣ ଗାନ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ସହ ପରିବାର ସହିତ ବାକି ସମୟ ଶୁଭଙ୍କର ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

ଏଥି ସମ୍ବର୍ଦ୍ଧନା ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଲୋକସାହିତ୍ୟ ଓ ସଂସ୍କୃତି ଓଡିଆ ଜାତିର ପରିଚୟଃ ବିଶେଷଜ୍ଞ ଅରବିନ୍ଦ ପଟ୍ଟନାୟକ

ନୀଳଗିରି,୩୧।୧୦ (ସଂଚାର ବ୍ୟୁରୋ)ଃ ଲୋକସଂସ୍କୃତିକୁ ଛାଡ଼ି ଓଡ଼ିଆର ପରିଚୟ ନାହିଁ । ଧର୍ମବିଶ୍ୱାସ କଦାପି ଅନ୍ଧବିଶ୍ୱାସ ନୁହେଁ । ଲୋକ ସଂସ୍କାରକୁ ଛାଡ଼ି ହେବନାହିଁ। ଲୋକ ପରମ୍ପରା ଓ ଲୋକ ସଂସ୍କୃତି ସର୍ବଦା ଭିନ୍ନ । ଫୋକ୍ ଲର୍ ର ଅଂଶ ହେଉଛି ଲୋକସଂସ୍କୃତି । କ୍ଷେତ୍ର ଅଧ୍ୟୟନ ବିନା ଲୋକ ସାହିତ୍ୟ ଅଧ୍ୟୟନ ଏକ ମୂର୍ଖାମୀ। ଲୋକ ସଂସ୍କୃତିର ଏକ ଅଂଶ ହେଉଛି ଲୋକ ସାହିତ୍ୟ । ଲୋକ ସାହିତ୍ୟରୁ ଲିଖିତ ସାହିତ୍ୟର ବିକାଶ । ଭାଷା ଅଧ୍ୟୟନ ପାଇଁ ଲୋକସାହିତ୍ୟ ଅଧ୍ୟୟନ ଜରୁରୀ । ଲୋକ ବଞ୍ଚିବା ପାଇଁ ପରିବେଶ ଲୋଡ଼ା । ଲୋକ ସାହିତ୍ୟ ଓ ଲୋକ ସାହିତ୍ୟ ଗବେଷଣା ଭିନ୍ନ କଥା । ଆଧୁନିକତାରେ ହଜି ବସିଛି ଲୋକ ସାହିତ୍ୟ ପରଂପରା । ଲୋକ ସଂସ୍କୃତିରେ ବିଶ୍ୱକୋଷୀୟ ଉପାଦେୟତା ନିହିତ ଅଛି। ଲୋକଧର୍ମ ଏକ ବହୁମୁଖୀ ସଂରଚନା । ଲୋକ ସଂସ୍କୃତିର ଗ୍ରନ୍ଥଗୁଡ଼ିକ ଗୋଟିଏ ଗୋଟିଏ ଜ୍ଞାନକୋଷ । ସହରୀକରଣ, ବଜାରୀକରଣ ଓ ଭୂମଣ୍ଡଳୀକରଣର ଉତ୍ତାପରେ ଆଜି ଲୋକ ସଂସ୍କୃତି ସଙ୍କୁଳି ହେଉଛି। ଲୋକାନୁଭବ ତଥା ବିଶ୍ୱାସ ଆଧାରରେ ପ୍ରବାଦ,ପ୍ରବଚନ, ଢଗଢମାଳି, ଲୋକବାଣୀ ହେଉଛି ଲୋକସାହିତ୍ୟର କେତୋଟି ଦିଗ । ଲୋକସାହିତ୍ୟ ମୌଖିକ ଅଟେ । ବୃଦ୍ଧବୃଦ୍ଧା ଏହାର ଭଣ୍ଡାର । ଲୋକ ସାହିତ୍ୟର ସଂଗ୍ରହ ଓ ଗବେଷଣା ଜରୁରୀ । ସର୍ବୋପରି ଜାତିପ୍ରୀତି ଓ ସଂସ୍କୃତିପ୍ରୀତି ରହିଲେ ଲୋକସାହିତ୍ୟରେ କାର୍ଯ୍ୟ କରିବା ସହଜ ହେଉବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ୧୩୫ତମ ଆଭାସୀ ପାଠଚକ୍ରରେ ଏକବିଂଶ ଶତାବ୍ଦୀରେ ଲୋକସାହିତ୍ୟର ଅସ୍ମିତା ଓ ପ୍ରାସଙ୍ଗିକତା ଶୀର୍ଷକରେ ଅତିଥି ଆଲୋଚକ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ଓ ବିଶେଷଜ୍ଞ ଅରବିନ୍ଦ ପଟ୍ଟନାୟକ ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜ୍ୟୋତିପ୍ରଭା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।